


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-133 •SUNDAY •9 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୩୩ •ରବିବାର •୯ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)

**ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ଅଘଟଣ**

# ଦଳାଚକଟା ପାଇଁ ପୁଲିସ ଦାୟୀ

## ୭ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

■ **ଭୁବନେଶ୍ୱର/ପୁରୀ, ୮।୧୧ (ସମିସ):** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣା ପାଇଁ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରିଛି ତଦନ୍ତ କମିଟି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ସୁପାରିସ କରିଛି। ଏହି ସୁପାରିସକୁ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ପୁଲିସ ଡିଜି ଏବଂ ଆଇଜିଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣରେ ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ବ୍ୟବସ୍ଥା ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ଏହାକୁ ଉପକରଣ ଯୋଗାଇଥିବା ଠିକା ସଂସ୍ଥା ମେସର୍ସ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆକୁ କଳା ତାଲିକାଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି।

**ପୁଲିସ ଡିଜି ଓ ଆଇଜିଙ୍କୁ ଗୃହ ବିଭାଗର ଚିଠି**

**କଳା ତାଲିକାଭୁକ୍ତ ହେବ ଇନ୍‌ଭେଣ୍ଟ ଗ୍ରୀଡ୍ ଇଣ୍ଡିଆ**


**ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ**



ସୂଚନାଯୋଗ୍ୟ, ଗତ ଜୁନ୍ ୨୯ ତାରିଖ ଭୋର ସମୟରେ ଦଳାଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। ଏହି ଘଟଣାରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନେତୃତ୍ୱରେ ପ୍ରଶାସନିକ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଘଟଣାର ତଦନ୍ତ ସାରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଏହି ଅଘଟଣ ପାଇଁ ଏକାଧିକ କାରଣ ଦର୍ଶାଯାଇଥିବା ବେଳେ ମୋଟ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଏହି ଅଧିକାରୀମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ(ଓଏପିଏସ), ଡିସିପି ବିଷ୍ଣୁ ପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ (ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ), ଡେପୁଟି କମାଣ୍ଡାଣ୍ଟ କେ କେ ନାୟକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, କୁମ୍ଭାରପଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ (ଡିଏସ୍‌ପି) ଓ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ। ଏମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ▶ପୃଷ୍ଠା-୭

**କଟକ ମଣିସାହୁ ଛକ ପ୍ରାଚୀ ଆପାର୍ଟମେଣ୍ଟରେ ଅଘଟଣ**

# ବାଲ୍‌କୋନୀ ଭୁଶୁଡ଼ି ବାପା- ମା'-ପୁଅ ମୃତ





■ **କଟକ, ୮।୧୧ (ସମିସ):** କଟକ କ୍ୟାଣ୍ଟନମେଣ୍ଟ ଥାନା ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଚୀ ଏନ୍‌କ୍ଲେଭ୍‌ରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଏହି ପୁରାତନ ଆପାର୍ଟମେଣ୍ଟର ଜି-୫ ଫ୍ଲାଟ୍‌ର ବାଲକୋନୀ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାଲକୋନୀଟି ଭୁଶୁଡ଼ି ତଳେ ଥିବା ଏକ ଆଜବେଷ୍ଟସ୍ ଘର ଉପରେ ପଡ଼ିବାରୁ ଏହି ଅଘଟଣ ଘଟିଛି। ସେହି ଘରେ ରହୁଥିବା ପରିବାରର ବାପା, ମା' ଓ ଶିଶୁପୁତ୍ରର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ହେଲେ, ଅବଦୁଲ୍ ଜଲିଲ୍ (୬୦), ଅବଦୁଲ୍ ମୁଜାହିଦ୍ (୪) ଏବଂ ରେହେମାତୁନ୍ ନିଶା (୫୦)। ପରିବାରର ଅନ୍ୟ ୪ ସଦସ୍ୟ ଅବଦୁଲ୍ ଜାହିଦ୍ (୩୦), ସହିନା ବେଗମ୍ (୨୯), ରିହାନ ଖାନ (୮) ଏବଂ ଅବଦୁଲ୍ ରହେମାନ (୩) ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଏସ୍‌ସିବି ବଡ଼ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ▶ପୃଷ୍ଠା-୭


**ପରିବାରର ୪ ସଦସ୍ୟ ଗୁରୁତର, ଏସ୍‌ସିବିରେ ଭର୍ତ୍ତି**

**ବିପଦସଙ୍କୁଳ ଅବସ୍ଥାରେ ଥିଲା ପୁରାତନ ଫ୍ଲାଟ୍**

# ଡିସେମ୍ବର ୧ରୁ ସଂସଦର ଶୀତକାଳୀନ ଅଧିବେଶନ

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଆସନ୍ତା ଡିସେମ୍ବର ପହିଲା ତାରିଖରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମୋଟ୍ ୧୫ ଦିନର କାର୍ଯ୍ୟଦିବସ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ 'ଏକ୍ସ' ଜରିଆରେ ଏହି ସୂଚନା ଦେଇଛନ୍ତି। ତେବେ ଶୀତ ଅଧିବେଶନକୁ ବିଳମ୍ବରେ ଏବଂ ପୁଣି କମ୍ ସମୟ ପାଇଁ ଆହ୍ୱାନ କରାଯାଇଥିବାରୁ ବିରୋଧୀ ଦଳ ଏହାର ତୀବ୍ର ସମାଲୋଚନା କରିଛନ୍ତି।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି ଯେ ୧ ତାରିଖରୁ ସଂସଦ ଅଧିବେଶନ ଆରମ୍ଭ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ପ୍ରଦାନ କରିଛନ୍ତି। ▶ପୃଷ୍ଠା-୭



**୧୫ ଦିନର କାର୍ଯ୍ୟ ଦିବସକୁ ନେଇ ଆପତ୍ତି ଉଠାଇଲେ ବିରୋଧୀ**

# ଏଣିକି ସ୍ୱୟଂଚାଳିତ ହେବ ପିଏଫ୍ ଟ୍ରାନ୍ସଫର

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଚାକିରିଆଙ୍କ ପାଇଁ ବଡ଼ ଖବର ଆସିଛି। ଏବେ ଚାକିରି ବଦଳାଇଲେ ଆଉ ଭବିଷ୍ୟ ନିଧି ପାଣ୍ଠି (ପିଏଫ) ଟ୍ରାନ୍ସଫର ପାଇଁ ଫର୍ମ ପୂରଣ କିମ୍ବା ମାସ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ଏହି ସମସ୍ୟାରୁ ମୁକ୍ତି ଦେବା ପାଇଁ ଇପିଏଫଓ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ କୋଟି କୋଟି କର୍ମଚାରୀଙ୍କ ପିଏଫ ▶ପୃଷ୍ଠା-୭

**ଚାକିରି ବଦଳାଇବାର ୫ ଦିନ ଭିତରେ ନୂଆ ଆକାଉଣ୍ଟକୁ ଆସିଯିବ ପିଏଫ ଅର୍ଥ**

**ପୂର୍ବରୁ ଏଥିପାଇଁ ମାସ ମାସ ଲାଗୁଥିଲା**



# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ଜମ୍ମୁ-କଶ୍ମୀରରେ ଡାକ୍ତରଙ୍କ ଲକରରୁ ମିଳିଲା ଏକେ-୪୭

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ଡାକ୍ତର ଆଦିଲ ଅହମ୍ମଦଙ୍କ ଲକରରୁ ଏକ ଏକେ-୪୭ ରାଇଫଲ ଜବତ କରାଯାଇଛି । ସେ ଅନନ୍ତନାଗର ବାସିନ୍ଦା । ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ସେ ଅନନ୍ତନାଗର ଜିଏମ୍‌ସିରେ ନିଯୋଜିତ ଥିଲେ । ତାଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି । ପୁଲିସ ତାଙ୍କ ବିରୋଧରେ ୟୁଏପିଏ ଆଇନ୍ ଅନୁସାରେ ମାମଲା ରୁଜୁ କରିଛି । ତାଙ୍କ ଲକରରୁ ଏକେ-୪୭ ଭଳି ରାଇଫଲ୍ ମିଳିଥିବାରୁ ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବା ସନ୍ଦେହ କରାଯାଉଛି । ବିନା ଲାଇସେନ୍ସରେ ଏକେ-୪୭ ରାଇଫଲ ରଖିଥିବାରୁ ଭାରତୀୟ ଆର୍ମ୍ସ ଆକ୍ଟ ଅନୁସାରେ ୧୯୫୯ ଅନୁସାରେ ତାଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି । ପୁଣି ଯଦି ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବେ ତେବେ, ତାଙ୍କ ବରୋଧରେ ୟୁଏପିଏ (ଅନଲଫୁଲ୍ ଆକ୍ଟିଭିଟିଜ ପ୍ରିଭେନସନ ଆକ୍ଟ, ୧୯୬୭) ଅନୁସାରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି ।

## ବିହାର ନିର୍ବାଚନ: ସମସ୍ତିପୁର ସଡ଼କରୁ ମିଳିଲା ବହୁ ସଂଖ୍ୟାରେ ଭିଭିପାଟ ସ୍ଲିପ୍

ପାଟନା, ୮ ।୧୧(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ସମସ୍ତିପୁରର ସାରାଇରଞ୍ଜନ ଅଞ୍ଚଳର କେଏସ୍ଆର କଲେଜ ସଡ଼କରେ ବହୁ ସଂଖ୍ୟାରେ ଭିଭିପାଟ୍ ସ୍ଲିପ୍ ପଡ଼ିଥିବାର ଦେଖାଯାଇଛି । ଏହି ମାମଲାରେ ନିର୍ବାଚନ କମିସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ କର୍ମଚାରୀଙ୍କୁ ଦାୟିତ୍ୱରୁ ହଟାଇଛନ୍ତି । ଏନେଇ ଯାଞ୍ଚ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଦୋଷୀ ଯିଏବି ହୁଅନ୍ତୁ ନା କାହିଁକି, ତାଙ୍କ ବିରୋଧରେ ଏଫ୍ଆଇଆର ଦାଏର କରାଯିବ ବୋଲି କୁହାଯାଇଛି । ତେବେ ଏହା ଭୋଟ ଗଣିତରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଇଛି । ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟର ମତଦାନ ହୋଇଥିଲା । ସରାଇରଞ୍ଜନ ବିଧାନସଭାବରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା ।

## ଅଷ୍ଟ୍ରେଲିଆ ପଳାଇଲେ ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ

ଲୁଧିଆନା, ୮ ।୧୧(ଏଜେନ୍ସି): ପଞ୍ଜାବର ପଟିଆଲା ଜିଲ୍ଲାର ସନାଉର ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି ବିଧାୟକ ହରମିତ ପଠାନମାଜରା ଅଷ୍ଟ୍ରେଲିଆ ପଳାଇଛନ୍ତି । ଏକ ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଉଥିବା ଅବସରରେ ସେ କର୍ଣ୍ଣାଲରୁ ଫେରାର ହୋଇଯାଇଥିଲେ । ହରମିତଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି ହେବା ପରେ ଏହି କଥା ସାମ୍ନାକୁ ଆସିଥିଲା । ହରମିତ ଅଷ୍ଟ୍ରେଲିଆରେ ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ ସାକ୍ଷାତକାର ଦେଇ ନିଜ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନଙ୍କୁ ଦାୟୀ କରିଛନ୍ତି । ମାନଙ୍କ ନିକଟରେ ଅଭିଜ୍ଞତାର ଯଥେଷ୍ଟ ଅଭାବ ରହିଛି । ମନ୍ତ୍ରୀ ଓ ବିଧାୟକ ରବରଷ୍ଟାମ୍ପ ଭଳି କାର୍ଯ୍ୟ କରୁଛନ୍ତି । ବିଧାୟକଙ୍କର ୫ ପଇସାର ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି । ଏବେ ଅଷ୍ଟ୍ରେଲିଆରେ ଅଛି । ଜାମିନ ମିଳିବା ପରେ ଯାଇ ନିଜ ଅଞ୍ଚଳକୁ ଯିବି ଓ ଲୋକଙ୍କୁ ଭେଟି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କ ନେଇ ଆଲୋଚନା କରିବି ବୋଲି ସେ କହିଛନ୍ତି ।

## ପାକ୍- ଆଫଗାନ୍ ଶାନ୍ତି ଆଲୋଚନା ପୁଣି ବିଫଳ

ଇସଲାମାବାଦ୍/କାବୁଲ, ୮ ।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ତୃତୀୟଥର ପାଇଁ ଶାନ୍ତି ଆଲୋଚନା ବିଫଳ ହୋଇଛି । କାତାର ଓ ତୁର୍କୀର ମଧ୍ୟସ୍ତତାରେ ଇସ୍ତାନବୁଲ୍‌ରେ ଆୟୋଜିତ ଦୁଇଦିନିଆ ଶାନ୍ତି ଆଲୋଚନା ବିନା କୌଣସି ନିଷ୍କର୍ଷରେ ସମାପ୍ତ ହୋଇଛି । ଏଥିପାଇଁ ଦୁଇ ଦେଶ ପରସ୍ପରକୁ ଦାୟୀ କରିଛନ୍ତି । ପାକିସ୍ତାନର ଦାୟିତ୍ୱହୀନତା ପାଇଁ ଏହି ଆଲୋଚନା ବିଫଳ ହୋଇଛି ବୋଲି ଆଫଗାନିସ୍ତାନ କହିଛି । ପାକିସ୍ତାନ ବ୍ୟବହାରିକ ଓ ଲାଗୁ ହେବା ଭଳି ସର୍ତ୍ତ ରଖିବ ବୋଲି ଆଶା କରାଯାଉଥିବା କଥା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ କହିଛନ୍ତି । କିନ୍ତୁ ସେପରି କିଛି ହୋଇ ନଥିଲା । ପାକିସ୍ତାନୀ ଆମର ଭାଇ ଓ ବନ୍ଧୁ । କିନ୍ତୁ ଯଦି ଯଦି ପାକିସ୍ତାନ ଆକ୍ରମଣ କରେ ତା'ର ଦୃଢ଼ ଜବାବ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ସୁରକ୍ଷାର ସବୁ ଦାୟିତ୍ୱ ଆଫଗାନିସ୍ତାନ ଉପରେ ନ୍ୟସ୍ତ କରିଥିଲା । କିନ୍ତୁ ନିଜେ ସୁରକ୍ଷାର କୌଣସି ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲା । ପାକିସ୍ତାନର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ମୁଜାହିଦ୍ କହିଛନ୍ତି ।

## ଦୁଇ ଝିଅଙ୍କ ସହ ପେଟ୍ରୋଲ ପମ୍ପ ମାଲିକଙ୍କ ଆତ୍ମହତ୍ୟା

ଅହମଦାବାଦ, ୮ ।୧୧(ଏଜେନ୍ସି): ଗୁଜରାଟ୍ ଗାନ୍ଧୀନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ୩ଟି ପେଟ୍ରୋଲ ପମ୍ପର ମାଲିକ ନିଜ ଦୁଇ ଝିଅଙ୍କ ସହ ଆତ୍ମହତ୍ୟା କରିଛନ୍ତି । ନର୍ମଦା କେନାଲରୁ ପୁଲିସ ୩ଜଣଙ୍କ ମୃତଦେହ ଉଦ୍ଧାର କରିଛି । ଦୁଇଦିନ ତଳେ ଅର୍ଥାତ ନଭେମ୍ବର ୭ରେ ପେଟ୍ରୋଲ ପମ୍ପ ମାଲିକ ନିଜ ଦୁଇ ଝିଅଙ୍କର ଆଧାରକାର୍ଡ ଅପ୍‌ଡେଟ୍ କରିବାକୁ ଘରୁ ବାହରି ଥିଲେ ଓ ଏହାପରେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ଫଳରେ ତାଙ୍କୁ ଖୋଜିବାକୁ ପ୍ରୟାସ ଆରମ୍ଭ ହୋଇଥିଲା । ପୁଲିସ ଏହି ମାମଲାର ସବୁ ଦୃଷ୍ଟିକୋଣରୁ ଯାଞ୍ଚ କରୁଛି । ମୃତକଙ୍କୁ ଚିହ୍ନଟ କରାଯାଇଛି । ସେ ହେଉଛନ୍ତି ଗାନ୍ଧୀନଗରର ଜିଲ୍ଲାର କଲୋଲ ଅଞ୍ଚଳର ବୋରିନାନା ଗାଁର ଧୀରଜ ଭାଇ ଭଲାଭାଇ ରବାରୀ । ଏହି ଘଟଣା ରବାରୀ ସମ୍ପ୍ରଦାୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଡାଇବେଟିକ, ହୃଦ୍‌ରୋଗୀ, ମୋଟା ଲୋକଙ୍କୁ ଭିସା ଦେବନି ଆମେରିକା




ୱାସିଂଟନ, ୮ ।୧୧(ଏଜେନ୍ସି): ମୋଟାପଣ, ମଧୁମେହ, ହୃଦ୍‌ରୋଗ ଓ କର୍କଟ ଭଳି ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଏବେ ଆମେରିକାରେ ପ୍ରବେଶ କରିବା କଷ୍ଟକର ହେବ । ଆମେରିକାର ବୈଦେଶିକ ବିଭାଗ ଶୁକ୍ରବାର ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକା ଦୂତାବାସ ଓ ବାଣିଜ୍ୟିକ ଦୂତାବାସକୁ ଏକ ବିଚିତ୍ର ନିର୍ଦ୍ଦେଶ ଦେଇଛି । ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କୁ ଆମେରିକ ଆସିବାକୁ ଅନୁମତି ନ ଦେବାକୁ ଦୂତାବାସଗୁଡିକୁ କୁହାଯାଇଛି । ଏହି ନୂଆ ନିୟମ 'ପବ୍ଲିକ ଚାର୍ଜ' (ସାର୍ବଜନୀକ ବୋଝ) ନୀତି ଉପରେ ଆଧାରିତ । ସରକାରଙ୍କ ବୋଝ କମ୍ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି । ଆମେରିକା ସରକାରଙ୍କ ସଂଶାଧନ ଉପରେ ନିର୍ଭର କରିବାକୁ ଥିବା ପ୍ରବାସୀଙ୍କୁ ରୋକିବା ଉଦ୍ଦେଶ୍ୟ ।ରେ ଏହି ନିୟମ ଜାରି କରାଯିବ ବୋଲି କୁହାଯାଇଛି । ଆବେଦକଙ୍କ ସ୍ୱାସ୍ଥ୍ୟ, ବୟସ ଓ ଆର୍ଥିକ ସ୍ଥିତିର ଯାଞ୍ଚ କରିବାକୁ ଆମେରିକା ତା'ର ଭିସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । କୌଣସି ବ୍ୟକ୍ତି ଯଦି ଭବିଷ୍ୟତରେ ମହଙ୍ଗା ଚିକିତ୍ସା ଓ ସରକାରୀ ସହାୟତା ଉପରେ ନିର୍ଭର କରିବାର ସମ୍ଭାବନା ଥିବ ସେମାନଙ୍କ ଭିସା ପ୍ରତ୍ୟାଖାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରବାସୀ ଆମେରିକା ସରକାରଙ୍କ ଉପରେ ବୋଝ ସୃଷ୍ଟି କରିବେ ନାହିଁ ବୋଲି ଭିସା ଅଧିକାରୀ ସ୍ପଷ୍ଟ କରିବେ । ଏହିକ୍ରମରେ ହୃଦରୋଗ, ନିଃଶ୍ୱାସ ନେବାରେ ସମସ୍ୟା, କର୍କଟ ରୋଗ, ଡାଇବେଟିକ, ମେଟବୋଲିକ, ସ୍ନାୟବିକ ରୋଗ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକ ଓ ଦିବ୍ୟାଙ୍ଗଙ୍କ ଦେଖାଶୁଣା ପାଇଁ ଲକ୍ଷ ଲକ୍ଷ ଡଲାର ଆବଶ୍ୟକତା ପଡ଼ିବ । ଏହାକୁ ବାଦ୍ ଦେଲେ ମୋଟାପଣ ଥିବା ଲୋକଙ୍କୁ ମଧ୍ୟ ଭିସା ନ ଦେବାକୁ କୁହାଯାଇଛି । କାରଣ ମୋଟପଣ ଯୋଗୁଁ ଉଚ୍ଚ ରକ୍ତଚାପ, ଶ୍ୱାସ, ସ୍ଲିପ ଏପନିଆ ଭଳି ରୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । କିନ୍ତୁ ଏହି ନୂଆ ନିୟମ କେଉଁ ଭିସା ଆଦେଦକଙ୍କ ଉପରେ ଲାଗୁ ହେବ ତାହା ସ୍ପଷ୍ଟ କରାଯାଇନାହିଁ । ତେବେ ନିୟମ ଦୃଷ୍ଟିରୁ ଦେଖିଲେ ଏହା ସବୁ ଭିସା ଆବେଦକଙ୍କ ଉପରେ ଲାଗୁ ହେବ ବୋଲି ଅନୁମାନ କରାଯାଉଛ ।

## ରୁଷିଆ ସେନାରେ ଭର୍ତ୍ତି ହୋଇଛନ୍ତି ୧୪୦୦ ଆଫ୍ରିକୀୟ: ୟୁକ୍ରେନ

କିଭ୍, ୮ ।୧୧(ଏଜେନ୍ସି): ୟୁକ୍ରେନ ସହ ଯୁଦ୍ଧ ଲଢ଼ିବା ପାଇଁ ରୁଷିଆ ୧୪୦୦ ଆଫ୍ରିକୀୟ ନାଗରିକଙ୍କୁ ତା'ର ସେନାରେ ଭର୍ତ୍ତି କରିଛି । ୟୁକ୍ରେନ୍ ବିଦେଶ ମନ୍ତ୍ରୀ ଆନ୍ଦ୍ରିଲ୍ ସିଭିଆ ଏ ନେଇ ସୂଚନା ଦେଇଛନ୍ତି । ଏହା ନିଶ୍ଚିତ ଭାବେ ଚିନ୍ତାଜନକ । ଆଫ୍ରିକୀୟ ଦେଶଗୁଡିକର ସରକାର ଏ ନେଇ ଅବଗତ ହେବା ଓ ନିଜ ନାଗରିକଙ୍କୁ ଏହି ଯୁଦ୍ଧରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ କହିଛନ୍ତି । ରୁଷିଆ ବିଭିନ୍ନ ଉପାୟ ଅବଲମ୍ବନ କରି ଆଫ୍ରିକାର ଯୁବକଙ୍କୁ ତା'ର ସେନାରେ ଚତୁରତାର ସହ ଭର୍ତ୍ତି କରୁଛି । ସେମାନଙ୍କୁ ଅର୍ଥ ଲୋଭ ଦେଖାଯାଉଛି । ପୁଣି କେତେଜଣଙ୍କୁ ଠକାମୀ କରି ଚୁକ୍ତିରେ ସ୍ୱାକ୍ଷର କରିବାକୁ କୁହାଯାଉଛି । କେବଳ ସେତିକି ନୁହେଁ ଆଫ୍ରିକୀୟ ନାଗରିକମାନେ କ'ଣ ପାଇଁ ଚୁକ୍ତିରେ ସ୍ୱାକ୍ଷର କରୁଛନ୍ତି ସେ ନେଇ ଅବଗତ ମଧ୍ୟ ନଥାନ୍ତି କିମ୍ବା ସେମାନଙ୍କୁ ଚାପର ବଶବର୍ତ୍ତୀ କରାଯାଇ ସେନାରେ ଭର୍ତ୍ତି କରାଯାଉଛି । ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିବା ଅର୍ଥ ମୃତ୍ୟୁଦଣ୍ଡକୁ ଡାକି ଆଣିବା ବୋଲି ସେ କହିଛନ୍ତି । ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆ ପକ୍ଷରୁ ନିଜର ନାଗରିକ ଲଢୁଛନ୍ତି ବୋଲି ଜାଣିବା ପରେ ଦକ୍ଷିଣ ଆଫ୍ରିକା ମଧ୍ୟ ଏ ନେଇ ତଦନ୍ତ ଆରମ୍ଭ କରିଛି । ଭାରତୀୟମାନେ ମଧ୍ୟ ରୁଷିଆ ତରଫରୁ ଯୁଦ୍ଧ ଲଢ଼ିବା ନେଇ ଖବର ପ୍ରକାଶ ପାଇଛି । ରୁଷିଆ ସେନାରେ ଏବେ ୪୪ ଜଣ ଭାରତୀୟ ଅଛନ୍ତି ବୋଲି ଭାରତ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୁହାଯାଇଛି ।

# 'ଚିକେନ୍ ନେକ୍'ରେ ଆହୁରି ସକ୍ରିୟ ହେଲା ଭାରତ

## ବାଂଲା ସୀମାରେ ୩ ନୂଆ ଘାଟି ପ୍ରତିଷ୍ଠା




### ବାଂଲାଦେଶକୁ ଜବାବ ଦେବାକୁ ଭାରତ ପ୍ରସ୍ତୁତ

ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବିତାଡ଼ିତ ହେବା ପରଠୁ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବାରେ ଲାଗିଛି । କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ବିବାଦୀୟ ପଦକ୍ଷେପ ତିକ୍ତତାକୁ ଅଧିକ ବଢ଼ାଇ ଦେଇଛି । ସେ ଗୋଟିଏ ପରେ ଗୋଟିଏ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନେଇ ଭାରତକୁ ଚିଡ଼ାଇ ପାକିସ୍ତାନ ଏବଂ ଚୀନ୍ ସହ ଘନିଷ୍ଠତା ବୃଦ୍ଧି କରି ଚାଲିଛନ୍ତି । ଭୂରାଜନୈତିକ ବିବାଦ ବଢ଼ି ଚାଲିଥିବାବେଳେ ଭାରତର 'ଚିକେନ ନେକ୍' କୁହାଯାଉଥିବା ସିଲିଗୁଡି କରିଡର ସୀମାରେ ନିଜ ଲାଲମୋନିରହାଟ ଏୟାରବେସ୍‌କୁ ୟୁନୁସ ସମ୍ପ୍ରସାରଣ କରୁଛନ୍ତି । ନୂଆ ହ୍ୟାଙ୍ଗର, ଜେଟ୍ ପାର୍କିଂ ଏବଂ ରାଡାର ସିଷ୍ଟମ ଲଗାଉଛନ୍ତି । ଭାରତ ସହ କୂଟନୈତିକ ସମ୍ବନ୍ଧ ଠିକ୍ ନ ଥିବାବେଳେ ୟୁନୁସ ଏପରି ଉସୁକାଇବା ଭଳି ପଦକ୍ଷେପ ନେଇଛନ୍ତି । ବାଂଲାଦେଶର ଏଭଳି ଦୁଃସାହସକୁ ଜବାବ ଦେବା ପାଇଁ ଭାରତ ବଡ଼ ପଦକ୍ଷେପ ନେଇଛି । ସୀମା ସୁରକ୍ଷାକୁ ମଜବୁତ କରିବାକୁ 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର'ର ଭାରତ-ବାଂଲାଦେଶ ସୀମା ନିକଟରେ ୩ ନୂଆ ସେନା ଘାଟି ତଥା ପୋଷ୍ଟ ପ୍ରତିଷ୍ଠା କରିଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସିଲିଗୁଡି କରିଡର ତଥା 'ଚିକେନ ନେକ'ର ସୁରକ୍ଷା ପାଇଁ ଧୁବ୍ରି ନିକଟସ୍ଥ ବାମୁନି, କିଶାନଗଞ୍ଜ ଏବଂ ଚୋପ୍ରାରେ ଏହି ସେନା ପୋଷ୍ଟ ନିର୍ମାଣ କରାଯାଇଛି । ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ସୀମା ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଯାଇଛି ।

ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତର ସର୍ବାଧିକ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ 'ଚିକେନ ନେକ'ରେ ସାମରିକ ବ୍ୟବଧାନକୁ ଦୂର କରିବା, ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ଏବଂ ତ୍ୱରିତ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି । ଉତ୍ତର ପଶ୍ଚିମବଙ୍ଗରେ ଥିବା ଏହି ୪୦ କିଲୋମିଟର ଦୀର୍ଘ ଓ ୨୨ କିମି ଚଉଡ଼ାର ସିଲିଗୁଡି କରିଡର ଭାରତର ମୂଳ ଭାଗକୁ ସାତଟି ଉତ୍ତର-ପୂର୍ବ ରାଜ୍ୟ ସହିତ ସଂଯୋଗ କରୁଛି । ଏହା ନେପାଳ, ଭୁଟାନ, ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ ଅବସ୍ଥିତ । କିଛି ଦିନ ତଳେ ପାକିସ୍ତାନର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଅଧ୍ୟକ୍ଷ ଜେନେରାଲ ସାହିର ସମ୍‌ସାଦ ମିର୍ଜାଙ୍କୁ ମହମ୍ମଦ ୟୁନୁସ ଭେଟିଥିଲେ । ଉଭୟେ ଯୋଗାଯୋଗ ଏବଂ ପ୍ରତିରକ୍ଷା ସହଯୋଗକୁ ନେଇ ଆଲୋଚନାର ଖବର ମିଳିବା ପରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ରିପୋର୍ଟ ଅନୁଯାୟୀ ମହମ୍ମଦ ୟୁନୁସ ଏହି ଅଞ୍ଚଳରେ କ୍ଷମତା ସନ୍ତୁଳନକୁ ନୂଆ ରୂପ ଦେବାକୁ ଚାହୁଁଛନ୍ତି । ଏଥିପାଇଁ ରଣନୈତିକ ଦୃଷ୍ଟିରୁ ମଧ୍ୟ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଏହାଦ୍ୱାରା ସିଲିଗୁଡି କରିଡରର ସୁରକ୍ଷା ଗମ୍ଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ ଏହି ଅଞ୍ଚଳ ଭାରତର ସବୁଠୁ ସୁଦୃଢ଼ ପ୍ରତିରକ୍ଷା କରିଡର । ସିଲିଗୁଡି କରିଡରରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି । ନୂଆ ଘାଟି ପ୍ରତିଷ୍ଠା ଦ୍ୱାରା ଲଜିଷ୍ଟିକ, ପ୍ରତିକ୍ରିୟା କ୍ଷମତା ଏବଂ ଗୁଇନ୍ଦା ସୂଚନା ମିଳିବାରେ ଆହୁରି ସହଜ ହୋଇଯିବ । ଚିକେନ ନେକ୍‌କୁ ନେଇ ଭିନ୍ନ ଦୃଷ୍ଟିକୋଣ ରହିଛି । ଏହା ଭାରତର ସବୁଠାରୁ ମଜବୁତ କ୍ଷେତ୍ର । କାରଣ ପଶ୍ଚିମବଙ୍ଗ, ସିକିମ ଏବଂ ଉତ୍ତରପୂର୍ବର ଭାରତରେ କାର୍ଯ୍ୟରତ ସେନାବାହିନୀକୁ ଏଠାରେ ଏକାଠି ମୁତୟନ କରିହେବ ।




୨୪ ଘଣ୍ଟା ପରେ ସ୍ୱାଭାବିକ ହେଲା ଦିଲ୍ଲୀ ବିମାନ ବନ୍ଦର । ଶୁକ୍ରବାର ଏଟିସିରେ ବୈଷୟିକ ସମସ୍ୟା ଯୋଗୁଁ ୮୦୦ ବିମାନ ଉଡାଣ ବିଳମ୍ବିତ ହୋଇଥିଲା ।

## ଆମେରିକାରେ ସଟ୍ ଡାଉନ୍ ଯନ୍ତ୍ରଣା

### ୪୦ ବିମାନ ବନ୍ଦରରେ ୫୦୦୦ ଉଡ଼ାଣ ବାତିଲ

ୱାସିଂଟନ, ୮ ।୧୧(ଏଜେନ୍ସି): ଆମେରିକାରେ ବହୁ ଚର୍ଚ୍ଚିତ ସଟ୍‌ଡାଉନ୍ ଏବେ ରେକର୍ଡ ୩୮ ଦିନରେ ପହଞ୍ଚିଛି । ଫଳରେ ବିମାନ ବନ୍ଦରରେ ଦେଖାଦେଇଥିବା ସମସ୍ୟା ବୃଦ୍ଧିପାଇବାରେ ଲାଗିଛି । ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସଟ୍‌ଡାଉନର ନକାରାତ୍ମକ ପ୍ରଭାବ ବିମାନ ବନ୍ଦରଗୁଡିକରେ ସବୁଠାରୁ ଅଧିକ ପଡ଼ିଥିବା ଲକ୍ଷ୍ୟ କରାଯାଇଛି । ଆମେରିକାରେ ୪୦ଟି ବୃହତ ବିମାନ ବନ୍ଦରରେ ବିମାନ ଉଡାଣକୁ ହ୍ରାସ କରାଯାଇଛି ବୋଲି ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍ଏଏ) ତରଫରୁ କୁହାଯାଇଛି । ଫଳରେ ମୋଟ୍ ଉପରେ ୫, ୦୦୦ ବିମାନ ଉଡାଣକୁ ବାତିଲ କରାଯାଇଛି । ଏଥିରେ ୱାସିଂଟନ ଡିସି ଓ ନ୍ୟୁୟର୍କର ବିମାନ ବନ୍ଦର ସାମିଲ ରହିଛି । ଏବେ ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ଆଶଙ୍କା ସୃଷ୍ଟି ହୋଇଛି ଓ ୨, ୬୮ ଲକ୍ଷ ଯାତ୍ରୀ ପ୍ରଭାବିତ ହେବା ନିଶ୍ଚିତ ହୋଇଛି । ଆମେରିକା



ଇତିହାସରେ ଏହା ସବୁଠାରୁ ଦୀର୍ଘ ସଟ୍‌ଡାଉନ ବିବେଚିତ ହୋଇଛି । ଆଟଲାଣ୍ଟା, ଡେନଭେର, ଡଲାସ, ସାନ ଫ୍ରାନସିସ୍କୋ ଓ ୱାସିଂଟନ ଭଳି ବୃହତ ତଥା ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ରେଗାନ ନ୍ୟାସନାଲ ବିମାନ ବନ୍ଦରରେ ପାଖାପାଖି ୪୦ ପ୍ରତିଶତ ବିମାନ ବିଳମ୍ବିତ ହୋଇଛି ।

## ଆଫ୍ରିକୀୟ ଦେଶ ମାଲିରେ ୫ ଭାରତୀୟଙ୍କୁ ଅପହରଣ

ନୂଆଦିଲ୍ଲୀ, ୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ କେତେକ ସଶସ୍ତ୍ର ଆକ୍ରମଣକାରୀ ଗୁରୁବାର କୋବରୀ ଅଞ୍ଚଳରୁ ଭାରତୀୟ ନାଗରିକଙ୍କୁ ଅପହରଣ କରିଛନ୍ତି । ଏମାନେ ଏକ ସ୍ଥାନୀୟ ବିଜୁଳି ପରିଯୋଜନା ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଥିଲେ । ଏହି ଭାରତୀୟ ମାନେ ଏକ ସ୍ଥାନୀୟ କମ୍ପାନୀରେ ନିୟୋଜିତ ଥିଲେ । କିନ୍ତୁ ଏହି ଘଟଣା ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀ ଅନ୍ୟ ଭାରତୀୟମାନଙ୍କୁ ରାଜଧାନୀ ବାମାକୋକୁ ପଠାଇ ଦେଇଛି । ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି ବୋଲି କମ୍ପାନୀର ଅଧିକାରମାନେ କହିଛନ୍ତି । ଏପର୍ଯ୍ୟନ୍ତ ଏହି ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ଉଲ୍ଲେଖଥାଉ କି, ମାଲିରେ ଗତ କେତେବର୍ଷ ହେବ ରାଜନୈତିକ ଓ କଠୋରପନ୍ଥୀ ଅସ୍ଥିରତା ଜାରି ରହିଛି । ଆଲକାଏଦା ସହିତ ଜଡିତ ଆତଙ୍କବାଦୀ ସଂଗଠନ ଗ୍ରୁପ ଫର ଦି ସପୋର୍ଟ ଅଫ୍ ଇସ୍‌ଲାମ ଆଣ୍ଡ ମୁସଲିମ୍ (ଜେଏନ୍ଆଇଏମ୍) ନିକଟରେ ମାଲିରେ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଏହି ସଂଗଠନ ଦେଶରେ ଇନ୍ଧନର ଯୋଗାଣକୁ ନିଷିଦ୍ଧ କରିଛି । ଫଳରେ ଆର୍ଥିକ ସଂକଟକୁ ଆହୁରି ଖରାପ କରିଛି । ଏବେ ମାଲିରେ ଅପହରଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ୨୦୧୨ରୁ ଦେଶରେ ଚାଲି ଆସୁଥିବା ବିଦ୍ରୋହ, ବାରମ୍ବାର ସେନା ଦ୍ୱାର ହେଉଥିବା ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଓ ଜିହାଦୀ ଆକ୍ରମଣ ଦେଶର ଶାସନ ଓ ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଛି । ଗତ ସେପ୍ଟେମ୍ବରରେ ଜେଏନ୍ଆଇଏମ୍ ଆତଙ୍କବାଦୀମାନେ ୟୁଏଇ ଓ ଇରାନର ନାଗରିକଙ୍କୁ ଅପହରଣ କରିଥିଲେ ଓ ଏମାନଙ୍କୁ ୫୦ ନିୟୁତ ଡଲାର ବିନିମୟରେ ମୁକ୍ତ କରିଥିଲେ ବୋଲି କୁହାଯାଉଛି । ଏବେ ଜେଏନ୍ଆଇଏମ୍ ଆତଙ୍କବାଦୀ ସଂଗଠନ ସାରା ଦେଶରେ ତା'ର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଛି । ମାଲିର ସେନା ସରକାର ଜେଏନ୍ଆଇଏମ୍‌କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ।

## ମମ୍‌ଦାନୀଙ୍କୁ ନେଇ ଅରବପତି ଭୟଭୀତ କାହିଁକି?

ୱାଶିଂଟନ, ୮।୧୧ (ଏଜେନ୍ସି): ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ଜୋହରାନ ମମଦାନୀ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧୀ ଭାବେ ପରିଚିତ ମମଦାନୀଙ୍କ ବିଜୟ ଅରବପତିଙ୍କ ମନରେ ଭୟ ସୃଷ୍ଟି କରିଛି । ଯେକୌଣସି ସମୟରେ କାର୍ଯ୍ୟାନୁଷ୍ଠାନର ଭୟ ରହିଛି । ଏଥିପାଇଁ ଅନେକ ଧନୀ ସହର ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି । ନ୍ୟୁୟର୍କର ୯ ପ୍ରତିଶତ ଅର୍ଥାତ ପ୍ରାୟ ୭.୬୫ ଲକ୍ଷ ଧନୀ ବ୍ୟକ୍ତି ସହର ଛାଡ଼ି ଅନ୍ୟତ୍ର ପଳାୟନ କରିପାରନ୍ତି । ଜେ.ଏଲ ପାର୍ଟନର୍ସ ସର୍ଭେରୁ ଏହି ସୂଚନା ସାମ୍‌ନାକୁ ଆସିଛି ।

ଧନୀଙ୍କ ଏହି ଭୟ ପଛରେ ମେୟର ନିର୍ବାଚନ ପ୍ରଚାର ସମୟରେ ମମଦାନୀ ଦେଇଥିବା ପ୍ରତିଶ୍ରୁତି ରହିଛି । ସେ ଧନୀ ବ୍ୟକ୍ତି ଏବଂ ବଡ଼ ବଡ଼ କମ୍ପାନୀଙ୍କ ଉପରେ ଅତିରିକ୍ତ ଟିକସ ଲଗାଇବାକୁ ଘୋଷଣା କରିଥିଲେ । ଏହା ମାଧ୍ୟମରେ ୯ ବିଲିୟନ ଡଲାର ସଂଗ୍ରହ କରିବାକୁ ଆଶା ରଖିଥିଲେ । ମମଦାନୀ ଭୟ ମଧ୍ୟରେ ଟେକ୍ସାସର ରିପବ୍ଲିକାନ ଗଭର୍ଣ୍ଣର ଗ୍ରେଗ ଆବଟ ପୂର୍ବରୁ ଦେଇଥିବା ଧମକକୁ ନେଇ ଧନୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ମମଦାନୀ ବିଜୟୀ ହେବା ପରେ ଯଦି ନ୍ୟୁୟର୍କ ଲୋକେ ଟେକ୍ସାସ ଆସିବେ ତେବେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ସେ କହିଥିଲେ ।

ସର୍ଭେରୁ ଜଣାପଡ଼ିଛି ଯେ ମମଦାନୀଙ୍କ ବିଜୟ ଯୋଗୁଁ ୨୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୨୧ ଲକ୍ଷ ଲୋକ ସହର ଛାଡିବାକୁ ବିଚାର କରୁଛନ୍ତି । ଯଦି ଏହା ସତ ସାବ୍ୟସ୍ତ ହୁଏ ତେବେ ଏହା ଆମେରିକା ଇତିହାସର ସବୁଠାରୁ ବଡ଼ ସହରୀ ପଳାୟନ ହେବ । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସହର ଗଭୀର ଭାବେ ପ୍ରଭାବିତ ହେବ । ୨.୩ ଟ୍ରିଲିୟନ ଜିଡିପି ବିଶିଷ୍ଟ ନ୍ୟୁୟର୍କର ମୋଟ ଜନସଂଖ୍ୟା ୮୪ ଲକ୍ଷ । ତେବେ ଏଥିରୁ ୯ ପ୍ରତିଶିତ ନିଶ୍ଚିତ ଭାବେ ସହର ଛାଡିବାକୁ ବିଚାର କରୁଛନ୍ତି । ସେହିପରି ୧୩ ପ୍ରତିଶତ ଗୋରା ଏବଂ ଏସିଆ ମହାଦେଶର ୧୧ ପ୍ରତିଶତ ମୂଳ ବଂଶୋଦ୍ଭବ ସହର ଛାଡ଼ିପାରନ୍ତି । ଏତେ ଲୋକ ସହର ଛାଡ଼ିଲେ ଆର୍ଥିକ ଭୂକମ୍ପ ସୃଷ୍ଟି ହେବ ବୋଲି ପୋଲଷ୍ଟର ଜେମ୍ସ ଜନସନ କହିଛନ୍ତି ।

## କଶ୍ମୀର କୁପୱାରାରେ ଦୁଇ ଆତଙ୍କବାଦୀ ନିହତ

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରର କୁପୱାରା ଜିଲ୍ଲାର କେରାନ ସେକ୍ଟରରେ ଶନିବାର ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବା ନେଇ ଭାରତୀୟ ସେନାକୁ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା । ଏହାପରେ ଆତଙ୍କବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ । ଜବାବରେ ସେନା ଗୁଳିରେ ଏହି ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନାର ଚେନ୍ନାର କର୍ପ୍ସ ୟୁନିଟ୍ ସାମାଜିକ ଗଣମାଧମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏବେ ମଧ୍ୟ ଅପରେସନ ଚାଲୁ ରହିଛି । ସେନା ଏହାକୁ 'ଅପରେସନ୍ ପିମ୍ପଲ' ନାମ ଦେଇଛି । ନିହତ ହୋଇଥିବା ଆତଙ୍କବାଦୀ ଓ ସେମାନଙ୍କ ସଂଗଠନ ନେଇ କୌଣସି ସୂଚନା ମିଳିନାହିଁ । ପୂର୍ବରୁ ନଭେମ୍ବର ୫ରେ କିସ୍ତୱାର ଜିଲ୍ଲାରେ ଛତ୍ରୁରେ ଏନ୍‌କାଉଣ୍ଟର ହୋଇଥିଲା ଓ ଆତଙ୍କବାଦୀଙ୍କ ଗୁଳିରେ ଜଣେ ଭାରତୀୟ ଯବାନ ଆହତ ହୋଇଥିଲେ । ଇତିମଧ୍ୟରେ ଜମ୍ମୁ-କଶ୍ମୀର ପୁଲିସର କାଉଣ୍ଟରେନ ଇଣ୍ଟେଲିଜେନ୍ସ କଶ୍ମୀର (ସିଆଇକେ) ଶନିବାର ରାଜ୍ୟର ଏକାଧିକ ଘାଟିରେ ଚଢ଼ାଉ କରିଥିଲା । ଏହାପୂର୍ବରୁ କୁପୱାରା ଜିଲ୍ଲାରେ ଅକ୍ଟୋବର ୧୩ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ ।



ଲେଉଟାଣି ବେଳ: ସମୁଦ୍ରରୁ ମାଛ ଧରି କୂଳକୁ ଫେରୁଛନ୍ତି ମତ୍ସ୍ୟଜୀବୀ (ଫଟୋ: ଅନିଲ)

# କଟକରେ ୨୨୧ ଅସୁରକ୍ଷିତ କୋଠା

■ ହାଇକୋର୍ଟଙ୍କ ତାଗିଦା ସତ୍ତ୍ୱେ ଭଙ୍ଗାଯାଉନି
■ ନୋଟିସ୍ ଦେଇ ଚୁପ୍ ବସିରହିଛି ପ୍ରଶାସନ

କଟକ, ୮ ।୧୧ (ସମିସ): କଟକ ସହରରେ ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହି କୋଠାଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ ଏଗୁଡ଼ିକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଏପରିକି, ନିକଟ ଅତୀତରେ ସହରରେ ବିପଦସଂକୁଳ ଅବସ୍ଥାରେ ରହିଥିବା କୋଠା ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନକୁ ତାଗିଦ୍ କରିଥିଲେ ଓଡ଼ିଶା ହାଇକୋର୍ଟ। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେବଳ କୋଠା ମାଲିକମାନଙ୍କୁ ନୋଟିସ୍ ଦେଇ ଚୁପ୍ ବସି ପଡ଼ିଛି। କଟକରେ ଆଜି ଏକ ଅସୁରକ୍ଷିତ କୋଠାର ବାଲକୋନୀ ଭାଙ୍ଗି ୩ ଜଣଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନର ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହାଇକୋର୍ଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ, ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷି ତରହିଛି। ତାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଧରି ଏହି କୋଠା ସବୁ ଭଙ୍ଗା ଯାଇନାହିଁ। ସରକାରୀ ଓ ଘରୋଇ କୋଠା ବିପଦସଂକୁଳ ଥିଲେ, ଏଗୁଡ଼ିକୁ ଭାଙ୍ଗିବା ଉପରେ ମଧ ହାଇକୋର୍ଟ ନିକଟରେ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶର ମାସାଧିକ ସମୟ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନ୍ଏସ୍ ଧାରା ୧୫୨ରେ ସମସ୍ତ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିବା ଜଣାପଡ଼ିଛି।

ଯୁଦ୍ଧକାଳୀନ ଭିତ୍ତିରେ ଘରଗୁଡ଼ିକୁ ଖାଲି କରିବା ସହ ଭାଙ୍ଗିବା ପାଇଁ ଏହି ନୋଟିସ୍ ଜାରି କରି ପ୍ରଶାସନ ଆଉ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ। ବିଶେଷକରି, ନୋଟିସ୍ ପାଇଥିବା ୨୦୦ରୁ ଅଧିକ କୋଠା ମାଲିକ ସେମାନଙ୍କ ଅସୁରକ୍ଷିତ କୋଠା ଭାଙ୍ଗିବା ଦୂର କଥା, ସେମାନଙ୍କ ମଧ୍ୟରୁ ଅନେକ ଘର ଖାଲି କରିନଥିବା ଜଣାପଡ଼ିଛି। ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ରହିଛି ସର୍ବାଧିକ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର। ଏହାବାଦ୍ ଘରୋଇ କୋଠା, ମାର୍କେଟ୍ କମ୍ପ୍ଲେକ୍ସ ଆଦି ରହିଛି।

ପ୍ରକାଶଥାଉକି ଗତ ୨୦୧୪ର ଭୂମିକମ୍ପ ସମୟରେ ଅନେକ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ଏହି ସମୟରେ କଟକ ଜିଲ୍ଲା ପ୍ରଶାସନ, ମହାନଗର ନିଗମ , ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇ ମହାନଗର ଅଞ୍ଚଳରେ ସେହି ସମୟରେ ୨୩୭ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ କିଛି କୋଠାକୁ ଘର ମାଲିକ ଭାଙ୍ଗିଥିଲେ ମଧ ଅନ୍ୟମାନେ ଭାଙ୍ଗି ନଥିଲେ। ହେଲେ ଏବେ ବି ସହରରେ ୨୨୧କୋଠା ଅସୁରକ୍ଷିତ ରହିଥିବା ବେଳେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ତଥା ସେହି ବାଟ ଦେଇ ଯାଉଥିବା ପଥଚାରୀଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି। ଆଜିର ଅଭାବନୀୟ ଘଟଣା ପରେ ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି। ମିଳିଥିବା ସୂଚନାନୁସାରେ, ବିଗତ ୫ବର୍ଷ ମଧ୍ୟରେ ଚିହ୍ନଟ ହୋଇଥିବା କୋଠାର ୧୦ପ୍ରତିଶତ ଅସୁରକ୍ଷିତ କୋଠା ଭଙ୍ଗା ଯାଇପାରି ନଥିବା ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ରୁ ଅଧିକ ଅସୁରକ୍ଷିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'

ନୂଆପଡ଼ା, ୮ ।୧୧(ସମିସ): ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ହେବ। ଆସନ୍ତାକାଲି ସଂଧ୍ୟାରେ ପ୍ରଚାର ଶେଷ ହେବାକୁ ଥିବା ବେଳେ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ଜୋରଦାର୍ ପ୍ରଚାର କରାଯାଉଛି। ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ ବିଶାଳ ରୋଡ୍ ଶୋ'ରେ ପ୍ରଚାର କରିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଚାର କରିଛନ୍ତି। ଶନିବାର

## ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାର

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆପଡ଼ା ଏବଂ ଖରିଆରରୋଡ୍‌ରେ ରୋଡ ଶୋ'ରେ କରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ଆଜି ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବିମାନରେ ଗୋତମାସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସେଠାରୁ ହେଲିକପ୍ଟର୍‌ରେ ସୁନାବେଡ଼ାକୁ ଯାଇଥିଲେ। ସେଠାରେ ମା' ସୁନାଦେଇଙ୍କ ପୂଜାର୍ଚ୍ଚନା କରିବା ପରେ ବସ୍ତିରେ ଭୋଟ୍ ଭିକ୍ଷା କରିଥିଲେ। ପରେ ସନ୍ଧ୍ୟାରେ ନୂଆପଡ଼ା ଓ ଖରିଆରରୋଡ୍‌ରେ ରୋଡ୍ ଶୋ' କରିଥିଲେ। ନୂଆପଡ଼ା ସର୍କିଟ୍ ହାଉସରେ ମୁଖ୍ୟମନ୍ତ୍ରୀ ରାତ୍ର ରହଣୀ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାରେ ଜୟ ଢୋଲକିଆଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ , ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା , ଚଳଚିତ୍ର ଅଭିନେତା ଅରିନ୍ଦମଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ସାମିଲ ହୋଇଥିଲେ।

## ଗ୍ରୀନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲାରେ ଇଡି ଚଢ଼ଉ

# ସଂସ୍ଥା ମାଲିକଙ୍କ ଘରୁ ନଗଦ ୮୪ ଲକ୍ଷ ଜବତ

ଭୁବନେଶ୍ୱର, ୮ ।୧୧(ସମିସ): ଗ୍ରିନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲାରେ ମାଲିକ ପ୍ରଦୀପ ସିଂହଙ୍କ ଘରେ ଚଢ଼ଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ମନି-ଲଣ୍ଡରିଂ ନିବାରଣ ଆଇନ ୨୦୦୨ (ପିଏମ୍ଏଲଏ) ଅନୁସାରେ ବ୍ରହ୍ମପୁରର ୪ଟି ସ୍ଥାନରେ ଚଢ଼ଉ କରି ନଗଦ ୮୪ ଲକ୍ଷ ଟଙ୍କା ଜବତ କରିଛି।

ଅଭିଯୋଗ ଅନୁଯାୟୀ, ଅଧିକ ରିଟର୍ଣ୍ଣ ଓ ଗ୍ରିନ୍ ଇଣ୍ଡିଆ ପାରାଡାଇଜ୍ ପ୍ରୋଜେକ୍ଟରେ ଫ୍ଲାଟ୍ ଯୋଗାଇବା ଆଳରେ କମ୍ପାନୀ ଶତାଧିକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। ହେଲେ କମ୍ପାନୀ ପକ୍ଷରୁ ଘର ଯୋଗାଯାଇନଥିଲା କି ଟଙ୍କା ମଧ ଫେରସ୍ତ କରାଯାଇନଥିଲା। ନିବେଶକମାନେ ଟଙ୍କା ଫେରସ୍ତ ମାଗିବାରୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଓଲଟି ଧମକଚମକ ଦେଇଥିଲେ। କମ୍ପାନୀ ୬୯କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହେବା ପରେ ୨୦୧୪ ଜୁନ୍‌ରେ କୋଲକତା ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତମାନେ ଠକେଇ ଟଙ୍କାକୁ ବିଭିନ୍ନ ଅସ୍ଥାବର ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପତ୍ତିରେ ବିନିଯୋଗ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବ୍ରହ୍ମପୁରର ୪ଟି ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଇଡିକୁ ହିସାବ ବିହୀନ ୮୪.୨୦ ଲକ୍ଷ ଟଙ୍କା ମିଳିଛି। ଏଥିସହ ଗୋଟିଏ ଅସ୍ଥାବର ସମ୍ପତ୍ତିର ଡକ୍ୟୁମେଣ୍ଟ, ଦଲିଲ୍, ମର୍ସିଡିଜ୍ କାର୍, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ଡିଜିଟାଲ୍ ଡିଭାଇସ୍ ମଧ ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

# ନବୀନଙ୍କ ପ୍ରଶଂସାରେ ଶତମୁଖ କେନ୍ଦ୍ରମନ୍ତ୍ରୀ ଅଠାୱଲେ

■ ନବୀନ ଜଣେ ବହୁତ ଭଲ ଲୋକ
■ ଓଡ଼ିଶାର ବିକାଶରେ ତାଙ୍କର ବହୁତ ଯୋଗଦାନ ରହିଛି

ଭୁବନେଶ୍ୱର, ୮।୧୧(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଦଳ, ମତ ନିର୍ବିଶେଷରେ ସମସ୍ତେ ସମ୍ମାନ କରନ୍ତି। ଜାତୀୟ ରାଜନୀତିରେ ନବୀନ ଜଣେ ନିର୍ବିବାଦୀୟ, ସମ୍ମାନସ୍ପଦ ନେତା ଭାବେ ପରିଗଣିତ ହେଉଥିବା ବେଳେ ଅନେକ ନେତା ତାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଏହି ତାଲିକାରେ ଏବେ ଯୋଡ଼ି ହୋଇଛନ୍ତି ଆରପିଆଇ ଅଧକ୍ଷ ତଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ। ନବୀନ ପଟ୍ଟନାୟକ ଜଣେ ବହୁତ ଭଲ ଲୋକ। ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ବହୁତ ଯୋଗଦାନ ରହିଛି ବୋଲି ଶ୍ରୀ ଅଠାୱଲେ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା ଶ୍ରୀ ଅଠାୱଲେ କହିଛନ୍ତି, ୨୪ବର୍ଷ ଧରି ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ଅବଧି ମଧ୍ୟରେ ଓଡ଼ିଶାରେ ସେ ଭଲ କାର୍ଯ୍ୟ କରିଛନ୍ତି। ନବୀନ ପଟ୍ଟନାୟକ ଜଣେ ବହୁତ ଭଲ ବ୍ୟକ୍ତି। ଏନ୍‌ଡିଏରେ ସେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଆମ ସହ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେ ଆହୁରି ମଧ କହିଛନ୍ତି ଯେ ପ୍ରଥମେ ବିଜେପି ଏବଂ ବିଜେଡି ମିଳିତ ଭାବେ ଓଡ଼ିଶାରେ ସରକାର ଗଠନ କରିଥିଲେ। ପରେ ନବୀନ ଏକାକୀ ନିର୍ବାଚନ ଲଢ଼ି ନିଜ ଦମ୍‌ରେ ଓଡ଼ିଶାରେ ସରକାର ଗଠନ କରିବା ସହ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ସହ ମୋର ବହୁତ ଭଲ ସମ୍ପର୍କ ରହିଥିଲା। ଦିଲ୍ଲୀରେ ସେ ମନ୍ତ୍ରୀ ଥିବା ବେଳେ ମୁଁ ତାଙ୍କୁ ଅନେକଥର ଭେଟିଥିଲି। ସେ ଜଣେ ଭଲ ସ୍ୱଭାବର ବ୍ୟକ୍ତି ବୋଲି ଅଠାୱଲେ କହିଛନ୍ତି।

# ଆଇଏଫ୍‌ଏଫ୍‌ଆଇରେ ୩ ଓଡ଼ିଆ ସିନେମା









■ ୩ ଓଡ଼ିଆ ପ୍ରଯୋଜକଙ୍କ ଅନ୍ୟ ଭାଷୀ ଚଳଚ୍ଚିତ୍ର ବି ପ୍ରଦର୍ଶିତ ହେବ
■ ଗାଲା ପ୍ରିମିୟର୍‌ରେ 'ବିନ୍ଦୁସାଗର', 'ପାପା ବୁକା' ଓ 'ସ୍ୱାଇଂ ଷ୍ଟାର୍ସ'

ଭୁବନେଶ୍ୱର, ୮।୧୧ (ସମିସ): ଗୋଆରେ ଆସନ୍ତା ୨୦ ତାରିଖରୁ ଆୟୋଜିତ ହେବାକୁ ଥିବା ୫୬ତମ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫଏଫଆଇ) ରେ ପ୍ରଦର୍ଶିତ ହେବ ୩ ଓଡ଼ିଆ ସିନେମା। ସେଗୁଡ଼ିକ ହେଲା, ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ବିନ୍ଦୁସାଗର', ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ 'ମହିମା ଅଲେଖ' ଓ ବିଶାଳ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ମାଳିପୁଟ ମେଲୋଡିଜ୍'। ଏହାବ୍ୟତୀତ ୩ ଓଡ଼ିଆ ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ ଅନ୍ୟ ଭାଷାର ସିନେମା ମଧ ଏହି ପ୍ରଦର୍ଶନୀରେ ସ୍ଥାନ ପାଇବ। ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ 'ପାପା ବୁକା', ଅନ୍ତର୍ଜାତୀୟ ସିନେ ନିର୍ମାତା ନୀଳମାଧବ ପଣ୍ଡାଙ୍କ ପ୍ରଯୋଜିତ 'ସ୍ୱାଇଂ ଷ୍ଟାର୍ସ' ଏବଂ ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ 'ହ୍ୱିସପର୍ସ ଅଫ୍ ଦ ମାଉଣ୍ଟେନ୍ସ' ଏଥିପାଇଁ ମନୋନୀତ ହୋଇଛି। ଆଇଏଫ୍‌ଏଫ୍‌ଆଇ ଗାଲା ପ୍ରିମିୟର୍ ଏବଂ ରେଡ୍ କାର୍ପେଟ୍ ବର୍ଗରେ 'ବିନ୍ଦୁସାଗର' ସମେତ 'ପାପା ବୁକା' ଓ 'ସ୍ୱାଇଂ ଷ୍ଟାର୍ସ' ପ୍ରଦର୍ଶିତ ହେବ ବୋଲି ଜଣାଯାଇଛି।

ଅଭିଷେକ ଦାସଙ୍କ ଦ୍ୱାରା ଲିଖିତ ଓ ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ବିନ୍ଦୁସାଗର' ଏକ ସରଳ, ସାଙ୍ଗୀତିକ ପ୍ରେମକାହାଣୀ। ଚଳଚ୍ଚିତ୍ରରେ ପ୍ରକୃତି ମିଶ୍ର, ଦୀପନ୍ୱିତ ଦାଶମହାପାତ୍ର, ସୋନାଲି ଶର୍ମିଷ୍ଠା, ସତ୍ୟରଞ୍ଜନ, ସୁକାନ୍ତ ରଥ, ରବିନ ଦାସ ଏବଂ ପ୍ରଣବ ରଥଙ୍କ ପରି ବରିଷ୍ଠ କଳାକାରମାନେ ଅଭିନୟ କରିଛନ୍ତି। ପ୍ଲାଟୁନ୍ ୱାନ୍ ଫିଲ୍ମସ୍‌ର ଶିଳାଦିତ୍ୟ ବୋରା, ବାଉଣ୍ଡଲେସ୍ ବ୍ଲାକବକ୍ ଫିଲ୍ମସ୍‌ର ବିନୟ ରେଡ୍ଡୀ ଓ ଶୁଭଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ଏମଡିସି ଫିଲ୍ମୱାର୍କସର ନିଖିଳ ଚୌଧୁରୀଙ୍କ ସହଯୋଗରେ ଏହି ଚଳଚ୍ଚିତ୍ରଟି ନିର୍ମାଣ କରାଯାଇଛି। ସେହିପରି, ସିନେମାରେ ପ୍ରକୃତି ମିଶ୍ର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ହ୍ୟୁମାନ୍ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଡ. ଅସୀମା ପଣ୍ଡା, ଆଶିଷ ପ୍ରଧାନ ପ୍ରମୁଖ କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ଆସନ୍ତା ୨୦୨୬ରେ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

ସେହିପରି ଇଣ୍ଡିଆନ୍ ପାନୋରାମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ବିଭିନ୍ନ ଭାଷାର ୨୦ଟି ସିନେମା ମଧ୍ୟରେ ରହିଛି କୌସ୍ତୁଭ ଡ୍ରିମ୍‌ୱାର୍କସ ଷ୍ଟୁଡିଓଜ୍ ପ୍ରଯୋଜିତ ଓ ବିଶାଳ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମାଳିପୁଟ ମେଲୋଡିଜ୍' ଏବଂ ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ରାଜସ୍ଥାନୀ ସିନେମା 'ହ୍ୱିସପର୍ସ ଅଫ୍ ଦ ମାଉଣ୍ଟେନ୍ସ'। ଇଣ୍ଡିଆନ୍ ପାନୋରାମା ଅଣଫିଚର ବର୍ଗରେ କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପ୍ରଯୋଜିତ ଏବଂ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ମହିମା ଅଲେଖ' ମନୋନୀତ ହୋଇଛି। 'ସ୍ୱାଇଂ ଷ୍ଟାର୍ସ'କୁ ବିମୁକ୍ତି ଜୟସୁନ୍ଦର ନିର୍ଦ୍ଦେଶନା ଦେଇଥିବା ବେଳେ 'ପାପା ବୁକା'କୁ ଡକ୍ଟର ବିଜୁ କୁମାର ଦାମୋଦରନଙ୍କ ନିର୍ଦ୍ଦେଶନା ଦେଇଛନ୍ତି।

## ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ନାହିଁ

# ଗୋଟିଏ ଦିନରେ ଦୁଇଟି ନିଯୁକ୍ତି ପରୀକ୍ଷା

ଭୁବନେଶ୍ୱର, ୮ ।୧୧(ସମିସ): ରାଜ୍ୟରେ ନିୟମିତ ଭାବେ ନିଯୁକ୍ତି ପରୀକ୍ଷା ହେଉନାହିଁ। ଫଳରେ ଯେତିକି ପରୀକ୍ଷା ହେଉଛି, ଆଶାୟୀମାନେ ତାକୁ ଚାତକ ପରି ଚାହିଁ ରହୁଛନ୍ତି। ହେଲେ ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେଉଥିବାରୁ ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ପରି ସେମାନଙ୍କ ବର୍ଷବର୍ଷର ପରିଶ୍ରମ ପାଣିରେ ମିଳେଇ ଯାଉଛି। ପରୀକ୍ଷା ଦେବାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଉଛନ୍ତି। ଆସନ୍ତାକାଲି (ରବିବାର) ଦିନ ଏଜି ଏଏସ୍‌ଓ ଏବଂ ଆର୍‌ଆଇ ଅମିନ ପରୀକ୍ଷା ଥିବାରୁ ବହୁ ଛାତ୍ରଛାତ୍ରୀ ଗୋଟିଏ ପରୀକ୍ଷାରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

ରବିବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଏଜି ଏଏସ୍‌ଓ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଆଇସିଡିଏସ୍ ସୁପରଭାଇଜର୍ ପଦ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ଗୋଟିଏ ଦିନରେ ଏହି ଦୁଇଟି ପରୀକ୍ଷା ଥିବାରୁ ବହୁ ମେଧାବୀ ଆଶାୟୀ କେବଳ ଗୋଟିଏ ପରୀକ୍ଷା ଦେଇପାରିବେ। ପରୀକ୍ଷା ପରିଚାଳନା କରୁଥିବା ଆୟୋଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏପରି ସ୍ଥିତି ବାରମ୍ବାର ହେଉଛି। ଏଥିପାଇଁ ଦୀର୍ଘ ବର୍ଷ ଧରି ପାଠପଢ଼ା ଜାରି ରଖିଥିବା ଆଶାୟୀମାନେ ନିରାଶ ହେବା ସହ ସରକାରଙ୍କୁ ଦାୟୀ କରିଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସରକାର ବିଫଳ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

## ଅସନ୍ତୋଷ ବ୍ୟକ୍ତ କଲେ ଆଶାୟୀ

ଜଣେ ନିଯୁକ୍ତି ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ରାଜ୍ୟରେ ବର୍ଷେ ହେଲା କୌଣସି ନୂତନ ନିଯୁକ୍ତି ବାହାରି ନାହିଁ। ଦେଢ଼ବର୍ଷ ହେଲା ନିୟମିତ ଭାବେ ପରୀକ୍ଷା ହେଉନାହିଁ। ଯାହା କିଛି ବି ପରୀକ୍ଷା ହେଉଛି, ତହିଁରେ ବ୍ୟାପକ ବିଭ୍ରାଟ ଓ ଚାକିରି ବିକ୍ରି ଘଟଣା ପଦାକୁ ଆସୁଛି। ଏତେ ସବୁ ପରେ ଯଦି ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେବ, ଆଶାୟୀମାନେ କିପରି ଧୈର୍ଯ୍ୟ ରଖିବେ ବୋଲି ପ୍ରଶ୍ନ କରିଛନ୍ତି। ଦିନକୁ ଦିନ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଉଥିବାରୁ ନିଯୁକ୍ତି ପରୀକ୍ଷାକୁ ବ୍ୟବସ୍ଥିତ କରିବା ସହ ନୂତନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସେ ଦାବି କରିଛନ୍ତି।

# କାର୍ ଧକ୍କାରେ ୨ କଲେଜ ଛାତ୍ରୀ ମୃତ

ଆନନ୍ଦପୁର, ୮।୧୧ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବାରିଗାଁ ନିକଟ ୨୦ ନଂ ଜାତୀୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ୨ କଲେଜ ଛାତ୍ରୀ ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀଦ୍ୱୟ ହେଲେ, +୩ ଦ୍ୱିତୀୟ ବର୍ଷର





■ ୨୦ ନମ୍ବର ରାଜପଥ ୫ଘଣ୍ଟା ଅବରୋଧ
■ କାର୍ ପାଣିକୋଇଲି ଥାନାଞ୍ଚଳରୁ ଜବତ

ଛାତ୍ରୀ ଅନ୍ନପୂର୍ଣ୍ଣା ପାତ୍ର ଓ +୩ ତୃତୀୟ ବର୍ଷର ଦୀପାଞ୍ଜଳି ସାହୁ। ଉଭୟ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ପଢୁଥିଲେ। ଅନ୍ନପୂର୍ଣ୍ଣାଙ୍କ ଘର ସିଆପଡ଼ାରେ ହୋଇଥିବା ବେଳେ ଦୀପାଞ୍ଜଳିଙ୍କ ଘର ବେଲବାହାଳି ଗାଁରେ ବୋଲି ଜଣାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଦ୍ୱୟଙ୍କ ପରିବାରକୁ ସହାୟତା ଓ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଚାଳକଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ବାରିଗାଁଠାରେ ରାଜପଥକୁ ପାଖାପାଖି ୫ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ଧରି ଯାନବାହନ ଅଟକି ରହିଥିଲା।

ସୂଚନାନୁସାରେ, ଶନିବାର କ୍ଲାସ୍ ସାରିବା ପରେ ଉଭୟ ଅନ୍ନପୂର୍ଣ୍ଣା ଓ ଦୀପାଞ୍ଜଳି ସାଇକେଲରେ ଘରକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୧ଟା ବେଳେ ବାରିଗାଁ ନିକଟରେ ଏକ ଦ୍ରୁତଗାମୀ କାର୍ ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ଦୁହିଁଙ୍କୁ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଏହାକୁ ନେଇ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ପୁଲିସ ଦୁର୍ଘଟଣା ଘଟାଇଥିବା ଉକ୍ତ କାର୍‌କୁ (ଓଡି୩୩ଏ୦୮୨୩୨) କୁ ଠାବ କରି ଅଟକ ରଖିଥିବା ଜଣାପଡ଼ିଛି। ଖବର ଜଣାପଡ଼ିବା ପରେ ସଂଧ୍ୟା ସାଢ଼େ ୬ଟାରେ ରାସ୍ତାରୋକ ହଟିଥିଲା ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଦେଢ଼ କୋଟି ଟଙ୍କାର ଗଞ୍ଜେଇ ସହ କାର୍ ଜବତ

ସୁନାବେଡ଼ା, ୮।୧୧(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଅଞ୍ଚଳରୁ ପୁଲିସ ଦେଢ଼କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। ମାଫିଆମାନେ ମାଛକୁଣ୍ଡରୁ ବିପୁଳ ପରିମାଣର ଗଞ୍ଜେଇ ନେଇ ସୁନାବେଡ଼ା ଅଭିମୁଖେ ଯାଉଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା।



ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ସୁନାବେଡ଼ା ଥାନା ଇନ୍ସପେକ୍ଟର୍ ଚରଣ ସିଂହ ମାଝୀଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ସାନ ବୋଡିଙ୍ଗା ନିକଟରେ ଡେରା ପକାଇଥିଲା। ଏହି ସମୟରେ ସୁନାବେଡ଼ା ଅଭିମୁଖେ ଆସୁଥିବା ଏକ କାର୍(ଓ ଆର-୦୨-ଏଏଲ -୦୮୦୧) ଉପରେ ପୁଲିସର ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୨୮୩ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ ବୋଲି ପୁଲିସ କହିଛି। ଗଞ୍ଜେଇ ସହ ପୁଲିସ ଉକ୍ତ କାର୍‌କୁ ଜବତ କରିଥିବା ବେଳେ ଅଭିଯୁକ୍ତମାନେ ପୁଲିସ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲେ।

# ୧୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର,୮ ।୧୧ (ସମିସ): ଆସନ୍ତା ୧୦ ତାରିଖ ଅର୍ଥାତ୍ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପଇଛି।

# ନୂଆପଡ଼ା ନିର୍ବାଚନରେ 'ଏଆଇ ୱାର୍'

■ ଆରୋପ ପ୍ରତ୍ୟାରୋପରେ ଏଆଇ ଭିଡିଓ, ଦ୍ୱନ୍ଦ୍ୱରେ ଭୋଟର୍
■ ସମ୍ବେଦନଶୀଳ ଭିଡିଓକୁ ନେଇ ସିଇଓଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଭୁବନେଶ୍ୱର, ୮।୧୧ (ସମିସ): ନୂଆପଡ଼ା ଉପନର୍ବାଚନ ପାଇଁ ସରଗରମ ହୋଇଛି ରାଜ୍ୟ ରାଜନୀତି। ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳରେ ହେଭିୱେଟ୍ ନେତାମାନେ ନୂଆପଡ଼ାରେ ଡେରା ପକାଇଛନ୍ତି। ଦଳଗୁଡ଼ିକ ନିଜନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଯୋଗାଡ଼ ପାଇଁ ନାନା କୌଶଳ ଆପଣାଇଥିବା ବେଳେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିଡିଓ ଓ ଫଟୋ ମଧ ଭୋଟର୍‌ଙ୍କୁ ପ୍ରଭାବିତ କରିବାର ଏକ ପ୍ରମୁଖ ମାଧ୍ୟମ ସାଜିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସୋସିଆଲ ମିଡିଆ ଆକାଉଣ୍ଟମାନଙ୍କର ଫଟୋ, ଭିଡିଓ ଓ ରିଲ୍ସ ସାଙ୍ଗକୁ ଏଆଇ ଭିଡିଓଗୁଡ଼ିକୁ ପୋଷ୍ଟ କରାଯାଇଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ପଡ଼ିଥିବା ବେଳେ ଉଭୟ ବିଜେଡି ଏବଂ ବିଜେପି ମଧ କଡ଼ା ଫାଇଟ୍ ଦେଖିବାକୁ ମିଳୁଛି।

ଅନ୍ୟପଟେ, ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ 'ଏଆଇ ଫାଇଟ୍' ଯୋଗୁଁ ଅନେକ ଭୋଟ୍‌ର ଦ୍ୱନ୍ଦ୍ୱରେ ପଡ଼ିବା ନେଇ ମଧ ଆଶଙ୍କା ସୃଷ୍ଟି ହୋଇଛି। ନିର୍ବାଚନମଣ୍ଡଳୀରେ ପ୍ରାୟ ୪୦ ପ୍ରତିଶତ ଆଦିବାସୀ ଭୋଟର୍ ରହିଛନ୍ତି। ସାଧାରଣତଃ ଏମାନେ ସରଳ ବିଶ୍ୱାସୀ। ତେଣୁ ଏଆଇ ଭିଡିଓଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ଏମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଅନେକେ ଏଆଇ ଭିଡିଓକୁ ସତ ବୋଲି ମଧ ବିଚାର କରିନେଉଛନ୍ତି। ଫଳରେ ଏଆଇ ଭିଡିଓ ଓ ଫଟୋର ପ୍ରଭାବ ଭୋଟର୍‌ଙ୍କ ଉପରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ନିର୍ବାଚନ କମିସନଙ୍କ ଗାଇଡ୍‌ଲାଇନ୍ ଅନୁସାରେ, କୌଣସି ରାଜନୈତିକ ଦଳ ସେମାନଙ୍କ ପ୍ରଚାର ପାଇଁ କୌଣସି ଭିଡିଓ ଜାରି କରିବା ପୂର୍ବରୁ ଏହାର ଅନୁମତି ନେବା ବାଧ୍ୟତାମୂଳକ। ହେଲେ ଏଆଇ ଭିଡିଓ କ୍ଷେତ୍ରରେ ଏହା କେତେ କାର୍ଯ୍ୟକାରୀ ହେଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ଏଆଇ ଭିଡିଓଗୁଡ଼ିକ ପୋଷ୍ଟ କରୁଥିବା ରାଜନୈତିକ ଦଳଗୁଡ଼ିକ ଏଥିରେ ନିଜନିଜ ଦଳର ୱାଟର୍‌ମାର୍କ ରଖିବାର ନିୟମ ରହିଛି, ହେଲେ ଏହା ମଧ ପାଳନ ହେଉନଥିବା ଦେଖିବାକୁ ମିଳିଛି। ବିଶେଷକରି ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିଜନିଜ ଦଳୀୟ ସୋସିଆଲ ମିଡିଆ ଆକାଉଣ୍ଟ ପରିବର୍ତ୍ତେ ପ୍ରଚ୍ଛଦପଟରେ ରହୁଥିବା ଆଇଟି ସେଲ୍, ବିଭିନ୍ନ ଫ୍ୟାନ୍ ପେଜ୍ ଓ ଅନ୍ୟ ଆକାଉଣ୍ଟଗୁଡ଼ିକରେ ପୋଷ୍ଟ କରୁଛନ୍ତି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ମଧ ଆଶଙ୍କା ରହୁଛି। ତେବେ ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିବା ବେଳେ ଏଭଳି କୌଣସି ଭିଡିଓ ପ୍ରସାରିତ ହେଉଥିଲେ ତୁରନ୍ତ ତାଙ୍କ ଦୃଷ୍ଟିକୁ ଆଣିବାକୁ କହିଛନ୍ତି। ଏଭଳି ଭିଡିଓ ପ୍ରସାରଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ମଧ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ମତଦାନ ହେବାକୁ ଥିବା ବେଳେ ୯ ତାରିଖରେ ପ୍ରଚାର ଶେଷ ହେଉଛି।

# ବାଇକ୍‌ରୁ ବିକଟାଳ ଶବ୍ଦ; ଲୋକେ ଭୟଭୀତ

ବାଲୁଗାଁ,୮।୧୧(ସମିସ): ବାଇକ୍ ସାଇଲେନ୍ସର ବଦଳାଇ ସେଥିରୁ ଅଧିକ ବିକଟାଳ ଶବ୍ଦ କରିବା ସହ ଭଳିକି ଭଳି ଉଚ୍ଚ ଶବ୍ଦକାରୀ ହର୍ଣ୍ଣ ଲଗାଇ ଗାଁଗଣ୍ଡା ରାସ୍ତାଘାଟରେ ବହୁ ବାଇକ୍ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଫଳରେ ବାଇକ୍‌ରୁ ବାହାରୁଥିବା ବିକଟାଳ ହର୍ଣ୍ଣ ଶବ୍ଦରେ କାନ ଫାଟିପଡୁଛି। ମଝିରେ ମଝିରେ ବାଇକ୍ ସାଇଲେନ୍ସରରୁ ବାଣ ଫୁଟିଲା ଭଳି ଶବ୍ଦ କରି କିଛି ଅସାମାଜିକ ଯୁବକ ବଜାର ଘାଟରେ ଘୂରି ବୁଲୁଛନ୍ତି। ବାଲୁଗାଁ ବାଣପୁର ସହରରେ ଭଳିକି ଭଳି ସ୍ପିଡ୍ ବାଇକ୍ ଓ ବୁଲେଟ୍ ଗାଡ଼ିରେ କମ୍ପାନୀ ଦେଉଥିବା ସାଇଲେନ୍ସର ଓ ହର୍ଣ୍ଣ ପରିବର୍ତ୍ତନ କରି ସାଇଲେନ୍ସରରୁ ବିକଟାଳ କାନଫଟା ଶବ୍ଦ ବାହାର କରିବା ସହ ଉଚ୍ଚ ଶବ୍ଦ ଯୁକ୍ତ ହର୍ଣ୍ଣ ଦେଇ ଯିବାର କିଛି ଉଦ୍ଦଣ୍ଡ ଯୁବପିଢ଼ିଙ୍କ ଏକ ସଉକରେ ପରିଣତ ହୋଇଯାଇଛି। ଏଭଳି ବିକଟାଳ ଶବ୍ଦ କରି ବାଇକ୍ ରାସ୍ତାରେ ଯାତାୟାତ କରିବାରେ ଜନସାଧାରଣଙ୍କ ଲାଗି ବିପଦ ସୃଷ୍ଟି କରୁଛି। ଏପରି ଶବ୍ଦ ଶହ ଦ୍ରୁତଚାଳନା ପଥଚାରୀଙ୍କୁ ଭୟଭୀତ କରିବା ସହ ଦୁର୍ଘଟଣା ମୁହଁକୁ ଟାଣି ନେଉଛି। ମାତ୍ର ଏଥିପ୍ରତି ପରିବହନ ବିଭାଗର ଲଗାମ ନ ଥିବାବେଳେ ସ୍ଥାନୀୟ ପୁଲିସ କିଛି ବାଇକ୍‌କୁ ଜବତ କରି ବାଇକ୍ ଚାଳକଙ୍କୁ ଗିରଫ କରିବା ସତ୍ତ୍ୱେ କିଛି ଉଦ୍ଦଣ୍ଡ ଯୁବପିଢ଼ି ଏହାକୁ ଖାତିର୍ କରୁନାହାନ୍ତି।



ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଣପୁର ଅଞ୍ଚଳର ଜନବହୁଳ ପରିବେଶ ମଧ୍ୟରେ ଆଜିର ଯୁବସମାଜ ବାୟୁମଣ୍ଡଳକୁ ପ୍ରଦୂଷଣରୁ ରକ୍ଷା କରିବା ପରିବର୍ତ୍ତେ ଅଧିକ ପ୍ରଦୂଷିତ କରିବାକୁ ପଛାଉ ନ ଥିବା ଦେଖିବାକୁ ମିଳୁଛି। ଆଜିକାଲିର ଫେସନ୍‌ରେ ପରିଣତ ହୋଇଥିବା ଶବ୍ଦ ପ୍ରଦୂଷଣକାରୀ ବାଇକ୍ ସାଇଲେନ୍ସର ଓ ହର୍ଣ୍ଣକୁ ବର୍ତ୍ତମାନ ଯୁବସମାଜ ବହୁଳ ମାତ୍ରାରେ ବ୍ୟବହାର କରି ବିକଟାଳ ଶବ୍ଦ କରୁଥିବା ପରିଲକ୍ଷିତ ହୋଇଛି। ବିଶେଷ କରି ବରିଷ୍ଠ ନାଗରିକ, ହୃଦ୍‌ରୋଗୀଙ୍କ ପାଇଁ ଏହି ବିକଟାଳ ଶବ୍ଦକାରୀ ସାଇଲେନ୍ସର ଓ ହର୍ଣ୍ଣ ବିପଦ ସୃଷ୍ଟି କରୁଥିବା ଯୋଗୁଁ ଏହାକୁ ବନ୍ଦ କରିବା ଲାଗି ବରିଷ୍ଠ ନାଗରିକମାନେ ଦୃଢ଼ ଦାବି କରିଆସୁଛନ୍ତି। ଏଥିପ୍ରତି ପୁଲିସ କିଛି ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ଏହାକୁ ଅଞ୍ଚଳରୁ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇପାରୁ ନାହିଁ। ଯାହାଫଳରେ ବାଲୁଗାଁ ବାଣପୁର ଅଞ୍ଚଳରେ ଏହାର ବ୍ୟବହାର ବହୁଳ ମାତ୍ରାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ପୋର୍ଟସ୍ ବାଇକ୍, ବୁଲେଟ୍ ଆଦି ଗାଡ଼ିଗୁଡ଼ିକରେ ଏହାର ଅଧିକା ବ୍ୟବହାର କରାଯାଉଥିବା ବେଳେ ବିଶେଷ କରି ବହୁ ବାଇକ୍ ଗ୍ୟାରେଜ୍ ମେକାନିକ୍ ଏଭଳି ବିକଟାଳ ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ଓ ହର୍ଣ୍ଣ ବାଇକ୍‌ରେ ଲାଗାଇ ଯା ଆସ କରୁଥିବା ଦେଖିବାକୁ ମିଳୁଛି। ଯାହାକି ସମ୍ପୂର୍ଣ୍ଣ ରୂପେ ପରିବହନ ବିଭାଗର ନିୟମ ବହିର୍ଭୂତ ଅଟେ। ଏହି ଗାଡ଼ିଗୁଡ଼ିକ ଯୋଗୁଁ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଥିବା ହେତୁ ଏ ଦିଗରେ ପରିବହନ ବିଭାଗ ତରଫରୁ ଦୃଢ଼ ପଦକ୍ଷେପ ଗ୍ରହଣ କରି ରୋକ୍ ଲଗାଇବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

● ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା

# ପ୍ରେମିକର ଘର ଆଗରେ ପ୍ରେମିକାର ଧାରଣା

ଗୋପ,୮।୧୧(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିବା ପରେ ନିରୁପାୟ ହୋଇ ଶନିବାର ସମ୍ପୃକ୍ତ ଯୁବତୀ ଜଣକ ପ୍ରେମିକଙ୍କ ଘର ଆଗରେ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋ ଧରି ନିଜର ସିନ୍ଦୂର ଭିକ୍ଷା ପାଇଁ ଧାରଣା ଦେଇଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗୋପ ଥାନା ବିସରପୁର ଗାଁରେ।ଖବରରୁ ପ୍ରକାଶ, କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ଇଚ୍ଛାପୁର ଗାଁର ଜନୈକା ଯୁବତୀଙ୍କ ସହିତ ବିସରପୁର ଗାଁର ଉପେନ୍ଦ୍ର ପ୍ରଧାନଙ୍କ ପୁଅ ଅର୍ଜିତ ପ୍ରଧାନଙ୍କ ମଧ୍ୟରେ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଦେଖାସାକ୍ଷାତ୍ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଅର୍ଜିତ ବିଭିନ୍ନ ସମୟରେ ତାଙ୍କ ସହିତ ବିବାହର ପ୍ରଲୋଭନ ଦେଖାଇ



ଶାରୀରିକ ସମ୍ପର୍କ ରଖି ବାରମ୍ବାର ଗର୍ଭପାତ କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଦୀର୍ଘ ୨ ବର୍ଷ ଧରି ପୁରୀରେ ଏକ ଭଡ଼ା ଘରେ ରହୁଥିବାବେଳେ ଗତ ଦୁଇ ମାସ ପୂର୍ବେ ଅର୍ଜିତ ପ୍ରେମିକାଙ୍କୁ କିଛି ନ ଜଣାଇ ଚମ୍ପଟ ମାରିଥିଲେ। ଯୁବତୀ ଜଣକ ଅର୍ଜିତଙ୍କୁ ଫୋନ୍ କରିଥିଲେ ମଧ ସେ ଫୋନ୍ ନ ଉଠାଇବାରୁ ତାଙ୍କ ସନ୍ଦେହ ବଢ଼ିଥିଲା। ତେବେ ଯୁବତୀ ଜଣକ ନିରୁପାୟ ହୋଇ ବହୁ ଖୋଜାଖୋଜି କରି ଶେଷରେ ଶୁକ୍ରବାର ଗୋପ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଗୋପ ପୁଲିସ କିଛି ନ ବୁଝିବାରୁ ଶନିବାର ପୂର୍ବାହ୍ଣ ୧୧ଟାରେ ଯୁବତୀ ଜଣକ ପ୍ରତାରିତ ପ୍ରେମିକ ଅର୍ଜିତଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ୬ ଘଣ୍ଟା ଧରି ଧାରଣାରେ ବସିବା ପରେ ଗୋପ ପୁଲିସ ବିସରପୁର ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ଘର ସମ୍ମୁଖରେ ଯୁବତୀ ଧାରଣା ଦେବା ପରେ ତାଙ୍କ ପରିବାର ଲୋକେ ବାରିପଟ ଦେଇ ଅର୍ଜିତଙ୍କୁ ଫେରାର୍ କରାଇ ଦେଇଥିଲେ। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିଆରୀଙ୍କୁ ପଚାରିବାରୁ ସେ କହିଥିଲେ ସମ୍ପୃକ୍ତ ଯୁବକ ଫେରାର୍ ଅଛନ୍ତି, ଘଟଣାର ତଦନ୍ତ ଚାଲିଛି।

# ସରକାରୀ ଶିକ୍ଷକଙ୍କ ଦ୍ୱାରା ଚାଲିଛି ବେଆଇନ କୋଚିଂ ସେଣ୍ଟର୍

ନୟାହାଟ,୮।୧୧(ସମିସ): ସରକାରଙ୍କ ନୀତି ନିୟମକୁ ଶିକ୍ଷକମାନେ ମାନୁ ନ ଥିବାବେଳେ ନୟାହାଟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କୋଚିଂ ସେଣ୍ଟର୍ ଖୋଲି ଏକ ବ୍ୟବସାୟରେ ପରିଣତ କରିଛନ୍ତି। ପ୍ରାଥମିକ ଶିକ୍ଷକମାନେ ମାସକୁ ହଜାର ହଜାର ଟଙ୍କା ଦରମା ପାଉଥିବାବେଳେ ସେମାନେ କୋଚିଂ ସେଣ୍ଟର ଖୋଲିପାରିବେ ନାହିଁ ବୋଲି ସରକାରୀ ନିର୍ଦ୍ଦେଶ ଥିବାବେଳେ ନୟାହାଟର ଧୂମଳ ଗଳି, ଜହ୍ନିମାଲିଆ, ବାଉଁଶ ପୋଖରୀ ପ୍ରମୁଖ ସ୍ଥାନରେ ସରକାରୀ ଶିକ୍ଷକଙ୍କ ଦ୍ୱାରା ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଦିଆଯାଇଥାଏ। କୋଚିଂ ସେଣ୍ଟର୍ ନିକଟରେ ଶହଶହ ସାଇକଲ ଦେଖିବାକୁ ମିଳୁଛି। ଶିକ୍ଷିତ ବେକାର ଯୁବକ କୋଚିଂ ସେଣ୍ଟର୍ ଖୋଲିଥିଲେ ମଧ୍ୟ ପିଲାମାନେ ସେଠାକୁ ଡରରେ ଯାଉନାହାନ୍ତି। ପିଲାଙ୍କୁ ଫେଲ୍ କରାଯିବାର ଧମକ ଦେବାରୁ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ସରକାରୀ ଶିକ୍ଷକମାନଙ୍କ ପାଖକୁ ଯାଇଥାନ୍ତି। ଯାହାଫଳରେ ଶିକ୍ଷକମାନେ ମାଲାମାଲ ହେଉଥିବାବେଳେ ବେକାରୀ ଶିକ୍ଷିତ ଯୁବକଯୁବତୀମାନେ ହାତବାନ୍ଧି ବସିଛନ୍ତି। ସରକାରୀ ଶିକ୍ଷକ ଖୋଲିଥିବା କୋଚିଂ ସେଣ୍ଟର୍ ଉପରେ ଶିକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବେକାର ଶିକ୍ଷିତ ଯୁବକଯୁବତୀମାନେ ଦାବି କରିଛନ୍ତି।

# ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

ବାଣପୁର,୮।୧୧(ସମିସ): ସାରା ରାଜ୍ୟରେ ବର୍ତ୍ତମାନ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଚାଲିଥିବାବେଳେ ତଦନୁଯାୟୀ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ବାଣପୁର ପୁଲିସ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଡିଜିଟାଲ ଅଭ୍ୟାସର ବିକାଶ କରିବା। ଏହି ଅବସରରେ ପ୍ରଥମେ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବାଣପୁର ସେଣ୍ଟ୍ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ୍ ହୋଇଥିବାବେଳେ ପୁଲିସ ତରଫରୁ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ଅବଗତ କରାଯିବା ସହ ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଇବର ସଚେତନତା ଶୋଭାଯାତ୍ରାରେ ସାଇବର ରଥ ସହିତ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସାମିଲ୍ ହୋଇ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବାଣପୁର ବଜାର ପରିକ୍ରମା କରି ଲୋକଙ୍କୁ ସାଇବର ସୁରକ୍ଷା ପତ୍ରିକା ବଣ୍ଟନ କରିଥିଲେ। ଏହି ଅବସରରେ ଅପରାହ୍ଣରେ ସ୍ଥାନୀୟ ଗୋଦାବରୀଶ ମହାବିଦ୍ୟାଳୟରେ ଆୟୋଜିତ ମହାବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ପଟ୍ଟନାୟକ, ଜିଲ୍ଲା ସାଇବର ସେଲ ନିରୀକ୍ଷକ ସୁଚିତ୍ରା ଜେନା ଓ ବାଣପୁର ଥାନାଧିକାରୀ ରମେଶ କୁମାର ଦେବତା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁରକ୍ଷା ସମ୍ପର୍କିତ ନାଟିକା ଓ ପୋଷ୍ଟର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଓ ଯୁବ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିବାବେଳେ ଡିଜିଟାଲ ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ପୁଲିସ ତାଲିମ ପ୍ରଦାନ କରିଥିଲେ।

ବାଲୁଗାଁ: ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ବାଲୁଗାଁ ପୁଲିସ ସହଯୋଗରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ବାଲୁଗାଁ ଥାନାର ତାଲିମରତ ପୁଲିସ ଅଧିକାରୀମାନେ ଯୋଗଦେଇ ସାଇବର ଠକେଇର ଶିକାର ହୋଇ କିପରି ନିରୀହ ଯୁବପିଢ଼ି ଓ ମହିଳାମାନେ ହନ୍ତସନ୍ତ ହେଉଛନ୍ତି ସେ ସମ୍ପର୍କରେ ଉପସ୍ଥିତ




ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଓ ଇଂରାଜୀ ଭାଷାରେ ସାଇବର ସୁରକ୍ଷା ସମ୍ପର୍କିତ ମଣ୍ଡଳସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯସ୍ମିନ୍ ବେଗମ ଓ ବିଜୟଲକ୍ଷ୍ମୀ ପଣ୍ଡା ଶ୍ରେଷ୍ଠ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋକାନରୁ ଚୋରି କରି ଗିରଫ

ବଳଙ୍ଗା,୮।୧୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଗଡ଼ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଥିବା ଏକ କ୍ୟାବିନ୍‌ରୁ ବିଭିନ୍ନ ସାମଗ୍ରୀ ଓ ନଗଦ ଟଙ୍କା ଚୋରି ମାମଲାରେ ପୁଲିସ ଶନିବାର ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ଏହି ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମରେ ଆକାଶ ବେହେରା ଓରଫ ଟିକିଲି ବୋଲି ପୁଲିସ ସୂଚନା ଦେଇଛି। ତା' ନିକଟରୁ ଚୋରିରେ ବ୍ୟବହୃତ ଏକ ବାଇକ୍‌କୁ ଜବତ କରାଯାଇଛି। ସୂଚନା ମୁତାବକ, ଗଡ଼ଚାନ୍ଦପୁର ଗ୍ରାମର ନୀଳମାଧବ ସ୍ୱାଇଁଙ୍କର ଗଡ଼ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ଏକ କ୍ୟାବିନ ପକାଇ ବ୍ୟବସାୟ କରନ୍ତି। ଆକାଶ ଅନ୍ୟ ୩ ଜଣଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ କ୍ୟାବିନ୍ ଭାଙ୍ଗି ଡ୍ର'ରେ ଥିବା ନଗଦ ୩୦ ହଜାର ଟଙ୍କା ଓ ୩୦ ହଜାର ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀକୁ ଏକ ଅଖାରେ ଲଦି ବାଇକ୍ ଯୋଗେ ଯିବା ସମୟରେ ନୀଳମାଧବଙ୍କ ହାବୁଡ଼ରେ ପଡ଼ିଥିଲେ। ସେ ଆକାଶକୁ ପୂର୍ବରୁ ଚିହ୍ନି ଥିବାରୁ ତାକୁ ଅଟକାଇବାକୁ ଚେଷ୍ଟା କରିବାକୁ ଆସିବାରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଏନେଇ ନୀଳମାଧବଙ୍କ ପକ୍ଷରୁ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ବଳଙ୍ଗା ଥାନା ଆଇଆଇସି ଦିବ୍ୟରଞ୍ଜନ ପଣ୍ଡା ଘଟଣାକୁ ଗୁରୁତ୍ୱର ସହ ନେଇ ୨୪୩/୨୫ରେ ଏକ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରିଣୀ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଶନିବାର ଭୋର୍ ସମୟରେ ଗୋପିନାଥପୁରସ୍ଥିତ ଆକାଶର ଘରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଆକାଶ ପୁଲିସକୁ ଚକ୍‌ମା ଦେଇ ବାରିପଟେ ଖସିଯିବାକୁ ଉଦ୍ୟମ କରିବା ସମୟରେ ପୁଲିସ ଟିମ୍ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

କଣାସ,୮।୧୧(ସମସ): କଣାସ ବ୍ଲକ୍ ବଡ଼ାଲ ଗ୍ରାମ ପଞ୍ଚାୟତ ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଜ୍ଞାନ ମେଳା ପ୍ରଦର୍ଶିତ ହୋଇଯାଇଛି। ଏହି ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୨୩୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରି ପ୍ରକଳ୍ପ



ନିର୍ମାଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପର ଉପକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଅତିଥିଭାବେ ପ୍ରଫୁଲ୍ଲ ସ୍ୱାଇଁ, ଅଜୟ ସେଠୀ, ସର୍ବେଶ୍ୱର ଜେନା ପ୍ରମୁଖ ବିଜ୍ଞାନର ଉପାଦେୟତା ସମ୍ପର୍କରେ କହିଥିଲେ। ଅଜୟ କୁମାର ବଳିଆରସିଂହ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ କୈବଲ୍ୟ ସ୍ୱାଇଁ ଯୋଗଦେଇ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀମାନେ ନିର୍ମାଣ କରିଥିବା ପ୍ରକଳ୍ପକୁ ପ୍ରଶଂସା କରିଥିଲେ।

# ମଞ୍ଚରେ ମହିଳା ସୁରକ୍ଷା ବାର୍ତ୍ତା ଦେଲେ କୁନି ଝିଅ

ଅସ୍ତରଙ୍ଗ,୮।୧୧(ସମିସ): ଅସ୍ତରଙ୍ଗ ବ୍ଲକ୍ ତାଳେଦା ଦେବୀ ନଦୀ ପଠାରେ ଥିବା ବାଲିଯାତ୍ରା ପଡ଼ିଆର ସାଂସ୍କୃତିକ ମଞ୍ଚରେ ୮ ବର୍ଷର କୁନି ଝିଅ ମହିଳା ସୁରକ୍ଷା ପାଇଁ "ଉଇ ୱାଣ୍ଟ ଫର୍ ଜଷ୍ଟିସ୍' ନୃତ୍ୟରେ ହଜାର ହଜାର ଦର୍ଶକଙ୍କୁ ସ୍ତମ୍ଭୀଭୂତ କରିଦେଲେ। ତାଳଦା ଦୀପାଞ୍ଚଳରେ ବାଲିଯାତ୍ରାର ଦ୍ୱିତୀୟ ବର୍ଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନେକ କୁନି ପ୍ରତିଭାଙ୍କୁ ସେମାନଙ୍କ କଳା ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ମାତ୍ର ୮ ବର୍ଷର ଝିଅ ରେସ୍ମା ନୃତ୍ୟ ମାଧ୍ୟମରେ ମହିଳାଙ୍କ ସ୍ୱାଧୀକାର ଓ ସୁରକ୍ଷା ପାଇଁ ଜନସାଧାରଣ ଏବଂ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଆମେ ଏବେ ବି ଅବହେଳିତ, ଆମକୁ ଏଭଳି ସୁରକ୍ଷା ଦିଅ ସନ୍ଧ୍ୟା ସମୟରେ ଆମେ ବି ମୁଣ୍ଡ ଟେକି ନିଜକୁ ସୁରକ୍ଷିତ ମନେକରି ରାଜରାସ୍ତାରେ ଯେପରି ଚାଲିପାରିବୁ ବାର୍ତ୍ତା ଦେଇଥିଲେ। ରେସ୍ମା ହେଉଛନ୍ତି ଅସ୍ତରଙ୍ଗ ବ୍ଲକ୍ ନଗର ପଞ୍ଚାୟତ ରାମଚନ୍ଦ୍ର ବେହେରା ଓ ରାନୁ ବେହେରାଙ୍କ ଝିଅ। ସେ ଭୁବନେଶ୍ୱର ନୂଆଗାଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୫ ଶ୍ରେଣୀରେ ଅଧ୍ୟୟନରତ। ସମସ୍ତେ ରେସ୍ମା ଭଳି କୁନି ଝିଅଠୁ ଆଜିର ନାରୀ ସୁରକ୍ଷା ପାଇଁ କିଛି ଶିଖିବା ଦରକାର। ତାଙ୍କ ନୃତ୍ୟରେ ଥିଲା ଗୋଟେ ଅବହେଳିତ ପୀଡ଼ିତା ନାରୀର ଯନ୍ତ୍ରଣା। ଆଉ ସମସ୍ତେ ଏକାଠି ହୋଇ ମହିଳାଙ୍କୁ ସୁରକ୍ଷା ଦେବା ସହ ଏହା ଆମର ଦାୟିତ୍ୱ ବୋଲି ଗ୍ରହଣ କରିବା।



# ବିଦ୍ୟାଳୟରେ ଜାତୀୟ ଗୀତର ୧୫୦ତମ ପୂର୍ତ୍ତି ଦିବସ

ବାଣପୁର,୮।୧୧(ସମିସ): ବାଣପୁର ବାଲୁଗାଁ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜାତୀୟ ଗୀତର ୧୫୦ତମ ପୂର୍ତ୍ତି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବାହ୍ଣରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ, ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ସମେତ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ ସାମିଲ୍ ହୋଇ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିଥିଲେ। ଏହି କ୍ରମରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଏସ୍‌ପି ଏନ୍‌ଏସ୍ ବର୍ମାଙ୍କ ପୌରୋହିତ୍ୟରେ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଜାତୀୟ ଗୀତର ୧୫୦ତମ ପୂର୍ତ୍ତି ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟକ୍ଷ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଜାତୀୟ ଗୀତର ଉଦ୍ଦେଶ୍ୟ ଓ ପବିତ୍ର ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ୍ ହୋଇ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିଥିଲେ।

# ଜିଲ୍ଲାସ୍ତରୀୟ 'ସୁରଭି' ବିଜେତାଙ୍କୁ ସମ୍ବର୍ଦ୍ଧନା

କଣାସ,୮।୧୧(ସମସ): କଣାସ ହାୟର ସେକେଣ୍ଡାରୀ ବିଦ୍ୟାଳୟର ୨ଜଣ ମେଧାବୀ ଛାତ୍ରୀ ଜିଲ୍ଲାସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ଭାଗ ନେଇ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ହାସଲ କରିଛନ୍ତି। ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ବର୍ଷ କଳା ଛାତ୍ରୀ ମିନତୀ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି କଲେଜର ମର୍ଯ୍ୟାଦା ବଢ଼ାଇଛନ୍ତି। ସେହିପରି ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇ ଦ୍ୱିତୀୟ ବର୍ଷ କଳା ଛାତ୍ର ଦୀପକ ମାର୍ଥା ଜିଲ୍ଲାର ଦ୍ୱିତୀୟ ସର୍ବୋଚ୍ଚ ସମ୍ମାନ ହାସଲ କରି ଉକ୍ତ ଶିକ୍ଷାନୁଷ୍ଠାନର ବିଜୟ ବାନା ଉଡ଼ାଇବାରେ ସମର୍ଥ ହୋଇଛନ୍ତି। ଉଭୟ ବିଜେତାଙ୍କୁ କଲେଜ ତରଫରୁ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ତଥା ଅନ୍ୟ ସହକର୍ମୀଙ୍କ ସହ ଅଧ୍ୟକ୍ଷା ସଞ୍ଜୁ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# କୃଷି ବିଜ୍ଞାନ କେନ୍ଦ୍ରରେ ଆର୍ଯ୍ୟା ପ୍ରକଳ୍ପର ଜିଲ୍ଲାସ୍ତରୀୟ ବୈଠକ

ସାକ୍ଷୀଗୋପାଳ,୮।୧୧(ସମିସ): କୃଷି ବିଜ୍ଞାନ କେନ୍ଦ୍ର ସାକ୍ଷୀଗୋପାଳ ପରିସରରେ ଶନିବାର ଏକ ଦିବସୀୟ ଜିଲ୍ଲାସ୍ତରୀୟ ଆର୍ଯ୍ୟା ପ୍ରକଳ୍ପର ବାର୍ଷିକ ବୈଠକ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ଜାତୀୟସ୍ତରରେ ଅଟାରି ଜୋନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଭିଜିତ୍ ହାଲ୍‌ଦାର, କୃଷି ସମ୍ପ୍ରସାରଣର ସହ ନିର୍ଦ୍ଦେଶକ ଡ. ରବି ରତନ ଦାସ, ରାଜ୍ୟ ଆର୍ଯ୍ୟା ପ୍ରକଳ୍ପ ନିର୍ଦ୍ଦେଶିକା ଡ. ସର୍ବାଣୀ ଦାସ ପ୍ରକଳ୍ପ ଅନ୍ତର୍ଗତ ଯୁବ ଚାଷୀ ଜିଲ୍ଲାରେ କାର୍ଯ୍ୟରତ ଉଦ୍ୟାନ ଅଧିକାରୀ, କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ, ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଅଧିକାରୀ ଡ. ଅମ୍ବିକା ପ୍ରସାଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ଉକ୍ତ କାର୍ଯ୍ୟକ୍ରମର ବିଗତ ବର୍ଷର କାର୍ଯ୍ୟକ୍ରମର ସୂଚନା ଦେବା ସହିତ ଓ ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଓୟୁଏଟି ସମ୍ପ୍ରସାରଣ ସହ ନିର୍ଦ୍ଦେଶକ ଡ. ରବି ରତନ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରକଳ୍ପର ସଫଳତା ଦୃଷ୍ଟାନ୍ତମୂଳକ ଉଦାହରଣ ବର୍ତ୍ତମାନ ପ୍ରକଳ୍ପଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜୋନାଲ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଭିଜିତ୍ ହାଲ୍‌ଦାର ମହୁମାଛି, ମତ୍ସ୍ୟ, କୁକୁଡ଼ା ପାଳନ ଓ ଛତୁ ଚାଷରେ ଦକ୍ଷତା ଅବଲମ୍ବନ ପରେ କେନ୍ଦ୍ର ସହାୟତାରେ ସଫଳ ଯୁବପିଢ଼ିଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ପ୍ରକଳ୍ପର ନିର୍ଦ୍ଦେଶିକା ସଫଳତା ଓ ବିଫଳତାର କାହାଣୀ ପ୍ରକାଶ କରି ଯୁବଚାଷୀଙ୍କୁ ଅନୁପ୍ରାଣିତ କରିବା ସହିତ କୃଷି କ୍ଷେତ୍ରରେ ଅନୁବନ୍ଧିତ କରି ରଖିବ ସେ ଦିଗରେ ଆଲୋକପାତ କରିଥିଲେ।



ଯୁବ ଚାଷୀମାନେ ପ୍ରକଳ୍ପ ମାଧ୍ୟମରେ କିପରି ସଫଳ ହୋଇପାରିଛନ୍ତି ତାହା ଅବଗତ କରିଥିଲେ। ବିଫଳତାର ସାମ୍ନା କରିଥିବା ଯୁବ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରକଳ୍ପ ଅଧିକାରୀମାନେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ମହୁ ଚାଷରେ ସଫଳତା ପାଇଥିବା ପିପିଲି ବ୍ଲକ୍‌ର ସୁଶାନ୍ତ ସାହୁ ଏବଂ ସଦର ବ୍ଲକ୍‌ର ମତ୍ସ୍ୟ ଚାଷୀ ସନ୍ତୋଷ ଦାସଙ୍କ କ୍ଷେତ୍ର ପରିଦର୍ଶନ କରିଥିଲେ। କ୍ଷେତ୍ରର ପ୍ରକଳ୍ପ ଅଧିକାରୀ ଡ. ସୁମିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦୀପଶିଖା ପରମ୍‌ଜିତା, ଡ. ବିଷ୍ଣୁପଦ ଗିରି, ଡ. ସାର୍ଥକ ପଟ୍ଟନାୟକ, ରାଜେଶ ମହାପାତ୍ର, ବିଭୁପ୍ରସାଦ ଦାଶ, ଗୋପାଳ କୃଷ୍ଣ ଓଝା, ଶୁଭମ୍ ସାଗର ନାୟକ, ସ୍ମୃତିମୟୀ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

 କଣାସ,୮।୧୧(ସମିସ): କଣାସ ବ୍ଲକ୍ ଗଡ଼ିଶାଗୋଡାଠାରେ ପ୍ରତିଷ୍ଠିତ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଗୋପୀନାଥ ମଙ୍ଗରାଜଙ୍କ ୧୧୪ତମ ଜନ୍ମବାର୍ଷିକୀ ଓ ବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ପାଳନ ହେବା ସହ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ବିଦ୍ୟାଳୟ ପରିସରରେ ପ୍ରଭାକର ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉମ୍ବରୁଧର ସେଠୀ, ଗଙ୍ଗାଧର ପ୍ରଧାନ, ନିରଞ୍ଜନ ପାତ୍ର, ଚକ୍ରଧର ପ୍ରଧାନ, ଗୋବର୍ଦ୍ଧନ ବେହେରା, ରତ୍ନାକର ସାହୁ, ଦିଗମ୍ବର ସୁବୁଦ୍ଧି, ମଧୁସୂଦନ ଜେନା, ପ୍ରଭାକର ବେହେରା, ନିମାଇଁ ଚରଣ ସାହୁ, ଭରତ ହରିଚନ୍ଦନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଭାସ୍କର ଚନ୍ଦ୍ର ପ୍ରଧାନ, ସତ୍ୟପିର ବଳିୟାରସିଂହଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ୨୦୨୬ ମାର୍ଚ୍ଚ ମାସରେ ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ସୁଦୂର ମଫସଲ ଅଞ୍ଚଳରେ ରାସ୍ତାଘାଟ ନ ଥିବାବେଳେ ଶିକ୍ଷାର ଅଗ୍ରଗତି ପାଇଁ ସ୍ୱର୍ଗତ ଗୋପୀନାଥ ମଙ୍ଗରାଜ ଯେଉଁ ସ୍ୱପ୍ନ ଦେଖି ବିଦ୍ୟାଳୟ ସ୍ଥାପନ କରିଥିଲେ, ସେହି ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଭଲ ମଣିଷ ହୋଇ ଉତ୍ତୀର୍ଣ୍ଣ ହେବା ସହ ରାଜ୍ୟ ଓ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଅତିଥିମାନେ ସମ୍ୟକ୍ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷକ ଅମୀୟ ଜଗଦ୍ଦେବ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ନିମାଇଁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ମଞ୍ଚ ପରିଚାଳନା କରିଥିଲେ।




BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

୮/୧୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୦,୪୪୫/- | ସୁନା: ୦୦.୦୦୦ ଗ୍ରାମ୍ | ରୁପା: ୦୦.୦୦୦ ଗ୍ରାମ୍





# ସୂର୍ଯ୍ୟ ମନ୍ଦିର ନାଟମଣ୍ଡପକୁ ଚଢ଼ି ପାରିବେନି ପର୍ଯ୍ୟଟକ




ପୁରୀ/କୋଣାର୍କ,୮।୧୧(ସମିସ): ପର୍ଯ୍ୟଟକଙ୍କ ପାଇଁ କୋଣାର୍କ ସୂର୍ଯ୍ୟ ମନ୍ଦିରର ନାଟ୍ୟମଣ୍ଡପ ବନ୍ଦ କଲା ଏଏସ୍ଆଇ। ଏଣିକି ପର୍ଯ୍ୟଟକମାନେ ଆଉ ନାଟମଣ୍ଡପକୁ ଚଢ଼ିପାରିବେନି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏହି କଟକଣା ଲଗାଇଛି ଏଏସ୍ଆଇ। ଅସାବଧାନତାରୁ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା କହିଛି ଏଏସ୍ଆଇ। ମନୁ୍ୟମେଣ୍ଟ ଆଇନ ଅନୁଯାୟୀ ଚଢ଼ିବା ବାରଣ ଥିବା କାରଣ ଦର୍ଶାଇ ଏଏସ୍ଆଇ ଏହି କଟକଣା ଜାରି କରିଛି। ବ୍ୟାରିକେଡ୍ ଲଗାଇ ନାଟ୍ୟ ମଣ୍ଡପର ୪ ଦ୍ୱାର ସମ୍ମୁଖକୁ ବନ୍ଦ କରିଦିଆଯାଇଛି। ଏହି କଟକଣା ପରେ ପର୍ଯ୍ୟଟକମାନେ ଏଣିକି ଆଉ ନାଟ୍ୟମଣ୍ଡପ ଚଢ଼ି କୀର୍ତ୍ତିରାଜି ଓ ମୁଖ୍ୟ ମନ୍ଦିରର ଦୃଶ୍ୟକୁ ଦେଖିପାରିବେ ନାହିଁ କିମ୍ବା କୌଣସି କୀର୍ତ୍ତିରାଜିକୁ ପାଖରୁ ସ୍ପର୍ଶ କରିପାରିବେ ନାହିଁ। ଏ ନେଇ ଏଏସ୍ଆଇ ପକ୍ଷରୁ ନିଷେଧାଦେଶ ସହ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ଶୁକ୍ରବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ନାଟ୍ୟମଣ୍ଡପ ଚଢ଼ିବା ଉପରେ କଟକଣା ଜାରି କରାଯାଇଛି। ପର୍ଯ୍ୟଟକମାନେ ତଳେ ରହି ନାଟ୍ୟମଣ୍ଡପର ଚତୁଃପାର୍ଶ୍ୱ ବୁଲି ଦେଖିପାରିବେ ବୋଲି ଏଏସ୍ଆଇର ପୁରୀ ସର୍କଲ୍ ଅଧୀକ୍ଷକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି।

ସୂଚନାଥାଉ କି, ପର୍ଯ୍ୟଟକମାନେ ପ୍ରଥମେ ନାଟମଣ୍ଡପ ଉପର ଦେଇ ସିଡ଼ିରେ ଯାଇ ସୂର୍ଯ୍ୟଙ୍କ ଉଦୟ ସମୟର ପ୍ରଥମ କିରଣର ସ୍ପର୍ଶ ପାଇବାକୁ ଚାହିଁଥା'ନ୍ତି। ଅନେକ ପର୍ଯ୍ୟଟକ ଏହି ନାଟମଣ୍ଡପ ଉପରେ ରହି ସେଲ୍ଫି ଓ ଫଟୋ ଉତ୍ତୋଳନ କରିଥା'ନ୍ତି। ନିକଟରୁ ବିଭିନ୍ନ କୀର୍ତ୍ତିରାଜିକୁ ସ୍ପର୍ଶ କରି ସୂକ୍ଷ୍ମ କାରୁକାର୍ଯ୍ୟକୁ ମଧ୍ୟ ଦେଖିଥା'ନ୍ତି। ମାତ୍ର ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ଅସାବଧାନତାରୁ ନାଟମଣ୍ଡପ ସିଡ଼ିରୁ ଖସିପଡ଼ି ଗୁରୁତର ହୋଇଥିବା ନଜିର ରହିଛି। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି ଏଏସ୍ଆଇ।

# ବରିଷ୍ଠ ସିଂହାରୀ ସେବକ ହରିହର କରଙ୍କ ପରଲୋକ

ପୁରୀ, ୮।୧୧ (ସମିସ): ଶ୍ରୀମନ୍ଦିରର ବରିଷ୍ଠ ସିଂହାରୀ ସେବକ ତଥା ଶିକ୍ଷକ ହରିହର କରଙ୍କ ୭୪ ବର୍ଷ ବୟସରେ ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀର ବାସେଳୀ ସାହିସ୍ଥିତ ବାସଭବନରେ ପହଞ୍ଚିଥିଲା। ଏହାପରେ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସେଠାରେ ଏକମାତ୍ର ପୁଅ ଦୀନବନ୍ଧୁ ସିଂହାରୀ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାରରେ ପରିବାର ସଦସ୍ୟ, ସମ୍ପର୍କୀୟଙ୍କ ସମେତ ପୁରୀ ସହରର ଅନେକ ସାଧୁସନ୍ଥ, ମହନ୍ତ, ବୁଦ୍ଧିଜୀବୀ, ସମାଜସେବୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ତାଙ୍କ ବିୟୋଗ ଶ୍ରୀମନ୍ଦିର ସେବାୟତ ସମାଜ ତଥା ସିଂହାରୀ ସେବକମାନଙ୍କ ପାଇଁ ଅପୂରଣୀୟ କ୍ଷତି। ସେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଯଥା- ରାଜରାଜେଶ୍ୱର, ଲକ୍ଷ୍ମୀ ନାରାୟଣ, ନାଗାର୍ଜୁନ ବେଶ ଭଳି ଦୁର୍ଲ୍ଲଭ ବେଶରେ ନିଜକୁ ନିୟୋଜିତ କରିବା ସହିତ କନିଷ୍ଠଙ୍କୁ ମହାପ୍ରଭୁଙ୍କ ବେଶ ତଥା ସିଂହାର ସେବା କରିବାରେ ମାର୍ଗଦର୍ଶନ କରୁଥିଲେ। ଏଥିସହିତ ସେ ବିଭିନ୍ନ ସଂଗଠନ ଗଢ଼ି ଏହା ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାରରେ ନିଜକୁ ନିୟୋଜିତ କରିଥିଲେ।

## ଆଶା କର୍ମୀ ସଂଘ ପୁରୀ ଜିଲ୍ଲା ସମ୍ମିଳନୀ

# ସର୍ବନିମ୍ନ ମଜୁରି ଦାବି

ପୁରୀ,୮।୧୧(ସମିସ): ପୁରୀ ଜିଲ୍ଲା ଆଶା କର୍ମୀ ସଂଘର ଚତୁର୍ଥ ବାର୍ଷିକ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ଜିଲ୍ଲା ଆଶାକର୍ମୀ ସଂଘ ସଭାପତି ପୀତବାସ ବେହେରା। ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ଆଶାକର୍ମୀ ସଂଘର ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ। ଏଥିରେ ସିଆଇଟିୟୁର ରାଜ୍ୟ ସମ୍ପାଦକ ହୁଲ୍ଲାସ ସ୍ୱାଇଁ, ଶରତ ରାୟଗୁରୁ, ଆଶାକର୍ମୀ ସଂଘର ନେତ୍ରୀ ବନବାସିନୀ ମହାପାତ୍ର, ଜିଲ୍ଲା ସମ୍ପାଦିକା ଶ୍ରୀକ୍ଷେତ୍ରୀ ସ୍ୱାଇଁ, ଶୈଳବାଳା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ବାରିକ, ମମତା ପ୍ରଧାନ, ସୁକାନ୍ତି ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଶାକର୍ମୀଙ୍କ ପ୍ରତି ବୈମାତୃକ ମନୋଭାବ କିଭଳି ରହିଛି ସେ ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ଅନ୍ୟ ରାଜ୍ୟ ତୁଳନାରେ ଆଶାକର୍ମୀଙ୍କୁ କିଭଳି ଶୋଷଣ କରାଯାଉଛି ତାହା ମଧ୍ୟ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶା କର୍ମୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାରେ ଆଶାକର୍ମୀମାନେ ଦୀର୍ଘବର୍ଷ ହେବ ଅବିଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। କିନ୍ତୁ ଏମାନଙ୍କୁ ଏପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ମିଳିନାହିଁ। ଆଶାକର୍ମୀ, ମଧ୍ୟାହ୍ନଭୋଜନ ପାଚିକା, ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତି ମହିଳାଙ୍କ ପ୍ରତି କେତେ ଦରଦ ଏଥିରୁ ହିଁ ସ୍ପଷ୍ଟ ଜଣାପଡୁଛି। ଅନ୍ୟ ରାଜ୍ୟରେ ଆଶା କର୍ମୀଙ୍କ ପ୍ରୋତ୍ସାହନ ରାଶି ସହ ଦରମା ବୃଦ୍ଧି କରାଯାଇଛି। ଓଡ଼ିଶାରେ ରାଜ୍ୟ ସରକାର ଆଶା କର୍ମୀଙ୍କୁ ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ସମ୍ମିଳନୀରେ ଦାବି ଉଠିଛି।

ଏ ସରକାର ଏକ ମହିଳା ବିରୋଧୀ ସରକାର ବୋଲି ରାଜ୍ୟ ସଭାପତି ବିଶଦ୍ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ପୁରୀ ଜିଲ୍ଲାର କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ଜିଲ୍ଲା ସଭାପତି ଭବେ ବନବାସିନୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପୀତବାସ ବେହେରା, ସାଧାରଣ ସମ୍ପାଦିକା ଶ୍ରୀକ୍ଷେତ୍ରୀ ସ୍ୱାଇଁ, ଉପସଭାପତି ମଞ୍ଜୁବାଳା ଦେବୀ, ସମ୍ପାଦିକା ରୀତାଞ୍ଜଳି ପଣ୍ଡା, କୋଷାଧ୍ୟକ୍ଷ ସରସ୍ୱତୀ ବିଶ୍ୱାଳ, ଜିଲ୍ଲା କମିଟି ସଭ୍ୟ ଭାବେ ମଞ୍ଜୁବାଳା ଦେବୀ, ମମତା ପ୍ରଧାନ, ରୀତା ମହାରଣା, ସବିତା ପ୍ରଧାନ, ମିନାମଣୀ ବେହେରା, ଶୈଳବାଳା ସ୍ୱାଇଁ, ସୌଦାମିନୀ କାଣ୍ଡି, ମମତା ପାତ୍ର, ନିଶା ବେଗମ, ଶାନ୍ତିଲତା ପ୍ରଧାନଙ୍କୁ ନେଇ ୧୭ ଜଣିଆ କମିଟି ଗଠନ କରାଯାଇଛି।

# 'ଜଳବାୟୁ ପରିବର୍ତ୍ତନ ହ୍ରାସ ଯୁବ ସମାଜର ଗୁରୁଦାୟିତ୍ୱ'




ପୁରୀ, ୮।୧୧ (ସମିସ): ଜଳବାୟୁ ପରିବର୍ତ୍ତନର ମୁଖ୍ୟ ସାଧନ ଭାବେ ବର୍ତ୍ତମାନ ଯୁବଶକ୍ତି ଆଗଭର ହେବା ଉଚିତ୍। ଜଳବାୟୁ ପରିବର୍ତ୍ତନରେ ଶିଶୁ, ସାଧାରଣ ଜନତା ଓ ବିଶେଷ ଭାବେ ମହିଳାମାନେ କ୍ଷତିଗ୍ରସ୍ତ ହୋଇଥା'ନ୍ତି। ଏହାର ସୁଦୂରପ୍ରସାରୀ ସମାଧାନ ସକାଶେ ସମୟ ଉପନୀତ ବୋଲି ଶନିବାର ପୁରୀଠାରେ ଆୟୋଜିତ ୱାଇକପ୍-୨୦୨୫ ଦୁଇଦିନିଆ ସମ୍ଭାବନାମୟ ସମ୍ମିଳନୀ ଅବସରରେ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ଓଡ଼ିଶାର ଜଳପୁରୁଷ ଭାବେ ଖ୍ୟାତ ରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟରେ ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ପାଳନ ସହ ପ୍ରାକୃତିକ ଦୁର୍ବିପାକ ସମୟରେ କ୍ଷତିର ସାମ୍ନା କରୁଥିବା ପ୍ରତ୍ୟେକ ବର୍ଗଙ୍କ ସମସ୍ୟାର ସମାଧାନ ସକାଶେ ବହୁ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ମତବିନିମୟ କରିଥିଲେ। ଜଣେ କୁନି ଝିଅ ଆଦ୍ୟା ଜଗଦେବ ମହାପାତ୍ର ନିଜର ସଂକ୍ଷିପ୍ତ ଅଭିଭାଷଣରେ ପ୍ଲାଷ୍ଟିକ୍ ସମସ୍ୟା କିପରି ଦିନକୁ ଦିନ ବୃଦ୍ଧିପାଉଛି ଏବଂ ଜୀବନର ପ୍ରତିସ୍ତରରେ ପ୍ଲାଷ୍ଟିକ୍ ବ୍ୟବହାରକୁ କମାଇ ପରିବେଶ ବନ୍ଧୁତ୍ୱକୁ ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ଯୁବ ସମାଜ ବର୍ତ୍ତମାନଠାରୁ ପରିବେଶ ସୁରକ୍ଷା ଦିଗରେ ବ୍ରତୀ ହେବା ଦରକାର। ଏଥିସହ ପ୍ଲାଷ୍ଟିକ୍‌ମୁକ୍ତ ଜୀବନଧାରଣ ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ରଖିବା ସକାଶେ ଆଗଭର ହେବାକୁ ଜଳପୁରୁଷ ରଞ୍ଜନ ପଣ୍ଡା ଆହ୍ୱାନ ଦେଇଥିବାବେଳେ ଆର୍ଟ୍ ଏଟ୍ ଆକ୍ସନର ମୁଖ୍ୟ ଉମି ଡାନିଏଲ୍ ଜଳବାୟୁ ପରିବର୍ତ୍ତନ ସକାଶେ ହେଉଥିବା ସ୍ଥାନାନ୍ତରଣ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଖାଦ୍ୟ ଅଧିକାର ଅଭିଯାନର କାର୍ଯ୍ୟକର୍ତ୍ତା ସମୀତ ପଣ୍ଡା ଜଳବାୟୁ ପରିବର୍ତ୍ତନରେ ଉତ୍ପନ୍ନ ଖାଦ୍ୟ ସଙ୍କଟର ସମାଧାନ ସକାଶେ ବିଭିନ୍ନ ଉପାୟର ଅବତାରଣା କରିଥିଲେ। ପ୍ରଥମ ଦିନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ପ୍ରଦୂଷଣ ଦୂରୀକରଣ ଶୀର୍ଷକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପରେ ୟୁଥ୍ ଫର୍ ୱାଟର ଇନିସିଏଟିଭ୍ ତରଫରୁ ସମସ୍ତ ଅଂଶଗ୍ରହଣକାରୀ ପ୍ରତିନିଧି ନୀଳାଦ୍ରି ବିଚ୍‌ରେ ସମାବେଶ ହୋଇ ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍‌କୁ ଗୁରୁତ୍ୱ ଦେବା ଓ ଜନସାଧାରଣରେ ତାହାକୁ ପରିବ୍ୟାପ୍ତ କରିବାକୁ ଶପଥ ନେଇଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ସସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର ଯୁବକ ମୃତ

ଡେଲାଙ୍ଗ,୮।୧୧(ସମିସ): ଡେଲାଙ୍ଗ ଥାନା ଅଧୀନ କଅଁଳପଡ଼ା ଗ୍ରାମରେ ଗତ ୪ଦିନ ତଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ୨୮ ବର୍ଷୀୟ ଯୁବକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସିତ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ, ଗତ ମଙ୍ଗଳବାର ଦିନ ୧୨ଟା ସମୟରେ ଗ୍ରାମର ମହାବୀର ମନ୍ଦିର ନିକଟରେ ମିଟୁ ବଳିୟାରସିଂହଙ୍କ ପୁଅ ପର୍ଶୁରାମ ବଳିୟାରସିଂହ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଅନ୍ୟ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗ୍ରାମର ଏକାଧିକ ଯୁବକ ମିଶି ପୁଅକୁ ସଂଘବଦ୍ଧ ଆକ୍ରମଣ କରିବା ଓ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ଫୋପାଡ଼ିଦେବା ନେଇ ମୃତ ଯୁବକଙ୍କ ମାଆ କୁନି ବଳିୟାରସିଂହ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଯୁବକଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି। ଖବର ଲେଖା ବେଳକୁ ମୃତ ଯୁବକଙ୍କ ଅନ୍ତିମ ସଂସ୍କାର କରାଯାଇ ନ ଥିବା ଓ ଗାଁରେ ପୁଲିସ ମୁତୟନ ରହି ପରିବାର ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଥିବା ଜଣାପଡ଼ିଛି।

# ଗୀତିକାର ବଦ୍ରି ମିଶ୍ର ସମ୍ମାନିତ

ପୁରୀ,୮।୧୧(ସମିସ): ଓଡ଼ିଶାର ବିଶିଷ୍ଟ ଗୀତିକାର ବଦ୍ରି ମିଶ୍ର ପଶ୍ଚିମବଙ୍ଗରେ ସମ୍ମାନିତ ହୋଇଛନ୍ତି। କୋଲକାତା ଗରିଆହାଟସ୍ଥିତ ପମ୍ପପରା ସମ୍ମିଳନୀ କକ୍ଷରେ ଶ୍ୟାମା ସଙ୍ଗୀତ, ରବିନ୍ଦ୍ର ସଙ୍ଗୀତ, ଭାରତୀୟ ନୃତ୍ୟକଳା ତଥା ଉତ୍କଳୀୟ ସଂସ୍କୃତି ସମ୍ପର୍କିତ ଅନୁଷ୍ଠାନ ଦି ନିଓ ଷ୍ଟ୍ରିଙ୍ଗ୍ ଏକାଡେମୀ ପକ୍ଷରୁ ଆୟୋଜିତ ଉତ୍ସବରେ ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା, ଅନୁଷ୍ଠାନର ଅଧ୍ୟକ୍ଷ ଡା. ରଥିନ ଚକ୍ରବର୍ତ୍ତୀ, ପଶ୍ଚିମବଙ୍ଗ ନୀଳଚକ୍ରର ସଭାପତି ଲକ୍ଷ୍ମୀନାରାୟଣ ମଲ୍ଲିକ, ଅନୁଷ୍ଠାନର ସମ୍ପାଦକ ଅମିତ୍ ଚାଟାର୍ଜୀ ଶ୍ରୀ ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଭିତର କାଠରେ ବାନ୍ତି: ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୮।୧୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତର କାଠରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି।

ଶନିବାର ଅପରାହ୍ନ ୪ଟା ୫ରେ ମଧ୍ୟାହ୍ନ ଧୂପ ସରିଥିଲା। ସାଢ଼େ ୪ଟାରେ ଦ୍ୱିତୀୟ ଭୋଗମଣ୍ଡପ ବଢ଼ିବା ପରେ ଭିତର କାଠ ଦର୍ଶନ ଚାଲିଥିଲା। ଏହି ସମୟରେ କେହି ଜଣେ ଭକ୍ତ ଭିତର କାଠରେ ବାନ୍ତି କରି ଦେଇଥିଲେ। ଏହା ଜଣାପଡ଼ିବା ପରେ ସେଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ସନ୍ଧ୍ୟା ୬ଟା ୫ରେ ରତ୍ନସିଂହାସନଠାରୁ ଜୟବିଜୟଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ସନ୍ଧ୍ୟା ୬ଟା ୪୫ରେ ସିଂହାସନ ଧୂଆଯାଇଥିଲା। ୬ଟା ୫୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୭ଟା ୫ରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

# କବି ଶଙ୍କର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୮।୧୧(ସମିସ): ପୁରୀ ସଦର ବ୍ଲକ୍‌ର ପ୍ରମୁଖ ଶିକ୍ଷାନୁଷ୍ଠାନ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଶନିବାର ରାଜନେତା ଓ କବି ଶଙ୍କର ପରିଡ଼ାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ଅଧ୍ୟକ୍ଷା ରୀତା ମହାନ୍ତି ଶଙ୍କରଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଅତିଥି ଭାବେ ଯୋଗଦେଇ ବିଜୟ ଦାସ, ଛଇଲ ପାଣି ଓ ଦାଶରଥି ପରିଡ଼ା ପ୍ରମୁଖ ବାଲିପୁଟର




ସାମଗ୍ରିକ ବିକାଶରେ ସ୍ୱର୍ଗତ ପରିଡ଼ାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ମହାବିଦ୍ୟାଳୟ ସ୍ଥାପନ ତାଙ୍କର ଏକ ପ୍ରମୁଖ କୃତିତ୍ୱ ବୋଲି ମତପ୍ରକାଶ ପାଇଥିଲା। ଅଧ୍ୟାପକ ସୁଶାନ୍ତ କୁମାର ଭୂୟାଁ, ସୁନିତା ମହାନ୍ତି, ସୁଜାତା ସ୍ୱାଇଁ, ଆଶୁତୋଷ ସ୍ୱାଇଁ ଓ କମଳ କୁମାର ଦାସ ପ୍ରମୁଖ ଡିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ରୂପେ ତାଙ୍କ ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଶଙ୍କର ପରିଡ଼ାଙ୍କ ସ୍ମୃତିଚାରଣ ପରିବେଶକୁ ଭାବଗମ୍ଭୀର କରିଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପବିତ୍ର ମୋହନ ଦାଶ।

# ଧୂଳି, ବାଲିରେ ରୁନ୍ଧି ହୋଇଯାଉଛି ଆଖି, ନାକ

## ରାସ୍ତାରେ ଯାତାୟାତ ବେଳେ ଅତିଷ୍ଠ ହେଉଛନ୍ତି ଲୋକେ

## 'ସ୍ୱଚ୍ଛ ପୁରୀ, ଗର୍ବ ଆମରି'କୁ ଭୁଲିଗଲାଣି ପୌରସଂସ୍ଥା

ପୁରୀ,୮।୧୧(ସମିସ): ପୁରୀ ସହରର ସ୍ୱଚ୍ଛତା ଆଉ ଆଗଭଳି ନାହିଁ। ଏକଦା ସ୍ୱଚ୍ଛତା କ୍ଷେତ୍ରରେ ଜାତୀୟସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଜୋର୍‌ଦାର ଭାବେ ଉଦ୍ୟମ କରିଥିଲା ପୁରୀ। 'ସ୍ୱଚ୍ଛ ପୁରୀ, ଗର୍ବ ଆମରି'ର ନାରା ଦେଇ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଉଥିଲା। ପୁରୀର ପବିତ୍ର ମାଟିକୁ ଯେପରି ଅଳିଆ ଆବର୍ଜନା ନ ଛୁଇଁବ ସେଥିଲାଗି ସହରବାସୀଙ୍କ ସହଯୋଗ ଲୋଡ଼ିଥିଲା ପୌରସଂସ୍ଥା। ଏଥିପାଇଁ ପ୍ରତି ୱାର୍ଡରେ ଏବେ ବି ସ୍ୱଚ୍ଛ ସବାରୀ ଗାଡ଼ି ବୁଲୁଛି। ହେଲେ ସ୍ୱଚ୍ଛତା କ୍ଷେତ୍ରରେ ପୁରୀ ଧୀରେ ଧୀରେ ତଳକୁ ଖସିବାରେ ଲାଗିଛି। ବଡ଼ କଥା ହେଉଛି ସହରର ରାସ୍ତାଘାଟ ଠିକ୍ ଭାବେ ସଫା ହେଉନାହିଁ। ଫଳରେ ଧୂଳି, ବାଲିରେ ଅତିଷ୍ଠ ହୋଇପଡୁଛନ୍ତି ପୁରୀବାସୀ। ରାସ୍ତାରେ ଯିବାବେଳେ କୌଣସି ବଡ଼ ଗାଡ଼ି ପାସ୍ କଲେ କିମ୍ବା କୌଣସି ବଡ଼ ଗାଡ଼ି ପଛରେ ଗଲେ ଧୂଳି, ବାଲିରେ ଆଖି ପୋତି ହୋଇଯିବା ଭଳି ସ୍ଥିତି ଉପୁଜୁଛି। ଏହା କେବଳ ଅବହେଳା ନୁହେଁ ବରଂ ଆଖିକୁ ଖରାପ କରିବା ଲାଗି ବାଟ ଫିଟୁଛି ବୋଲି ମତ ରଖିଛନ୍ତି ପରିବେଶବିତ୍।

ଏକ ସୁନ୍ଦର ଓ ସ୍ୱଚ୍ଛ ସହର ଭାବେ ପୁରୀକୁ ୨୦୨୨ରେ ୫୯ତମ ରାଙ୍କ୍ ମିଳିଥିଲା। ମାତ୍ର ୨୦୨୪ରେ ପୁରୀ ସ୍ୱଚ୍ଛ ସର୍ବେକ୍ଷଣରେ ନୈରାଶ୍ୟଜନକ ପ୍ରଦର୍ଶନ କରି ୯୦ତମ ସ୍ଥାନ ହାସଲ କରିଛି। ପୁରୀ ପୌରପାଳିକାକୁ ୨୦୧୮ରେ ସର୍ବଭାରତୀୟ ସ୍ତରରେ ୩୮୮, ୨୦୧୯ରେ ୩୩୯, ୨୦୨୦ରେ ୨୪୯, ୨୦୨୧ରେ ୧୨୪, ୨୦୨୨ରେ ୫୯, ୨୦୨୩ରେ ୧୫୬ ରାଙ୍କ୍ ମିଳିଥିଲା। ୨୦୧୮ରୁ ଧୀରେ ଧୀରେ ସଫେଇ ଓ ସୁନ୍ଦର ସହର ଭାବେ ପୁରୀର ରାଙ୍କରେ ଉନ୍ନତି ହୋଇ ଆସୁଥିଲା। ହେଲେ ୨୦୨୩ରୁ ନୈରାଶ୍ୟଜନକ ପ୍ରଦର୍ଶନ କରୁଛି ପୁରୀ ପୌରପାଳିକା।

ସହରରେ ସ୍ୱଚ୍ଛତା ପାଇଁ ପୌରପାଳିକା ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏହା ଫଳପ୍ରଦ ହେଉ ନ ଥିବା ସ୍ୱଚ୍ଛ ସର୍ବେକ୍ଷଣ ରିପୋର୍ଟରୁ ପ୍ରମାଣିତ ହୋଇଛି। ପୂର୍ବରୁ ସହରର ରାସ୍ତାଘାଟ ଯେଉଁଭଳି ସଫା କରାଯାଉଥିଲା ଏବେ ସେଭଳି ହେଉନାହିଁ। ଟ୍ରକ୍, ଟ୍ରାକ୍ଟରରେ ବାଲି ବୁହାଯାଉଥିବା ବେଳେ ଅନେକ ପାଲ ପକାଉ ନାହାନ୍ତି। ଫଳରେ ରାସ୍ତାରେ ବାଲି ପଡୁଛି। ବାଇକ୍‌ରେ ଗଲେ ଯଦି ଚଷମା ପିନ୍ଧି ନାହାନ୍ତି ତେବେ କୌଣସି ମୁହୂର୍ତ୍ତରେ ଆଖିରେ ବାଲି ପଡ଼ିପାରେ। ବିଶେଷକରି ବଡ଼ ଗାଡ଼ି ପଛରେ କିମ୍ବା ବାଡ଼ ଗାଡ଼ି ପାସ୍ କଲାବେଳେ ଆଖି, ନାକରେ ଧୂଳି, ବାଲି ରୁନ୍ଧି ହୋଇଯାଉଛି। ସହରର ବାୟୁ ଏକପ୍ରକାର ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ସହରବାସୀ ଯେତିକି ଅମ୍ଳଜାନ ନେଉନାହାନ୍ତି ତା'ଠାରୁ ଅଧିକ ବିଷାକ୍ତ ଧୂଳିକଣା ଶରୀର ଭିତରକୁ ନେଉଛନ୍ତି। ଯାହାଦ୍ୱାରା ହୃଦ୍‌ରୋଗ, ଶ୍ୱାସକ୍ରିୟାଜନିତ ରୋଗ, ଫୁସ୍‌ଫୁସ୍, ଯକ୍ଷ୍ମା, ଆଜ୍‌ମା ପରି ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି।

ପୁରୀର ବାୟୁ ମାନ ସୂଚକାଙ୍କ(ଏକ୍ୟୁଆଇ)କୁ ଦେଖିଲେ ଏହା ବି ସେତେଟା ଭଲ ନ ଥିବା ଜଣାପଡୁଛି। ପୁରୀର ଏକ୍ୟୁଆଇ କେବେ ୫୦ ତଳେ ଥିବା ଦେଖିବାକୁ ମିଳୁନାହିଁ। ପ୍ରାୟ ୧୦୦ ପାଖାପାଖି ରହୁଛି। ଗତ ୫ ବର୍ଷ ଏକ୍ୟୁଆଇ ରିପୋର୍ଟ ଦେଖିଲେ ୨୦୨୧ରେ ୬୨, ୨୦୨୨ରେ ୮୮, ୨୦୨୩ରେ ୧୦୬, ୨୦୨୪ରେ ୧୦୯ ଏକ୍ୟୁଆଇ ରହିଥିବାବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ହାରାହାରି ଏକ୍ୟୁଆଇ ରହିଛି ୯୭। ତେବେ ୨୦୨୪ ଜାନୁଆରୀରେ ପୁରୀର ଏକ୍ୟୁଆଇ ୧୬୨ ଛୁଇଁଥିଲା। ସୂଚନାଯୋଗ୍ୟ ଯେ, ସାଧାରଣ ବାୟୁର ଏକ୍ୟୁଆଇ ୫୦ କିମ୍ବା ତା'ଠାରୁ ତଳକୁ ରହିଲେ ଭଲ ବୋଲି ବିବେଚନା କରାଯାଏ। ସେହିପରି ସୂଚକାଙ୍କ ୫୦ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ରୁ ୨୦୦ ମଧ୍ୟରେ ରହିଲେ ମଧ୍ୟମ ଧରଣର, ୨୦୧ରୁ ୩୦୦ ଭିତରେ ରହିଲେ ଖରାପ ବୋଲି ଧରାଯାଏ। ଯଦିଓ ପୁରୀର ବାୟୁ ଏତେଟା ଖରାପ ନୁହେଁ କିନ୍ତୁ ଧୀରେ ଧୀରେ ଏହା ଖରାପ ହେବାରେ ଲାଗିଛି। ବିଶେଷକରି ରାସ୍ତାରେ ଧୂଳି, ବାଲି ଏବେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ପୂର୍ବରୁ ପୌରସଂସ୍ଥାର ଏକ ସ୍ୱତନ୍ତ୍ର ଗାଡ଼ି ମଧ୍ୟ ରହିଥିଲା, ଯାହା ବଡ଼ଦାଣ୍ଡ ସମେତ ଭିଆଇପି ରୋଡ୍ ଆଦି ରାସ୍ତାଘାଟରୁ ଧୂଳି, ବାଲି ସଫା କରୁଥିଲା। ଏବେ କିନ୍ତୁ ସେହି ଗାଡ଼ିକୁ ଆଉ ଦେଖିବାକୁ ମିଳୁନାହିଁ। ଏହି ଧୂଳି, ବାଲି ଆଖି, ନାକରେ ରୁନ୍ଧି ହୋଇଯାଉଥିବାରୁ ସହରବାସୀ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ବିଶେଷକରି ଧୂଳି ପଶିଲେ ଆଖି କୁଣ୍ଡାଇ ହେବା ସହ ପାଣି ଦେଉଛି। ଏଥିପ୍ରତି ବିଶେଷ ଧ୍ୟାନ ଦେଇ ରାସ୍ତାଘାଟ କିପରି ସଫାସୁତରା ରହିବ ଏବଂ ବାଲି, ଗୋଡ଼ି ନେଇ ଯାତାୟାତ କରୁଥିବା ଟ୍ରକ୍, ଟ୍ରାକ୍ଟର ପାଲ ଘୋଡ଼େଇ ଯିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବାକୁ ସହରବାସୀ ଦାବି କରିଛନ୍ତି।

# ବସ୍‌ଷ୍ଟାଣ୍ଡରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍




ପୁରୀ,୮।୧୧(ସମିସ): ସ୍ଥାନୀୟ ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ଶନିବାର ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆଗ୍ନିକମାନେ ସମସ୍ତ ଅତ୍ୟାଧୁନିକ ଉପକରଣ ଧରି ଏହି ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ। ବିଶେଷକରି ବସ୍‌ଷ୍ଟାଣ୍ଡରେ କୌଣସି କାରଣରୁ ନିଆଁ ଲାଗିଲେ କିମ୍ବା ଆକସ୍ମିକ ଅଗ୍ନିକାଣ୍ଡ ଘଟେ ତେବେ କିଭଳି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ, ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇପାରିବ, କ୍ଷୟକ୍ଷତି ହ୍ରାସ କରାଯାଇପାରିବ ସେ ସମ୍ପର୍କରେ ମକ୍‌ଡ୍ରିଲ୍ କରାଯାଇଥିଲା। ଜିଲ୍ଲା ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ମକ୍‌ଡ୍ରିଲ୍ ସହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।



କାଶୀନାଥ ନନ୍ଦୀ



# ଶବ ଲୁଚିଛି

ଲୋକଟା ଶବ ହେଇ ଶୋଇ ଥିଲା । ଶବକୁ ଜାତୀୟ ପତାକାରେ ଢାଙ୍କି ଦିଆ ଯାଇଥିଲା । ଇହକାଳର ଶେଷ ସନ୍ତକ ତା' ଦେହକୁ ଜାତୀୟ ପତାକା ଲୁଚେଇ ଦେଇଥିଲା । ଯୋଗ ଏମିତି ସେଦିନ ସ୍ୱାଧୀନତା ଦିବସ ଥିଲା ।

ଲୋକଟା ମରି ଯାଇଛି ବୋଲି କାହା କାହା ଆଖିରୁ ଲୁହ ବହୁଥିଲା । କୋଉ ଆଖିର ଲୁହ ଲାଗୁଥିଲା ପାଣି, କୋଉ ଆଖିର ଲୁହ ଲାଗୁଲା ପ୍ଲାଷ୍ଟିକ ଲୁହ । ଶବକୁ ଶେଷ ଦର୍ଶନ କରିବାକୁ ଗମନା ଗମନ ଲାଗି ରହିଥିଲା । ଲୋକେ ଆସୁଥିଲେ । ପାଦରେ ଫୁଲ ଦେଉଥିଲେ । କିଏ କିଏ ଶବପାଦ-ଧୂଳି ନେଇ ମୁଣ୍ଡରେ ମାରୁଥିଲେ । ତାହା ସେମାନଙ୍କର ବୋଧହୁଏ ଅତି ପ୍ରବଣତା, ନ ହେଲେ ମିଛ ପ୍ରଦର୍ଶନ । ଏତିକି ପରେ ସେମାନଙ୍କ ଭିତରୁ କିଛି ରହୁଥିଲେ । କିଛି ଚାଲି ଯାଉଥିଲେ ।

ଶବ ଉଠିବାକୁ ବିଳମ୍ବ ହେଉଥିଲା । ବାସିମଡ଼ା ହେଇ ଶବ ଶଢୁଥିଲା । ତେବେ ମଡ଼ା ଗନ୍ଧକୁ ଜିତି ଯାଉଥିଲା ଅତର ଓ ଧୂପର ଗନ୍ଧ । ଅଳ୍ପ ଅଳ୍ପ ଗନ୍ଧକୁ ବେଶି ଗନ୍ଧ ଜିତି ଯାଉଥିଲା । ତେଣୁ ପବନରେ ସୁବାସ ଲାଗି ରହିଥିଲା । ପାର୍ଟି ଲୋକ, ସାଧାରଣ ଜନତା ଓ ଜ୍ଞାନ୍ତି କୁଟୁମ୍ବ ସମସ୍ତେ ଅପେକ୍ଷାରେ ଥିଲେ, ମନ୍ତ୍ରୀ ଆସିବେ । ମନ୍ତ୍ରୀ ଆସିଲେ ଆଗକୁ ଯାହା ହେବ ।

ଅନେକ ସମୟ ଏଇମିତି ରହି ରହି ବିତିଗଲା । ଅନେକ ସମୟ ଯାଇଥିବ, ହଠାତ୍ ଗୋଟେ ବଡ଼ ଗୁଞ୍ଜରଣ ସୃଷ୍ଟି ହେଲା ସମୂହରେ ଯେ 'ମନ୍ତ୍ରୀ ଆସୁଛନ୍ତି ।' ସେ ପୁରୁଣା ରାଜବାଟି ତଥା ଜିଲ୍ଲା ସମାବେଶ ପଡ଼ିଆରୁ ପତାକା ଉତ୍ତୋଳନ କଳାପରେ ସିଧା ଏଇଠିକୁ ଆସୁଛନ୍ତି । ହେଇ ଆସିଯିବେ । ସେ ଶେଷ ଦର୍ଶନ କରିବେ । ଫୁଲ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବେ । ତା'ପରେ ଶବ ଶୋଭାଯାତ୍ରାରେ ବାହାରିବ । ଶବସତ୍କାର କରା ହେବ । ଶବକୁ ଜାତୀୟ ସମ୍ମାନ ଦିଆଯିବ ।

ଯାହାଙ୍କୁ ଅପେକ୍ଷା ସେ ଆସି ପହଞ୍ଚିବା ପହଞ୍ଚିବା ହେଉଛନ୍ତି, ତା' ଆଗରୁ ସେମାନେ ଦୁଇଜଣ ସମୁହଁ ଭିତରକୁ ପ୍ରବେଶ କଲେ । ସେମାନେ ମାଆଟିଏ, ପୁଅଟିଏ । ମାଆ ତ୍ରିରଙ୍ଗୀ ଜାତୀୟ ବେଶରେ । ପୁଅ ସାନଟେ, ସେ ସୁଭାସ ବୋଷଙ୍କ ବେଶରେ । କେତେ ଜଣଙ୍କ ଆଖିରେ ବିସ୍ମୟ ଓ ପ୍ରଶ୍ନ, ଏମାନେ କାହିଁକି ( ! ) ? ଯାହା ନ ହେବା କଥା ତା ହେବ ନାହିଁତ ? ସେଇ ବିସ୍ମୟ ଓ ପ୍ରଶ୍ନ ଭିତରେ ଲୁଚିଥାଇ କେତେ ଜଣ ଘାରି ହେଲେ । ତେବେ ସେଇ ମାଆ ପୁଅ ଭିତରକୁ ପ୍ରବେଶ କରି ଯାଇଥିଲେ । ଚାଲି ଚାଲି ସେମାନେ ଶବ ପାଖରେ ପହଞ୍ଚିଲେ । ସେଇ ଉଚ୍ଚତା ଉପରକୁ ଉଠିଗଲେ ଯେଉଁଠି ଶବ ରଖାଯାଇଥିଲା । ସମସ୍ତଙ୍କ ଆଖି ଏବେ ସେମାନଙ୍କ ଉପରେ । ମାଆର ଆଖି ଶବ ଉପରେ । ଜାତୀୟ ପତାକା ତଳେ ଲୁଚିଛି ଗୋଟେ ମଲାଦେହ । ପତାକାକୁ ଭେଦି ପାରୁ ନାହିଁ ଆଖି । ଆଖି ଦେଖି ପାରୁନାହିଁ ଗୋଟେ ଉଲଗ୍ନ ଦେହ । ଯେଉଁ ଦେହର ପ୍ରତିଟି ଅଂଶକୁ ସେଇ ମାଆଟି ଚିହ୍ନିଛି । ପ୍ରତିଟି ସ୍ପନ୍ଦନକୁ ସେ ଅନୁଭବ କରିଛି । ଜାଣିଛି ଜଣେ ମଣିଷର ମାୟାରୂପ କେମିତି ଭୟଙ୍କର । ଏବେ ସେଇ ମାଆ, ସେଇ ନାରୀ ଦେହରେ ନିଆଁ । ସେଇ ନିଆଁ ତା' ଆଖିରେ । ଯେମିତି ପୋଡ଼ି ଜାଳିଦେବ ଗୋଟେ ଦେହକୁ । ହେଲେ ସେ ପାରୁ ନାହିଁ । ତା' ଆଖି ଓ ସେଇ ଦେହ ମଝିରେ ଜାତୀୟ ପତାକା ରହିଛି । ଯାହା ମା' ଭାରତୀର ସନ୍ତକ, ସେଇ ଜାତୀୟ ପତାକା ଆଗରେ ମାଆଟିର ଆଖି ଟେକୁ ନାହିଁ । ଆଖି ନଇଁ ଯାଉଛି । ପତାକାକୁ ସମ୍ମାନ । ଶବକୁ ଘୃଣା । ମଝିରେ ଯେମିତି ରହିଯାଇଛି ସେଇ ମାଆ । ଭାବି ପାରୁ ନାହିଁ କ'ଣ ସେ କରିବ (?) ।

ଏତିକିବେଳେ ଯେଉଁ ସମୟକୁ ଅପେକ୍ଷା ଥିଲା ସେଇ ସମୟ ଆସି ଗଲା । ମନ୍ତ୍ରୀ ପହଞ୍ଚିଛନ୍ତି, ସେଉଠୁ ଆରମ୍ଭ ସ୍ଲୋଗାନ । ଶବର ଜୟ ଜୟକାର । ପୁଣି ସ୍ଲୋଗାନ ପରେ ନିରବତା । ଆସ୍ତେ ଆସ୍ତେ ମନ୍ତ୍ରୀ ତାଙ୍କ ଦଳବଳ ନେଇ ପ୍ରବେଶ କରୁଛନ୍ତି, ଠିକ୍ ଏତିକି ବେଳେ ହାତ ଉଠେଇଲା ସ୍ତ୍ରୀ ଲୋକଟି । ଶବକୁ ଢାଙ୍କି ଥିବା ଜାତୀୟ ପତାକାକୁ ଜୋର କରି ମୁଠେଇ ଧରିଲା । ଏମିତି ଉଠେଇଲା, ଲାଗିବ ସେ ତା'ର ସମସ୍ତ ବଳ ସେଇଠି ଲଗେଇ ଦେଇଛି । ଘୃଣାରେ ନିଆଁ ଲାଗିଥିଲା । ସେ ଚିତ୍କାର କରି କହି ଉଠିଲା, "ତୁ ଏ ପତାକାର ଯୋଗ୍ୟ ନୁହଁ ପାପୀ... । ତୁ ନର୍ଦ୍ଦମାର ପୋକ । ନର୍ଦ୍ଦମାରେ ତୋ ସ୍ଥାନ... ।"

ଏକାବେଳେ ସମସ୍ତେ ସ୍ତବ୍ଧ ।

ଏବେ ସମସ୍ତଙ୍କ ଆଖି ସେଇ ମାଆଟି ଉପରେ ସ୍ଥିର । ସମସ୍ତେ ଦେଖୁଥିଲେ, ଗୋଟେ ନାରୀର ମୁହଁ । ଯେଉଁ ମୁହଁରେ କି ନିଆଁ ଲାଗି ଥିଲା । ଘୃଣା ଉପରେ ଦାଉ ଦାଉ ଜଳୁଥିଲା ନିଆଁ । ଏଥର ସେ ଥୁ ଥୁ କରି ତିନି ଲଣ୍ଡା ଛେପ ପକାଇଲା ଶବର ମୁହଁ ଉପରକୁ, ଯେମିତି ତ୍ରିବାର ସତ୍ୟକୁ ସେଇଠି ସେ ଓହ୍ଲେଇ ଦେଲା । ତାପରେ ସେ ତା' ବେନି ହାତରେ ଧରିଲା ପତାକା । ଊର୍ଦ୍ଧ୍ୱକୁ ଉଠାଇଲା । ତା' ହାତ ଯେମିତି ଖମ୍ବ ପରି ଟେକି ଧରିଥିଲା ପତାକାକୁ । ପବନ ସେଇ ପତାକାକୁ ଉଡ଼ାଇବାକୁ ଆରମ୍ଭ କଲା । କୁନି ସୁବାସ କ'ଣ ଭାବିଲା କେଜାଣି, ସେ ସାଲୁଟ କଲା ପତାକାକୁ ।

ସେଇଠି ବହୁ ଲୋକ, ଚାଲି ଆସୁଥିଲା ବହୁ ପାଦ, ସବୁ ରହିଗଲା । ରହିଗଲା ଦେଖୁଥିବା ସମସ୍ତ ଆଖି । ରହିଗଲା, ଶୁଣୁଥିବା ସବୁ କାନ । ରହିଗଲା କହୁଥିବା ଯେତେ ପାଟି । ସବୁ ମଣିଷ ଏବେ ତିନି ମାଙ୍କଡ଼ । ଦେଖି, ଦେଖୁ ନ ଥିଲେ । ଶୁଣି, ଶୁଣୁ ନ ଥିଲେ । ପାଟିଥାଇ କଥା କହୁ ନ ଥିଲେ । ସେମିତି ସ୍ଥିର । ସେମିତି ଅନ୍ଧ, ମୂକ, ବଧିର । ସେଇ ସ୍ଥିରତା ଉପରେ ପବନ ବହୁଥିଲା । ଜାତୀୟ ପତାକା ଫର୍ ଫର୍ ଉଡୁଥିଲା ।

ରାଉରକେଲା
ମୋ : ୯୮୬୧୬୫୫୩୫୭

# ନୀରବତା

ଅକ୍ଷୟ ବେହେରା



ସେ ଏକ ଏମିତି ରଜ୍ଜୁ
ନିରନ୍ତର ଛନ୍ଦି ଦେଉଥାଏ
ମନ ସହ ମନ...

ତମେ କେଉଁଠି
ମୁଁ କେଉଁଠି
ଏକା ପରି ଲାଗୁ ନାହିଁ କି
ଦୁଇଟି ହୃଦୟ?

ଯାହାଯାହା ସଞ୍ଚି ନେଲେ
ଏ ଦୀର୍ଘ ଯାତ୍ରା ପଥରୁ
ସେ ସବୁ ନୁହେଁ କି ଆମ
ନୀରବ – ସମ୍ପଦ...

ଏବେ
ଯେବେ ଫେରୁଛି
ସେଇ ସବୁ ଚିଠିର
ନକଲ ପାଖକୁ
କିଏ ଲେଖିଛି ଏ ସବୁ
ନିଜେ ଲେଖି ନିଜେ ବିସ୍ମିତ ହୁଏ...

କେତେ ପରିଷ୍କାର ପରିଚ୍ଛନ୍ନ
ସେ ପଥ
ଦିନ ଦିନ ଏକ ଲୟ-
ସବୁ ନୀରାମୟ...

ଆତଙ୍କର ବଳୟରେ ଥାଇ
କେମିତି ସମ୍ଭବ?

ଏମିତି ଅସୁମାରୀ ସ୍ମୃତି ସମ୍ପଦ
ବ୍ୟାପିଛି ଦିଗ୍‌ବଳୟରୁ
ଦିଗ୍‌ବଳୟର ପଣତ ପରି
ମାଟିରୁ ଆକାଶ...

ଏବେ
ନୀରବତା
ନୀରବରେ
ନୀରବରେ
ନିରନ୍ତର
ତମ କଥା କହେ...

ଭୁବନେଶ୍ୱର-୭୫୧୦୧୬
ମୋ: ୯୪୩୭୨୭ ୯ ୯୪୧

# ଭୂମିଲଗ୍ନା

ସେନାପତି ପ୍ରଦ୍ୟୁମ୍ନ କେଶରୀ



ଦେହ ମାଟି ହେଲେ ମହୁ ମହୁ ବାସେ ।

ଦୁଷ୍ଟାମି କଣ ମହୁଠୁ କମ୍ ମିଠା କି ?
ଅଧା ବାଟରେ ଖରା ଟିକେ ରହିଯାଏ
ହୃଦୟ କ୍ଷେତଆଡ଼େ ଚାହେଁ
ଶାଗୁଆ ଘାସ ଦେହରେ କାହାର ଚିହ୍ନା ଚିହ୍ନା ଛାଇ
ଖରାକୁ ଆଖିର ଇସାରାରେ ପାଖକୁ ଡାକେ ।

ବର୍ଷାରେ ତିନ୍ତି ବୁଡ଼ି
ଗାଲେଇ ପଡ଼ିଥିବା ପକ୍ଷୀ
ଖରାର ଆଲିଙ୍ଗନରେ
ଅଳସ ଭାଙ୍ଗି ଜୁଆନ୍ ପୃଥିବୀକୁ ଦେଖେ ।

ଦେହ ଦୋଳିରେ ଝୁଲୁ ଝୁଲୁ କେତେବେଳେ
ଢୁଳେଇ ପଡ଼େ ଥକିଲା ପବନ
ଶ୍ୟାମ ଶ୍ୟାମ ଲାଗୁଥିବା ଇଷତ୍ ଅନ୍ଧାର
ଛପି ଛପି ଆସି ଆଖି ବୁଜି ଧରେ ତ
ଲାଜରେ ଦମ୍ ଦମ୍ ହୁଏ ଗୋରୀ ଜହ୍ନ ।

ତୁମ ଦେହ ଗଛ ବଢ଼ି ବଢ଼ି ଯାଏ ଆକାଶ ଛୁଇଁବାକୁ
ଖସି ଖସି ଆସ ତୁମେ ମେଘ ପରି
ମୋ ଛାତିର ପାହାଡ଼କୁ ମୋତେ ଟିକେ ଶରଧାରେ
ଭିଡ଼ି ଧରି ତୁମ ଉଷ୍ମ ନିଃଶ୍ୱାସରେ ମିଶାଇ ଦେବାକୁ ।

ଯେଉଁଠି ମୁହାଣ, ସେଠି ସବୁବେଳେ
ମିଳନର ବାରମାସୀ ବସନ୍ତ

ସେ ଗୋଟେ ଏମିତି ଜାଗା
ଯେଉଁଠି ନଥାଏ ବ୍ୟର୍ଥତା,
ନଥାଏ ଭୟ କି ଶୂନ୍ୟତା
କ୍ଷୀର ପରି ଦିଶୁଥାଏ ନଈ ଜଳ
ମିଶ୍ରି ପାଣି ପରି ଲାଗେ ଖାର ସମୁଦ୍ର !

ଦେହ ମାଟି ହେଲେ ପାଲଟି ଯାଏ ଅମୃତ
ଭୂମିଲଗ୍ନା ହେଲେ
ଦେହର ଉପବନରେ ଲାଗିଯାଏ ମହୁମାଛିଙ୍କ ଭିଡ଼!

ଜଗନ୍ନାଥ କଲୋନୀ, ବାଲିକୁଦା
ପୋଷ୍ଟ: ଗୋପାଳପୁର
କଟକ: ୭୫୩୦୧୧
ମୋ : ୬୩୭୧୫୨୩୫୯୮



# ତତ୍ତ୍ୱ ଓ ଭାଷା

ଡକ୍ଟର ଦେବାଶିଷ ମହାପାତ୍ର



ଭାଷା ପାଇଁ ଭାରତ ବିଶ୍ୱବିଖ୍ୟାତ । ତତ୍ତ୍ୱ ପାଇଁ ବି । ବିଶେଷତଃ, ସାହିତ୍ୟତତ୍ତ୍ୱ । ଭାମହ, ଦଣ୍ଡୀ, ବାମନ, ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, କୁନ୍ତକ, କ୍ଷେମେନ୍ଦ୍ର, ବିଶ୍ୱନାଥ କବିରାଜଙ୍କ ସମେତ ବହୁ ଆଚାର୍ଯ୍ୟ, ସାହିତ୍ୟତତ୍ତ୍ୱ ବ୍ୟାଖ୍ୟା କରି ଭାରତୀୟ ଭାଷା ଓ ସାହିତ୍ୟର ପ୍ରସାର କରିଛନ୍ତି । ଆଚାର୍ଯ୍ୟ ବାମନଙ୍କ ମତ, "ରୀତିରାତ୍ମା କାବ୍ୟସ୍ୟ" । କୁନ୍ତକ କହନ୍ତି,"ବକ୍ରୋକ୍ତିନି କାବ୍ୟ ଜୀବିତମ୍" । ବିଶ୍ୱନାଥ କବିରାଜ ମତ ଦିଅନ୍ତି, "କାବ୍ୟଂ ରସାତ୍ମକଂ କାବ୍ୟଂ" । ଷଷ୍ଠ ଶତାବ୍ଦୀର ବାମନଙ୍କ 'କାବ୍ୟାଳଙ୍କାର' ସପ୍ତମ ଶତାବ୍ଦୀର ଦଣ୍ଡୀଙ୍କ 'କାବ୍ୟାଦର୍ଶ', ଅଷ୍ଟମ ଶତାବ୍ଦୀର ଆଚାର୍ଯ୍ୟ ବାମନଙ୍କ 'କାବ୍ୟାଳଙ୍କାର ସୂତ୍ର', ନବମ ଶତାବ୍ଦୀର ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଆମକୁ ତତ୍ତ୍ୱ ଓ ଭାଷା ମଧ୍ୟରେ ପରସ୍ପରର ସମ୍ପର୍କ କଥା କହେ । ସେହିଭଳି ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ', ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଭାଷାର ଆବଶ୍ୟକତା କଥା ଆମକୁ ଅବଗତ କରାଏ । ଆମେ ସମୟର ତାଳେ ତାଳେ ଆଗକୁ ଅଗ୍ରସର ହେଉଛେ । ତେବେ ପାଶ୍ଚାତ୍ୟ ତତ୍ତ୍ୱ ଓ ପ୍ରାଚୀନତତ୍ତ୍ୱର ଭାଷା ଏବେ ବି ଭାଷାର ବ୍ୟବହାର ଓ ଭୂମିକା କଥା ଆମକୁ ସୂଚାଇ ଦିଏ । ଭାମହଙ୍କ 'କାବ୍ୟାଳଙ୍କାର', କ୍ଷେମେନ୍ଦ୍ରଙ୍କ 'ଔଚିତ୍ୟ', ବାମନଙ୍କ 'ରୀତି', କୁନ୍ତକଙ୍କ 'ବକ୍ରୋକ୍ତି', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନି' ଓ ବିଶ୍ୱନାଥ କବିରାଜଙ୍କ 'ରସ' ଆମକୁ ଭାଷାର ବୈଶିଷ୍ଟ୍ୟ କହେ । ତତ୍ତ୍ୱରେ ଭାଷାର ପ୍ରୟୋଗ ବାସ୍ତବିକ ବିସ୍ମୟକର । ଆମେ ତତ୍ତ୍ୱ ଓ ଭାଷା କ୍ରମରେ ଭାରତୀୟ ସାହିତ୍ୟ ତତ୍ତ୍ୱର ବ୍ୟାଖ୍ୟାକାର ଆଚାର୍ଯ୍ୟଗଣଙ୍କ ମଧ୍ୟରୁ କେତେ ଜଣଙ୍କର ଭାଷା ଓ ବୈଶିଷ୍ଟ୍ୟ କଥା ବିଚାର କରିବା ।

ଦ୍ୱାଦଶ ଶତାବ୍ଦୀର ଜଣେ ଜୈନାଚାର୍ଯ୍ୟ ଭାବେ ପ୍ରସିଦ୍ଧି ପାଇଥିବା ହେମଚନ୍ଦ୍ର 'କାବ୍ୟାନୁଶାସନ' ଗ୍ରନ୍ଥର ରଚୟିତା । ଅଭିନବଗୁପ୍ତ ଓ ମମ୍ମଟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହେମଚନ୍ଦ୍ରଙ୍କ ଦୁଇ ପ୍ରମୁଖ ଶିଷ୍ୟ ରାମଚନ୍ଦ୍ର ଓ ଗୁଣଚନ୍ଦ୍ର 'ନାଟ୍ୟହର୍ଷଣ' ରଚନା କରିଥିଲେ । ହେମଚନ୍ଦ୍ର ସ୍ୱରଚିତ 'କାବ୍ୟାନୁଶାସନ'ର ଗୋଟିଏ ଟୀକା ମଧ୍ୟ ପ୍ରସ୍ତୁତ କରିଛନ୍ତି । ଭାରତୀୟ ସାହିତ୍ୟତତ୍ତ୍ୱର ଭାଷା ବିଚାର ଦିଗରେ ଏସବୁ ଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ମନେହୁଏ । ସପ୍ତମ ଶତାବ୍ଦୀର ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ' ଏ ଦୃଷ୍ଟିରୁ ଆଉ ଏକ ଅନନ୍ୟ ଉଦାହରଣ । ଏଥିରେ ସମୁଦାୟ ଚାରିଟି ପରିଚ୍ଛେଦ ଓ ଛ' ଶହ ପଚାଶଟି ଶ୍ଳୋକ ଅଛି । ଗ୍ରନ୍ଥଟି କନ୍ନଡ଼ ଓ ସିଂହଳୀ ଭାଷାରେ ଲିଖିତ । ତିବ୍ବତୀୟ ଭାଷାରେ ବି ଏହାର ଅନୁବାଦ ଦେଖିବାକୁ ମିଳେ ଯାହାକି, ଭାଷା ଦୃଷ୍ଟିରୁ କାବ୍ୟାଦର୍ଶର ଲୋକପ୍ରିୟତା ଓ ଆବଶ୍ୟକତାର ପ୍ରମାଣ ଦିଏ । ଗୌଡ଼ୀ ଓ ବୈଦର୍ଭୀ ରୀତିର ଭିନ୍ନତାକୁ ସେ ଖୁବ୍ ସୁନ୍ଦର ଭାବରେ ପ୍ରକାଶ କରି ଭାଷା ଓ ତତ୍ତ୍ୱ ଉପରେ ଥିବା ତାଙ୍କ ଜ୍ଞାନର ଗଭୀରତା ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । କାବ୍ୟଲକ୍ଷଣ, କାବ୍ୟଭେଦ, ଗୁଣ, ଅର୍ଥାଳଙ୍କାର, ଯମଳାଙ୍କାର, ଦଶବିଧି କାବ୍ୟଦୋଷ ପ୍ରଭୃତି ଏହି କାବ୍ୟାଦର୍ଶରେ ସୂତ୍ର ଭାବରେ ବର୍ଣ୍ଣିତ ହୋଇଛି । ଆଳଙ୍କାରିକ ଦଣ୍ଡୀଙ୍କ ଭାଷା ପ୍ରୟୋଗ ଅତି ଚମତ୍କାର । ତ୍ରୟୋଦଶ ଶତାବ୍ଦୀର ଜଣେ ପ୍ରମୁଖ ଆଳଙ୍କାରିକ ଶାରଦାତନୟ । ତାଙ୍କର ଏକ ଉଲ୍ଲେଖନୀୟ ଅବଦାନ 'ଭାବପ୍ରକାଶ' । ଦଶଟି ଅଧ୍ୟାୟରେ ବିଭକ୍ତ ହୋଇଥିବା ଏହି ଗ୍ରନ୍ଥ 'ଭାବପ୍ରକାଶ'ରେ ଶବ୍ଦାର୍ଥ ସମ୍ବନ୍ଧ ବିଷୟରେ ଆଲୋଚନା ଦେଖିବାକୁ ମିଳେ, ଯାହାକି ଭାଷାର ପ୍ରୟୋଗ ବିଧି ବିଷୟରେ ସୂଚାଇବା ସହ ଭାଷା ଓ ଶବ୍ଦ କଥା କହିଥାଏ । ଅଷ୍ଟମ ଶତାବ୍ଦୀର ଅଳଙ୍କାର ପ୍ରସ୍ଥାନର ଜଣେ ଅଗ୍ରଗଣ୍ୟ ଆଚାର୍ଯ୍ୟ ଉଦ୍ଭଟ । ବିଖ୍ୟାତ ବିଦ୍ୱାନ ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଉଦ୍ଭଟଙ୍କ ରଚିତ 'କାବ୍ୟାଳଙ୍କାର ସାର ସଂଗ୍ରହ' ଏକ ଅତି ଉପାଦେୟ ଗ୍ରନ୍ଥ । ଉଦ୍ଭଟ ଶବ୍ଦ ଭେଦରୁ ଅର୍ଥଭେଦ କଳ୍ପନା କରିଥିଲେ । ଶ୍ଳେଷାଳଙ୍କାରର ଦୁଇଟି ବିଭାଗ ଯଥା: 'ଶବ୍ଦଶ୍ଳେଷ' ଓ 'ଅର୍ଥଶ୍ଳେଷ' ବୋଲି ସେ ବିଭାଜନ କରିଥିଲେ ହେଁ ଏସବୁକୁ ସେ ଅର୍ଥାଳଙ୍କାର ଭାବରେ ପ୍ରାଧାନ ଦେଇଥିଲେ । ଅର୍ଥ ଉପରେ ବିଶେଷ ଗୁରୁତ୍ୱ ଦେଇ ଉଦ୍ଭଟ କରିଥିବା ଯୁକ୍ତିଯୁକ୍ତ ଆଲୋଚନା, ଭାଷା ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଆଳଙ୍କାରିକ ମମ୍ମଟଙ୍କ 'କାବ୍ୟପ୍ରକାଶ' ଉପରେ ଟୀକା ଲେଖିବା ସହ ଅନେକ ଗ୍ରନ୍ଥର ରଚୟିତା ଭାବେ ଖ୍ୟାତ । ଦ୍ୱାଦଶ ଶତାବ୍ଦୀର ଆଲୋଚକ ରୂପ୍ୟକ 'ଅଳଙ୍କାର ସର୍ବସ୍ୱ' ଗ୍ରନ୍ଥ ପାଇଁ ବିଶେଷ ଭାବେ ପରିଚିତ ଓ ପ୍ରତିଷ୍ଠିତ । ଏହା ତାଙ୍କର ମୌଳିକ ଗ୍ରନ୍ଥ । ଏଥିରେ ସେ ୭୫ଟି ଅର୍ଥାଳାଙ୍କାର ଓ ୬ଟି ଶବ୍ଦାଳଙ୍କାରର ବିଶେଷ ବିଶ୍ଳେଷଣ କରିଛନ୍ତି ଯାହାକି ଭାଷା ଅନୁଶୀଳନ ଦୃଷ୍ଟିରୁ ଉଦାହରଣ ସ୍ଥାନୀୟ । ପଣ୍ଡିତ ଜଗନ୍ନାଥ ସପ୍ତଦଶ ଶତାବ୍ଦୀର ଜଣେ ସ୍ୱନାମଧନ୍ୟ କବି ଓ ସମାଲୋଚକ ଭାବେ ସୁପରିଚିତ ଆଳଙ୍କାରିକ ଓ ନୈୟାୟିକ ଭାବେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର 'ରସଗଙ୍ଗାଧର' ନାମକ ଗ୍ରନ୍ଥଟି ପାଣ୍ଡିତ୍ୟପୂର୍ଣ୍ଣ ରଚନା ଭାବେ ଆଲୋଚିତ ହୁଏ । ଭାଷାର ପ୍ରୟୋଗ ସହ ରସ ଓ ଅଳଙ୍କାର ବିଷୟରେ ତାଙ୍କର ବାଖ୍ୟା ଓ ସୈଦ୍ଧାନ୍ତିକ ବିଚାର ଆଲୋଚନା ବେଶ୍ ବୁଦ୍ଧି-ଦୀପ୍ତ । ବିଷୟ ବିଚାର ଆଲୋଚନାରେ ତାଙ୍କର ମୌଳିକତା, ନୂତନତା, ଭାଷା ପ୍ରୟୋଗରେ ବିବିଧତା ପଣ୍ଡିତରାଜ ଜଗନ୍ନାଥଙ୍କୁ ଭାରତୀୟ ସାହିତ୍ୟ ତତ୍ତ୍ୱରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କରିପାରିଛି । 'ଏକାବଳୀ' ନାମକ ଅଳଙ୍କାର ଗ୍ରନ୍ଥର ପ୍ରଣୟନ କରି ପ୍ରତିଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଶତାବ୍ଦୀର ଅନନ୍ୟ ଆଳଙ୍କାରିକ ବିଦ୍ୟାଧର ତାଙ୍କର ଏହି ଗ୍ରନ୍ଥରେ ଧ୍ୱନିଭେଦ, ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ଗୁଣ ଓ ରୀତି ବିଷୟରେ ବିଶେଷ ଦୃଷ୍ଟିପାତ କରିଛନ୍ତି ।

ଏକାଦଶ ଶତାବ୍ଦୀର ଆଲୋଚକ ଓ ଆଳଙ୍କାରିକ ଭାବେ ନିଜର ପ୍ରତିଷ୍ଠା ଲାଭ କରିଥିବା ଭୋଜରାଜ ସାହିତ୍ୟ ସିଦ୍ଧାନ୍ତ ସମୂହର ସଫଳ ସଂଗ୍ରାହକ ଭାବେ ମଧ୍ୟ ସୁପରିଚିତ । 'ସରସ୍ୱତୀ କଣ୍ଠାଭରଣ' ଗ୍ରନ୍ଥର ପାଞ୍ଚଟି ପରିଚ୍ଛେଦରେ ଭାଷାର ଅପୂର୍ବ ପ୍ରୟୋଗ କରିଛନ୍ତି । ଭାମହ, ବାମନ, ଦଣ୍ଡୀ, କୁନ୍ତକ, କ୍ଷେମେନ୍ଦ୍ର, ଆନନ୍ଦବର୍ଦ୍ଧନ, ବିଶ୍ୱନାଥ କବିରାଜ, ରୁଦ୍ରଟ, ମମ୍ମଟଙ୍କ ଅବଦାନ ଭଳି ଭୋଜରାଜଙ୍କ ଅବଦାନକୁ ମଧ୍ୟ ଅନସ୍ୱୀକାର୍ଯ୍ୟ ଓ ଅବିସ୍ମରଣୀୟ କୁହାଯାଏ । ତତ୍ତ୍ୱ ଓ ଭାଷାର ସଂପର୍କ ତଥା ସମନ୍ୱୟ, ଭାଷା ଆଲୋଚକଙ୍କୁ ଆଜି ବି ବିସ୍ମିତ କରେ । ଯଥାର୍ଥରେ ଆଳଙ୍କାରିକ ଭାମହ କହନ୍ତି, ବର୍ଣ୍ଣ ସମୁଦାୟ ହିଁ ଶବ୍ଦ । ଶବ୍ଦ ହିଁ କାବ୍ୟ । ଏଣୁ କବି ଶବ୍ଦ ବ୍ୟବହାର ପୂର୍ବରୁ ଶବ୍ଦର ଶୁଦ୍ଧତା, ଅଶୁଦ୍ଧତା ବିଷୟରେ ଧ୍ୟାନ ଦେବା ।

ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ଏନ୍.ସି.ଇ.ଆର୍.ଟି, ଭୁବନେଶ୍ୱର-୨୨
ମୋ: ୬୩୭୨୦୮୨୬୯୦

# ପତ୍ରିକା ପରିଚୟ

## ବନଫୁଲ

### ସଂପାଦକ : ରତ୍ନାକର ନାୟକ





ରାଜନଗର
କେନ୍ଦ୍ରାପଡ଼ା -୨୫
ମୂଲ୍ୟ: ୨୦୦ ଟଙ୍କା

ରତ୍ନାକର ନାୟକଙ୍କ ସଂପାଦିତ 'ବନଫୁଲ'ର ଶାରଦୀୟ ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାର 'କଳାଜୟୀ କାହାଣୀ' ବିଭାଗରେ ବ୍ରହ୍ମାନନ୍ଦ ପଣ୍ଡାଙ୍କ 'ପାଗଳ' ଗପଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ସୁଷମା ପରିଜାଙ୍କ 'ଦଶ ମହାବିଦ୍ୟା'ରେ ଦଶ ମହାବିଦ୍ୟାଙ୍କ ସ୍ୱରୂପ ଓ ମାହାତ୍ମ୍ୟ ସଂପର୍କରେ ଆଲୋଚନା କରାଯାଇଛି । ସେଭଳି ଡକ୍ଟର ତ୍ରିନାଥ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗାୟତ୍ରୀ ଆର୍ଯ୍ୟ, ଭାଗୀରଥି ବେହେରା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି । 'କବିତା ବିଭାଗ'ରେ ସଦାଶିବ ଦାଶ, ସୌଭାଗ୍ୟବନ୍ତ ମହାରଣା, ରବି ଶତପଥୀ, ସୁଶାନ୍ତ କୁମାର ନାୟକ, ଶିଶିର ନାୟକ, ସୁଧୀର ମେହେର, ମନୋଜ ମେହେର ପ୍ରମୁଖଙ୍କ କବିତା ଭାବଗର୍ଭକ ଓ ମନଛୁଆଁ ହୋଇଛି । ସେଭଳି ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଶରତ ଚନ୍ଦ୍ର ମହାପାତ୍ର, ଡକ୍ଟର ସୁସ୍ମିତା କୁମାରୀ ପାତ୍ର, ବିଜୟ ଲକ୍ଷ୍ମୀ ଦାଶଙ୍କ ପ୍ରବନ୍ଧ ଓ ଆଲୋଚନା ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । 'ବନଫୁଲ'ର ଏସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

## ବାଟୋଇ

### ସଂପାଦକ : ଶତ୍ରୁଘ୍ନ ତରାଇ




ରାଜନଗର
କେନ୍ଦ୍ରାପଡ଼ା -୭୫୪୨୨୫
ମୂଲ୍ୟ: ୧୫୦ ଟଙ୍କା

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ର ମହାପୂଜା ୨୦୨୫ ସଂଖ୍ୟାଟି ଆକର୍ଷଣୀୟ ହୋଇଛି । ଶତ୍ରୁଘ୍ନ ତରାଇଙ୍କ ସଂପାଦନାରେ ପ୍ରକାଶିତ 'ବାଟୋଇ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ, ଯୁବ ଲେଖକଙ୍କ ଲେଖାରେ ସମୃଦ୍ଧ ହୋଇଛି । 'ପ୍ରବନ୍ଧ ବିଭାଗ'ରେ ଆଶୁତୋଷ ପରିଡ଼ା, ଡକ୍ଟର ସର୍ବେଶ୍ୱର ସେଣ, ମନୋଜ ପଟ୍ଟନାୟକ, ଡକ୍ଟର ଭରତ ବେହେରା, ଡକ୍ଟର ବେଣୁଧର ପାଢ଼ୀ ପ୍ରମୁଖଙ୍କ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ପ୍ରବନ୍ଧ ପ୍ରକାଶ ପାଇଛି । ସେହିପରି ପରେଶ ପଟ୍ଟନାୟକ, ରବି ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ଗିରୀଶ ସାହୁ, ଅଧ୍ୟାପକ ରମେଶ ଦାସ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି । 'କବିତା ବିଭାଗ'ରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ବଂଶୀଧର ଷଡ଼ଙ୍ଗୀ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ସୂର୍ଯ୍ୟ ମିଶ୍ର ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ସେହିପରି ସଂପାଦକୀୟଠାରୁ ଆରମ୍ଭ ଫିଚର, ସୃଜନ ଆଳାପ, ଅନୁଭବ ଓ ଅନୁଭୂତି, ପୁସ୍ତକ ସମୀକ୍ଷା ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି ।

## ଗୌରବ

### ସଂପାଦକ : ସଙ୍କର୍ଷଣ ଦାଶ





ଠାକୁର ସାହି, ପୋ: ବାଟିପଡ଼ା
କେନ୍ଦ୍ରାପଡ଼ା -୭୫୪୨୧୮
ମୂଲ୍ୟ:୧୫୦ ଟଙ୍କା

ମୌଳିକ ଓ ଗବେଷଣାଧର୍ମୀ ସୃଜନର ସମାବେଶ 'ଗୌରବ'ର ପୂଜା ବିଶେଷାଙ୍କ ୨୦୨୫ ଆମର ହସ୍ତଗତ ହୋଇଛି । ସଙ୍କର୍ଷଣ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଥିବା 'ଗୌରବ'ର ଏହି ସଂଖ୍ୟାରେ 'କବିତା ଚିରନ୍ତନୀ'ରେ ରମାକାନ୍ତ ରଥଙ୍କ 'କାଞ୍ଚନ', କମଳାକାନ୍ତ ଲେଙ୍କାଙ୍କ 'ଯୋଗୀରେ ଯୋଗୀ', ଦୀପକ ମିଶ୍ରଙ୍କ 'ପାରି ହେବା' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । 'ଗଳ୍ପ କାଳଜୟୀ'ରେ ରାମଚନ୍ଦ୍ର ବେହେରାଙ୍କ 'ଦୁଇଟି ଉଦ୍ଭଟ ଚରିତ୍ର' ଗଳ୍ପଟି ମନଛୁଆଁ ହୋଇଛି । ପ୍ରବନ୍ଧ ବିଭାଗରେ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ, ଡ. ନଟବର ଶତପଥୀ, ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ମନନଶୀଳ ହୋଇଛି । ସେହିପରି ଫନୀ ମହାନ୍ତି, ଗିରିଜା କୁମାର ବଳିୟାରସିଂହ, ପ୍ରଦୀପ ବିଶ୍ୱାଳ, କ୍ଷୀରୋଦ ପରିଡ଼ା, ଧନଞ୍ଜୟ ସ୍ୱାଇଁ ପ୍ରମୁଖଙ୍କ କବିତା ମାର୍ମିକ ହୋଇଛି । ସେଭଳି ରଜନିକାନ୍ତ ମହାନ୍ତି, ପରେଶ ପଟ୍ଟନାୟକ, ସହଦେବ ସାହୁ, ନିବାରଣ ଜେନା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିରୁ ଆକର୍ଷଣୀୟ ହୋଇଛି । 'ଗୌରବ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

## ତ୍ରିଶକ୍ତି

### ମୁଖ୍ୟ ସଂପାଦକ : ଆଶିଷ କୁମାର ଚନ୍ଦନ





ସାଂସ୍କୃତିକ ପରିଷଦ, ପାଟଣାଗଡ଼
ଜି: ବଲାଙ୍ଗିର

ସାରସ୍ୱତ ସଂକଳନ 'ତ୍ରିଶକ୍ତି' ମୁଖ୍ୟ ସଂପାଦକ ଆଶିଷ କୁମାର ଚନ୍ଦନ ଓ ସଂପାଦକ ଦିଲ୍ଲୀପ କୁମାର ମିଶ୍ରଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂକଳନରେ ଡ. ଗୋବର୍ଦ୍ଧନ ନାୟକ, ଡ. ସଦାବିହାରୀ ସାହୁ, ଶିବ ପ୍ରସାଦ ପଣ୍ଡା, ଭାବନୀ ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ତଥ୍ୟଭିତ୍ତିକ ଓ ଉଚ୍ଚାଙ୍ଗ ହୋଇଛି । ସେହିପରି ମଳୟ ମିଶ୍ରଙ୍କ 'ଏବେ ବି ପୌରାଣିକ ଭୂମିକାରେ ଲୋକମାନେ', ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ 'ହୃଦୟ', ଆଶିଷ କୁମାର ଚନ୍ଦନଙ୍କ 'ପ୍ରତିତୀ: ଏକ ନାମହୀନ ସଂପର୍କ', ଯାଜ୍ଞସେନୀ ହୋତାଙ୍କ 'ଈଶ୍ୱରଙ୍କୁ ପ୍ରଶ୍ନଟିଏ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଭାଗୀରଥି ମିଶ୍ର, ପିନାକୀ ମିଶ୍ର, ଡକ୍ଟର ଶ୍ରୀଧରି ଧଳ, ଗଜାନନ ମିଶ୍ର, ଡ. ସଞ୍ଜୟ କୁମାର ମିଶ୍ର ପ୍ରମୁଖଙ୍କ କବିତାର ଭାବ, ଭାଷା ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି । 'ତ୍ରିଶକ୍ତି'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ପୁଲିସ ସୁରକ୍ଷା ମାଗିଲେ ପୀତବାସଙ୍କ ପତ୍ନୀ

ବ୍ରହ୍ମପୁର, ୮ ।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଣି ନୂଆ ମୋଡ଼ ଆସିଛି। ସପ୍ତାହେ ତଳେ ପୀତବାସଙ୍କ ପୁଅ ସୌରଭଙ୍କ ନିକଟକୁ ଆସିଥିବା ଦୁଇ ଦୁଇଥର ଧମକପୂର୍ଣ୍ଣ ଫୋନ୍ କଲକୁ ନେଇ ଆଜି ପୀତବାସଙ୍କ ପତ୍ନୀ ସୁସ୍ମିତା ଗଣମାଧ୍ୟମରେ ମୁହଁ ଖୋଲିବା ସହ ପୁଲିସ୍ ସୁରକ୍ଷା ମାଗିଛନ୍ତି। ପୁଲିସ ପକ୍ଷରୁ ମଧ୍ୟ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ



ଦିଆଯାଇଛି। ତାଙ୍କ ଘର ନିକଟରେ ଜଣେ ହାବିଲଦାର ଓ ୪ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ସୁସ୍ମିତା ଓ ତାଙ୍କ ପୁଅ ସୌରଭଙ୍କ ପାଇଁ ସ୍ୱତନ୍ତ୍ର ବ୍ୟକ୍ତିଗତ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ପୀତବାସଙ୍କ ପରିବାରକୁ ପୁଲିସ ସୁରକ୍ଷା ଯୋଗାଇ ଦିଆଯାଇଥିଲା। କିନ୍ତୁ ସୁରକ୍ଷାର ଆବଶ୍ୟକତା ନଥିବା ତାଙ୍କ ପରିବାର ପକ୍ଷରୁ ଦର୍ଶାଯିବାରୁ ସୁରକ୍ଷା ବ୍ୟବସ୍ଥା ହଟାଇ ଦିଆଯାଇଥିଲା।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୁସ୍ମିତା କହିଥିଲେ ଯେ ତାଙ୍କର ଏକମାତ୍ର ପୁଅ ସୌରଭଙ୍କୁ ୨୭ ଓ ୨୮ ତାରିଖରେ ଦୁଇଟି ପୃଥକ୍ ପୃଥକ୍ ଫୋନ ନମ୍ବରରୁ ଧମକପୂର୍ଣ୍ଣ ଫୋନ କଲ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନାମ ନେଇ ଧମକ ଦେଇଥିଲା। ମାମଲା ପ୍ରତ୍ୟାହାର ନ କଲେ ମା'-ପୁଅଙ୍କୁ ହତ୍ୟା କରିବ ବୋଲି ଧମକାଇଥିଲା। ତେଣୁ ପୁଅ ଓ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ଗିରଫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରିବା ସହ ନିଜ ପରିବାରର ସୁରକ୍ଷା ପାଇଁ ସେ ଦାବି କରିଥିଲେ। ଧମକପୂର୍ଣ୍ଣ ଫୋନ୍ ନମ୍ବରରୁ ଗୋଟିକରେ ଭିକି ଓ ଅନ୍ୟଟିରେ ପରିମଳ ନାମ ଆସୁଥିବା ସେ

### ■ ପୁଅ ଓ ମୋ' ଜୀବନ ପ୍ରତି ବିପଦ ରହିଛି: ସୁସ୍ମିତା
### ■ ଦିଅର-ଭାଉଜଙ୍କ କଥାରେ ନାହିଁ ତାଳମେଳ

କହିଛନ୍ତି। ଏନେଇ ପୀତବାସଙ୍କ ପୁଅ ସୌରଭ ବୈଦ୍ୟନାଥପୁର ଥାନାରେ ଗତ ୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କହିଛନ୍ତି। ତେବେ ଏହି ଘଟଣାରେ ଉଭୟ ଫୋନ୍ ନମ୍ବରକୁ ଟ୍ରାକିଂ କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ।

ବଡ଼କଥା ହେଲା, ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ପତ୍ନୀ ସୁସ୍ମିତା ଓ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ବୟାନରେ ତାଳମେଳ ନଥିବା ଦେଖିବାକୁ ମିଳିଛି। ପ୍ରଥମେ ଦିଆଯାଇଥିବା ସୁରକ୍ଷା ବଳୟକୁ ହଟାଇ ଦିଆଯାଇଥିବା ବେଳେ ବର୍ତ୍ତମାନ ମଧ୍ୟ ସୁରକ୍ଷାର ଆବଶ୍ୟକତା ନଥିବା କହିଛନ୍ତି ପୂର୍ଣ୍ଣଚନ୍ଦ୍ର। କାରଣ ୨୭ ଓ ୨୮ ତାରିଖ ପରେ ସେଭଳି କିଛି ଘଟଣା ଘଟିନାହିଁ ଏବଂ ପୁଲିସ ସେ ଦିଗରେ କାର୍ଯ୍ୟ କରୁଥିବା ସେ ଦର୍ଶାଇ ସୁରକ୍ଷାର ଆବଶ୍ୟକତା ନଥିବା କହିଛନ୍ତି। କିନ୍ତୁ ଧମକପୂର୍ଣ୍ଣ ଫୋନ୍ କଲ ପରେ ଭୟଭୀତ ଥିବା ଓ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସୁରକ୍ଷା ଦାବି କରିଛନ୍ତି ସୁସ୍ମିତା।

ଗତ ୬ ତାରିଖରେ ଯେତେବେଳେ ଦୁଇ ଅଭିଯୁକ୍ତ ଚିଣ୍ଟୁ ପ୍ରଧାନ ଓ କୁରୁପତି ଭୂୟାଁ କ୍ରାଇମ୍ ସ୍ପଟରେ ସିନ ରିକ୍ରିଏସନ କରିବା ବେଳେ ଘଟଣାସ୍ଥଳରେ ଉପସ୍ଥିତ ପୂର୍ଣ୍ଣଚନ୍ଦ୍ର ଗଣମାଧ୍ୟମକୁ ଧମକପୂର୍ଣ୍ଣ ଫୋନ କଲ ସମ୍ପର୍କରେ ସୂଚନା ଦେଇ ନିଜର ପ୍ରତିକ୍ରିୟା ରଖିଥିଲେ। ତେବେ ବିକ୍ରମ ପଣ୍ଡାଙ୍କ ନାମ ସେ ନେଇ ନଥିଲେ। ତେବେ ଆଜି ହଠାତ ସାମ୍ବାଦିକ ସମ୍ମିଳନୀରେ ବିକ୍ରମଙ୍କ ନାମ ନିଆଯାଇଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ, ଏସ୍‌ଡିଜେଏମଙ୍କ କୋର୍ଟରେ ବିକ୍ରମଙ୍କ ରିମାଣ୍ଡ ରିକଲ ପାଇଁ ହୋଇଥିବା ପିଟିସନ୍‌ର ଶୁକ୍ରବାର ଶୁଣାଣି ହୋଇ ରାୟ ୧୩ ତାରିଖକୁ ସଂରକ୍ଷିତ ରଖାଯାଇଛି। ଏଭଳି ପରିସ୍ଥିତିରେ ବିକ୍ରମଙ୍କ ନାମରେ ଧମକପୂର୍ଣ୍ଣ ଫୋନ କଲ ଓ ହତ୍ୟା ଧମକ ଅଭିଯୋଗ ପଛରେ କୋର୍ଟକୁ ବାଟବଣା କରିବା ଓ ପିଟିସନକୁ ଖାରଜ କରିବା ଭଳି ସୁଚିନ୍ତିତ ଷଡ଼ଯନ୍ତ୍ର ଥିବା ନେଇ ବିକ୍ରମଙ୍କ ଶୁଭେଚ୍ଛୁ ସନ୍ଦେହ କରିଛନ୍ତି।

# ଗାଡ଼ିଆପଡ଼ା ଘାଟିରେ ବୁଲୁଛି ବାଘ



### ଅଳ୍ପକେ ବର୍ତ୍ତିଲେ ବାଇକ୍ ଚାଳକ

ଫିରିଙ୍ଗିଆ, ୮।୧୧(ସମିସ): କନ୍ଧମାଳ ଜିଲ୍ଲା ବୌଦ୍ଧ ସୀମାନ୍ତ ଗାଡିଆପଡ଼ା ଘାଟି ଅଞ୍ଚଳରେ ଏକ କଲରାପତରିଆ ବାଘ ଦେଖିବାକୁ ମିଳିଛି। ବାଘ ହାବୁଡ଼ରୁ ଜଣେ ବାଇକ୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ଗାଡ଼ିଆପଡ଼ା ବୌଦ୍ଧ ସୀମାନ୍ତରେ ଗତକାଲି ଅପରାହ୍ଣରେ ଏକ କଲରାପତରିଆ ବାଘ ରାସ୍ତା ପାର କରିବା ସମୟର ଜଣେ ବାଇକ ଆରୋହୀ ଯାଉଥିଲେ। ଏହି ଦୃଶ୍ୟକୁ ଫୁଲବାଣୀ ପଟରୁ ଯାଉଥିବା ଜଣେ କାର୍ ଚାଳକ ଭିଡିଓ କରିଥିଲେ। ତାହା ଏବେ ଭାଇରାଲ ହେବାରେ ଲାଗିଛି। ଆସନ୍ତାକାଲି ଉକ୍ତ ଅଞ୍ଚଳକୁ ଯାଇ ବାଘର ପଦ ନମୁନା ଦେଖିବୁ ଏବଂ ଏନେଇ ଲୋକଙ୍କୁ ସଚେତନ କରାଯିବା ସହିତ ବାଘର ଗତିବିଧି ଉପରେ ନଜର ରଖିବୁ ବୋଲି ଫୁଲବାଣୀ ବନାଞ୍ଚଳ ଅଧିକାରୀ ଆଶାଲତା ଦିଗାଲ କହିଛନ୍ତି।

# ସିଇଓଙ୍କ ନିକଟରେ ବିଜେଡିର ମାଳମାଳ ଅଭିଯୋଗ



ଭୁବନେଶ୍ୱର,୮।୧୧(ସମିସ): କ୍ଷମତାରେ ଅନ୍ଧ ପାଲଟି ଯାଇଥିବା ବିଜେପି ସରକାର, ନୂଆପଡ଼ା ଉପନିର୍ବାଚନରେ ଆଇନ ଭାଙ୍ଗିବାକୁ ପଛାଉ ନାହିଁ। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯାହାଫଳରେ ବିଜେପି ନିଜର ବେଆଇନ କାର୍ଯ୍ୟଧାରା ଜାରି ରଖିଛି। ଏପରିକି ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରି ମନ୍ତ୍ରୀ

### ■ ସଂରକ୍ଷିତ ଅଭୟାରଣ୍ୟ ଉପରେ ଉଡ଼ିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର
### ■ ନିର୍ବାଚନ ବେଳେ ମନ୍ତ୍ରୀ ଓ ବିଜେପି ନେତାଙ୍କ ନୂଆ ପ୍ରକଳ୍ପ ଘୋଷଣା
### ■ ମୁଖ୍ୟମନ୍ତ୍ରୀଙ୍କ ଷ୍ଟେଜ୍ ବନ୍ଧା ପାଇଁ ରାଜପଥକୁ ଅବରୋଧ କଲା ବିଜେପି
### ■ ମତଦାନ କେନ୍ଦ୍ର ଆଗରେ ଚାଲିଛି ବିଜେପିର ଦଳୀୟ କାର୍ଯ୍ୟାଳୟ
### ■ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରିଛନ୍ତି ପ୍ରାର୍ଥୀ ଜୟ ଢୋଲକିଆ

ଓ ବିଜେପି ନେତା ନୂଆ ପ୍ରକଳ୍ପ ଘୋଷଣା କରୁଛନ୍ତି। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ବିଜେପି କୌଣସି ସୁଯୋଗ ହାତଛଡ଼ା କରୁନାହିଁ କିମ୍ବା ସରକାରୀ କଳର ଅପବ୍ୟବହାର ବନ୍ଦ କରୁନାହିଁ। ଏପରି ମାଳମାଳ ଅଭିଯୋଗ ଧରି ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ହାଜର ହୋଇ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ବିଜେଡି ଅଭିଯୋଗ କରିଛି ଯେ ନିର୍ବାଚନ ପ୍ରଚାର ପାଇଁ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିବେଶ ଓ ବିମାନ ପରିଚାଳନା ନିୟମକୁ ଉଲ୍ଲଂଘନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ଓ ଅଭୟାରଣ୍ୟ ସୁରକ୍ଷା ଆଇନକୁ ଉଲ୍ଲଘଂନ କରି ହେଲିକପ୍ଟରରେ ସୁନାବେଡ଼ା ସଂରକ୍ଷିତ ବନ୍ୟଜୀବ ଅଭୟାରଣ୍ୟ ଉପରେ ଉଡ଼ି ନିର୍ବାଚନ ପ୍ରଚାର କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ନୂଆପଡ଼ାର ଜାତୀୟ ରାଜପଥ ନଂ ୩୫୩କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଜାତୀୟ ରାଜପଥକୁ ବନ୍ଦ କରି ବିଜେପି ନେତାମାନଙ୍କ ପାଇଁ ମଞ୍ଚ ବନ୍ଧା ଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ୟବସାୟରେ କ୍ଷତି ହୋଇଛି। ଜରୁରୀ ସେବା ବନ୍ଦ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ନିର୍ବାଚନୀ ଖର୍ଚ୍ଚ କଟକଣାକୁ ନ ମାନି ମାତ୍ରାଧିକ ବସ୍ ଓ ଟ୍ରକ ଭଡ଼ାରେ ଅଣାଯାଇଛି। ଏହା ବିରୋଧରେ ନିର୍ବାଚନ ଆୟୁକ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳ ଦାବି କରିଛି।

ବିଜେଡିର ଅନ୍ୟଏକ ଅଭିଯୋଗ ଅନୁଯାୟୀ, ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ବେଳେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ବିଜେପି ନେତା ଅରିନ୍ଦମ ରାୟ କୋମନା ବ୍ଲକ୍ ଅଧୀନ ମଥିଆପାଦର ଗ୍ରାମରେ ନୂଆ ରାସ୍ତା ନିର୍ମାଣ ପ୍ରକଳ୍ପ ଘୋଷଣା କରିବା ସହ ତୁରନ୍ତ କାମ ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ନିୟମାବଳୀ ଅନୁଯାୟୀ ନିର୍ବାଚନ ସୂଚନା ଜାରି ହେବା ପରେ କୌଣସି ନୂଆ ଉନ୍ନୟନ କାମ ଘୋଷଣା କିମ୍ବା ଆରମ୍ଭ କରିବା ସଂପୂର୍ଣ୍ଣ ନିଷିଦ୍ଧ; ହେଲେ ମନ୍ତ୍ରୀ ଓ ବିଜେପି ନେତା ଏହି ନିୟମକୁ ଭାଙ୍ଗିଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିର୍ବାଚନ ପ୍ରଚାରରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛନ୍ତି। ବିଦ୍ୟୁତ ଖୁଣ୍ଟି, ସାଇନବୋର୍ଡ ଓ ଜାତୀୟ ରାଜପଥରେ ଅବୈଧ ଭାବରେ ଅଭିଯାନ ପୋଷ୍ଟର ଓ ବ୍ୟାନର ଲଗାଯାଉଛି। ପୂର୍ବରୁ ଏପରି ଅଭିଯୋଗ ହୋଇଥିଲେ ସୁଦ୍ଧା କିଛି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ।

ସେହିପରି ବିଜେପି ନେତା ଓ କର୍ମକର୍ତ୍ତାମାନେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମୋଙ୍ଗରାପାଲିର ୱାର୍ଡ ନଂ ୧୫ ଓ ୧୭ ସ୍ଥିତ ମତଦାନ ପାଇଁ ଉର୍ଦ୍ଦିଷ୍ଟ ବୁଥ୍ ନଂ ୭୪ ଓ ୭୬ ସମ୍ମୁଖରେ ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି। ଏହାଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଏସବୁ ଦଳୀୟ କାର୍ଯ୍ୟାଳୟକୁ ଉଚ୍ଛେଦ ପାଇଁ ବିଜେଡି ଦାବି କରିଛି। ଏହି ପ୍ରତିନିଧିମଣ୍ଡଳୀରେ ଡ. ଲେନିନ ମହାନ୍ତି, ସୁଲତା ଦେଓ, ମିହିର ରାୟ, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ, ଜ୍ୟୋତ୍ସ୍ନାମୟୀ ପରିଡ଼ା ପ୍ରମୁଖ ସାମିଲ୍ ଥିଲେ।

## ବ୍ରହ୍ମପୁର ଜେଲକୁ ଫେରିଲେ ଶଙ୍କର ଓ ଅରବିନ୍ଦ

ବ୍ରହ୍ମପୁର,୮ ।୧୧(ସମିସ): ୫ଦିନିଆ ରିମାଣ୍ଡ ସରିବା ପରେ ପୁଲିସ ଏସଆଇ ଚାକିରି କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ଅରବିନ୍ଦ ଦାଶଙ୍କୁ ଶନିବାର କ୍ରାଇମବ୍ରାଞ୍ଚ କଟକରୁ ବ୍ରହ୍ମପୁର ଆଣିଛି। ଉଭୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ପରେ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଉଭୟଙ୍କୁ ୫ଦିନ ରିମାଣ୍ଡରେ ନେଇ କଟକରେ ଜେରା କରିବା ପରେ ଶନିବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି। ପୂର୍ବରୁ ଅଭିଯୁକ୍ତ ମୁନା ମହାନ୍ତି, ପ୍ରିୟଦର୍ଶିନୀ ସାମଲ ଓ ଲୋକନାଥ ସାହୁଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଜେରା କରିଥିଲା।


**AFFIDAVIT**

I, Prabhata Kumar Samal, about 62 years, Son of Late Chaitanya Charan Samal, At-Goutam Nagar, Bidyadharpur, Naya Bazar, Cuttack – 753004 having Adhaar No. 939815753292 and PAN No. ANMPS0042B declare by this affidavit No. 8978 dated 03.09.2025 that my name is "Prabhata Kumar Samal" and is not "Prabhat Kumar Samal" as wrongly mentioned in some documents. Hence my name is to be read as "Prabhata Kumar Samal" for all future purposes.

**AFFIDAVIT**

I, Suhel Ahmed Mohammed c/o Mir Sanawar Ali, Resident of Village- Nania Mohalla, Krushnanandapur, Po- Krishnanandapur, Dist- Jagatsinghapur, Odisha, declare by this affidavit No.2363 dtd 16.10.2025 that now onwards I shall be known as **MOHAMMED SUHEL AHMAD** for all future purposes.

**AFFIDAVIT**

I SUNAINA DASH, W/o PRABIR KUMAR HOTA, resident of At/Po- Sasahandi, Via- Borigumma, Ps.- Kotpad, DT.- Koraput-764 056, Odisha declare by this Affidavit No.1764, Dated- 30/10/2025, that now onwards I shall be known as **SUNEINA DASH** for all future purpose.

**AFFIDAVIT**

By virtue of an affidavit No.-1219, Dtd.10.10.2025 sworn before the Executive Magistrate, Bargarh, I, Jigyanasha Subhadarsini Sahu, D/o- Debashish Sahu, At Bandutikra, P/o: Bargarh, Dist: Bargarh, Odisha state that my name has been inadvertently spelt in my Aadhar card No. 3635 7016 5439 as Jingyasa Subhadarshini instead of Jigyanasha Subhadarsini Sahu, but both the names are one and same . Henceforth, I will be known as **Jigyanasha Subhadarsini Sahu** for all future purposes

**ହଜିଛି**

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍-୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ୍ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ୍ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

By virtue of an affidavit no-6074 sworn before the Executive Magistrate, Champua on dtd-06/11/2025, I Mohammad Daud, S/o- Late Abdul Kayum, resident of At- Muslim Basti, Po/Ps- Champua, Dist- Keonjhar, Odisha. My Aadhar Card Bearing No: 7914 0977 8741 & my son's Passport No- L5752113. I have changed my name from **Mohammed Daud** (old name) to **Mohammad Daud** (new name). Henceforth both name **Mohammed Daud** and **Mohammad Daud** is one & same person he will be known as **Mohammad Daud** for all future purposes.

**Mohammad Daud**

**NOTICE**

I, Sadashiba Dhal age-48, S/o- Bharat Dhal of Resident At- Gouribelda, Po-Kasida, Ps- Jaleswar, Dist-Balasore, Odisha-756034. Declared by Affidavit Before P.K Mishra (O.R.S) in the Court of Executive Magistrate, Balasore, Affidavit Sl No:- 11564,Date-04/11/2025 ,That my Minor Daughter **SUSMITA DHAL** (Old Name) but by assumed Minor daughter name **SMITARANI DHAL** (New Name ). Hence I declared my minor daughter **SUSMITA DHAL** (Old Name) and **SMITARANI DHAL** (New Name) the same and one person for all future purpose.

Sadashiba Dhal


## ମହମ୍ମଦ ଜୁନେଦ ବିଜେଡି ରାଜ୍ୟ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୮।୧୧(ସମିସ): ବିଜୁ ଜନତା ଦଳର ସମ୍ପାଦକ ଭାବେ ନୂଆପଡ଼ା ଖରିଆର ରୋଡ୍ ଟାଉନର ମହମ୍ମଦ ଜୁନେଦଙ୍କୁ ନୂଆ ନିଯୁକ୍ତି ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୭ତାରିଖ ଜୁନେଦ ବିଧିବଦ୍ଧ ବାବରେ ବିଜେଡିରେ ସାମିଲ ହୋଇଥିଲେ।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୧୧(ସମିସ):ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଆୟୋଜିତ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଲିଙ୍ଗରାଜ ମନ୍ଦିର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ରାଜଭବନ ଏବଂ ସି.ଆର୍.ପି.ଏଫ୍ ଗ୍ରୁପ୍ ସେଣ୍ଟର ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ୫ଟି ରାଜ୍ୟର ୨୦୦ ଯୁବକ ଯୁବତୀ ଅଂଶ ଗ୍ରହଣ କରିଛନ୍ତି। ମାଇଁ ଭାରତର ଅଧିକାରୀ ନିଖିଲ କୋକୁଲା, ରମେଶ ଭୁଲିଆ, ପ୍ରସନ୍ନ ମେହେର, ଶୁଭେନ୍ଦ୍ର ନାଥ ସାହୁ ଏବଂ କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ଯୁବ ପ୍ରତିନିଧିମାନେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ସିଆର୍‌ପିଏଫ୍‌ର ଡିଆଇଜି. ଭାରତ ଭୂଷଣ ସେଠୀ, ଡେପୁଟି କମାଣ୍ଡାଣ୍ଟ ନରେଶ କୁମାର ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଳାଚକଟା ପାଇଁ...

ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ ଜିଲ୍ଲା ପୁଲିସ ମେସିନାରୀର ମୁଖ୍ୟ ହେଉଛନ୍ତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ। ରଥଯାତ୍ରା ପରିଚାଳନାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ତେବେ ଉପରୋକ୍ତ ଅଘଟଣ ପରେ ତାଙ୍କୁ ପୁରୀ ଜିଲ୍ଲାକୁ ଅନ୍ୟତ୍ର ବଦଳି କରାଯାଇ ସାରିଛି। ଏତଦ୍ ବ୍ୟତୀତ ଯେଉଁ ୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯାଇଛି, ସେମାନେ ନିଜ ଦାୟିତ୍ୱରେ କେଉଁ ପ୍ରକାର ଅବହେଳା କରିଥିଲେ ସେନେଇ ଉଲ୍ଲେଖ କରାଯାଇଛି।

ଗତ ରଥଯାତ୍ରା ସମୟରେ ପୁଲିସ ପକ୍ଷରୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ନେଇ ବଡ଼ ବଡ଼ କଥା କୁହାଯାଇଥିଲେ ହେଁ, ଏହାର ପୋଲ ଖୋଲିଛି ଉପରୋକ୍ତ ରିପୋର୍ଟ। ଆଇସିସିସିକୁ ସେତେବେଳେ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଜରୁରୀକାଳୀନ ସ୍ଥିତି ଏବଂ ଭିଆଇପି ଗସ୍ତ ସମୟରେ ସହଯୋଗ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି ଏଆଇ ଭିତ୍ତିକ ସର୍ଭେଲାନ୍ସ ସିଷ୍ଟମର ଯେତେବେଳେ ସର୍ବାଧିକ ଆବଶ୍ୟକତା ଥିଲା, ତାହା ସେତେବେଳେ ସଠିକ୍ ଭାବେ କାର୍ଯ୍ୟ କରିନଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଟେଣ୍ଡର ଅନୁଯାୟୀ ମୁକ୍ତାକାଶ ରଙ୍ଗମଞ୍ଚ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇନଥିବା ବେଳେ ଅନ୍ୟ କେତେକ ସ୍ଥାନରୁ ସିସିଟିଭି କ୍ୟାମେରାରୁ ଫିଡ୍ ଆସିନଥିଲା। ସେହିପରି ଅନେକ ସ୍ଥାନରେ ସିସିଟିଭି କ୍ୟାମେରା ସଠିକ୍ ଭାବରେ କାମ କରିନଥିବା ବେଳେ ଯାତ୍ରୀଙ୍କୁ ସୂଚନା ପାଇଁ ଲଗାଯାଇଥିବା ଏଲଇଡି ପ୍ୟାନେଲ ମଧ୍ୟ କାମରେ ଆସିନଥିଲା। ସେହିପରି ଆଇସିସିସି ଅଧୀନରେ ଡ୍ରୋନର ଉପଯୋଗ କରାଯାଇନଥିବା ବେଳେ କ୍ୟାମେରା ଯୋଗାଇଥିବା ଭେଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ଫିଡ୍ ପ୍ରଦାନରେ ବିଫଳ ହୋଇଥିଲା। ମୋଟାମୋଟି ଭାବେ ସୁରୁଖୁରୁର ରଥଯାତ୍ରା ପରିଚାଳନାରେ ସିସିଟିଭି କ୍ୟାମେରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଏହି ବ୍ୟବସ୍ଥା ଏକପ୍ରକାର ଫେଲ୍ ମାରିଥିବା ରିପୋର୍ଟରେ କୁହାଯାଇଛି। ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି) ଦାୟିତ୍ୱରେ ଥିବା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କୁ ରେଡ ଫ୍ଲାଗଭୁକ୍ତ କରିବା ପାଇଁ ଅନୁ ଗର୍ଗଙ୍କ କମିଟି ସୁପାରିସ କରିଛି। ସେହିପରି ରଥଯାତ୍ରା ସମୟରେ ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଘୋର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଯେ ଶରଧାବାଲିରେ ଘଟିଥିବା ଏହି ଅଘଟଣ ପାଇଁ ମୋଟ ୩ ଜଣଙ୍କର ଜୀବନ ଯାଇଥିଲା। ଦଳାଚକଟା ଘଟିବା ଦିନ ହିଁ ରାଜ୍ୟ ସରକାର ତତ୍କାଳୀନ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ୍ ଅଗ୍ରୱାଲଙ୍କୁ ବଦଳି କରିଥିଲେ।

### ବାଲ୍‌କୋନୀ ଭୁଶୁଡ଼ି...

ସୂଚନାନୁସାରେ, ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖରେ ରହିଥିବା ପ୍ରାଚୀ ଏନକ୍ଲେଭ୍‌ର ଜି-୫ ଫ୍ଲାଟ୍ ବାଲକୋନୀଟି ଆଜି ସନ୍ଧ୍ୟାରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏହି କୋଠାଟି ପୁରାତନ ହୋଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ହେଉନଥିବାରୁ କାନ୍ଥ ଓ ବାଲ୍‌କୋନୀରେ ଦୀର୍ଘ ଦିନ ହେବ ଫାଟ ସୃଷ୍ଟି ହୋଇଥିଲା। ଏହି ଫ୍ଲାଟ୍‌ର ତଳେ ଏକ ପରିବାର ଆଜବେଷ୍ଟସ୍ ଘରେ ରହୁଥିଲେ। ବାଲକୋନୀ ଭୁଶୁଡ଼ିବା ପରେ ବଡ଼ବଡ଼ ଖଣ୍ଡଗୁଡ଼ିକ ଆଜବେଷ୍ଟସ୍ ଉପରେ ପଡ଼ିଥିଲା। ଘର ଭିତରେ ପରିବାରର ୩ଜଣ ସଦସ୍ୟ ଥିବା ବେଳେ ଅନ୍ୟ ୪ ଜଣ ସଦସ୍ୟ ଘର ବାରଣ୍ଡାରେ ବସିଥିଲେ।

ବାଲକୋନୀ ଭୁଶୁଡ଼ିବା ପରେ ଭଙ୍ଗା ସିମେଣ୍ଟ ଓ ରଡ୍ ଖଣ୍ଡ ଭିତରେ ବାପା ଅବଦୁଲ୍, ମା' ରେହେମାତୁନ୍ ଓ ପୁଅ ରିହାନ୍ ଚାପି ହୋଇ ରହିଯାଇଥିଲେ। ଅନ୍ୟ ସଦସ୍ୟମାନେ ବାରଣ୍ଡାରେ ବସିଥିବା ହେତୁ ସେମାନଙ୍କ ଉପରେ ସିମେଣ୍ଟ ଓ ରଡ୍ ଖଣ୍ଡ ମାଡ଼ ହୋଇଥିଲା। ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଲୋକ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ୨ଟି ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟର୍ ମେସିନ୍ ଓ ଅନ୍ୟାନ୍ୟ ଢଳେଇ ଭଙ୍ଗା ଉପକରଣ ସାହାଯ୍ୟରେ ଆଜବେଷ୍ଟସ୍ ଘରକୁ ଭଙ୍ଗା ଯାଇ ପ୍ରଥମେ ୩ଜଣଙ୍କୁ ଉଦ୍ଧାର କରାଯାଇ ଏସସିବି ମେଡିକାଲ୍ ପଠାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପଟେ ଆମ୍ବୁଲାନ୍ସ ଡକାଯାଇ ଅନ୍ୟ ଗୁରୁତରଙ୍କୁ ଏସ୍‌ସିବି ପଠାଯାଇଥିଲା। ଏ ସମ୍ପର୍କରେ ରେସ୍କ୍ୟୁ ଟିମ୍‌ର ମୁଖ୍ୟ ତଥା ଫାୟାର୍ ଅଫିସର୍ ସଞ୍ଜୀବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଫ୍ଲାଟ୍‌ଟି ସର୍ବପୁରାତନ ହୋଇଥିବା ବେଳେ ତାହାର ରକ୍ଷଣାବେକ୍ଷଣ ଆଦୌ କରାଯାଉନଥିଲା। ଉଭୟ କାନ୍ଥ, ବାଲକୋନୀ ଓ ଝରକା ଦିନକୁ ଦିନ ଦୁର୍ବଳ ହୋଇଯାଇଥିଲା। କାନ୍ଥ ଏବଂ ବାଲ୍‌କୋନୀ ମଝିରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇଥିଲା। ଫ୍ଲାଟ୍‌ର ମାଲିକଙ୍କ ବେପରୁଆ ମନୋଭାବ ଯୋଗୁଁ ଏତେବଡ଼ ଦୁର୍ଘଟଣା ଘଟିଛି ବୋଲି ସେ କହିଛନ୍ତି।

ସ୍ଥାନୀୟ ବାସିନ୍ଦା ସୂର୍ଯ୍ୟକାନ୍ତ ହାଲଦାର୍ କହିଛନ୍ତି ଯେ ଯିଏ କେହିବି ଦୁର୍ଘଟଣା ଘଟିଥିବା ଫ୍ଲାଟ୍‌ଟିକୁ ଦେଖିବ, ସେ ଏହା ସର୍ବପୁରାତନ ବୋଲି ଜାଣିପାରିବ। ଆଦୌ ରକ୍ଷଣବେକ୍ଷଣା ହେଉନଥିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା। ଫ୍ଲାଟ୍ ମାଲିକ ଏଥିପାଇଁ ଦାୟୀ ବୋଲି ସେ ସିଧାସଳଖ ମତ ରଖିଛନ୍ତି। ଏନକ୍ଲେଭ୍ ମାଲିକଙ୍କୁ ବାରମ୍ବାର ଏହି ବିପଦସଂକୁଳ ଫ୍ଲାଟ୍‌ର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସେ ଏ ଦିଗରେ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ଉଠିଛି। ଅନ୍ୟପଟେ, ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

### ଡିସେମ୍ବର ୧ରୁ...

ଅଧିବେଶନ ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ସୂଚନା ପରେ କଂଗ୍ରେସ ପକ୍ଷରୁ ଜୟରାମ ରମେଶ କେତେକ ପ୍ରଶ୍ନ ଉଠାଇଛନ୍ତି। ସଂସଦ କାହିଁକି ବିଳମ୍ବରେ ଡକାଯାଉଛି ଏବଂ ଏହାର କାର୍ଯ୍ୟଦିବସ ଏତେ କମ୍ କାହିଁକି? ସେ କହିଛନ୍ତି ଯେ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସରକାରଙ୍କର କିଛି କାର୍ଯ୍ୟକ୍ରମ ନାହିଁ ଓ ଅନୁମୋଦନ ପାଇଁ ବିଲ୍ ନାହିଁ।ପୁଣି ସରକାର କୌଣସି ପ୍ରସଙ୍ଗରେ ବିତର୍କ କରିବାକୁ ଚାହାନ୍ତି ନାହିଁ। ତୃଣମୂଳ କଂଗ୍ରେସ ନେତା ଡି. ଓବରଏନ ମଧ୍ୟ କହିଛନ୍ତି ଯେ ଯାହା ଜଣାପଡୁଛି ସରକାର ବିତର୍କ କରିବାକୁ ଡରୁଛନ୍ତି।

ସୂଚନାଯୋଗ୍ୟ ଯେ ଅତୀତରେ ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ଡିସେମ୍ବର ୨୫ ପୂର୍ବରୁ ଶେଷ ହେବାର ପରମ୍ପରା ରହିଆସିଛି। ଗତ ବର୍ଷ ମଧ୍ୟ ଶୀତକାଳୀନ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବେର ୨୦ରେ ଶେଷ ହୋଇଥିଲା। ତେବେ ସେ ଯାହା ହେଉନା କାହିଁକି ସଂକ୍ଷିପ୍ତ ହେଉ ପଛେ ଏହି ଅଧିବେଶନ ସରଗରମ ହେବ। ନିର୍ବାଚନ କମିସନ ୧୨ଟି ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ କରିଥିବା ବେଳେ ବିରୋଧୀ ଦଳର ଏହାର ତୀବ୍ର ବିରୋଧ କରୁଛନ୍ତି। ପୂର୍ବ ଅଧିବେଶନ ଭଳି ଏହି ଅଧିବେଶନରେ ମଧ୍ୟ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ପୁଣି ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହି ଅଧିବେଶନ ହେଉଥିବାରୁ ଏହା ସଂସଦକୁ ସରଗରମ କରି ରଖିବ।

ଗତ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ବସିଥିଲା। ପ୍ରଥମ ଦିନରେ ହିଁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଇସ୍ତଫା ଦେଇଥିଲେ। ଏହାପରେ ପୂରା ଅଧିବେଶନ ।।ରେ ବିହାରରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍)କୁ ନେଇ ହଙ୍ଗାମା ହୋଇଥିଲା। ମୌସୁମୀ ଅଧିବେଶନରେ ମୋଟ୍ ଉପରେ ୨୧ଟି ବୈଠକ ବସିଥିଲା। ଲୋକସଭାରେ ୧୨୦ ଘଣ୍ଟା ଚର୍ଚ୍ଚାର ସମୟ ନିର୍ଦ୍ଧାରିତ କରାଯାଇଥିଲା। କିନ୍ତୁ ମାତ୍ର ୩୭ ଘଣ୍ଟାର କାର୍ଯ୍ୟ ହୋଇଥିଲା। ସେହିପରି ରାଜ୍ୟସଭାରେ ମାତ୍ର ୪୧ ଘଣ୍ଟା ଚର୍ଚ୍ଚା ହୋଇଥିଲା। ଲୋକସଭା ଓ ରାଜ୍ୟସଭାରେ ମୋଟ୍ ଉପରେ ୨୭ଟି ବିଲ୍ ପାସ୍ ହୋଇଥିଲା।

### ଏଣିକି ସ୍ୱୟଂଚାଳିତ...

ବାଲାନ୍ସ ଆପେ ଆପେ ନୂଆ ନିଯୁକ୍ତିଦାତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ ଅତିବେଶିରେ ଦୁଇରୁ ପାଞ୍ଚ ଦିନ ଲାଗିବ।

ପୂର୍ବରୁ ଚାକିରି ବଦଳାଇବା ସମୟରେ ଫର୍ମ-୧୩ ପୂରଣ କରିବାକୁ ପଡୁଥିଲା। ଏହା ପରେ ପୁରୁଣା ଏବଂ ନୂଆ ନିଯୁକ୍ତିଦାତାଙ୍କ ଯାଞ୍ଚ କରିବାକୁ ହେଉଥିଲା। ଏହି ପ୍ରକ୍ରିୟା ପାଇଁ ମାସେରୁ ଦୁଇ ମାସ ଲାଗୁଥିଲା। ଅନେକ ଥର ଦାବି ମଧ୍ୟ ଖାରଜ ହୋଇଯାଇଥାଏ। ସୁଧ ହାରରେ ମଧ୍ୟ କ୍ଷତି ହେଉଥିଲା। ଇପିଏଫଓ ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ଲକ୍ଷାଧିକ ଦାବି ପଡ଼ି ରହୁଥିଲା। ନୂଆ ନିୟମରେ ଏହି ସମସ୍ୟାରୁ ମୁକ୍ତି ମିଳିବ। ଏବେ କର୍ମଚାରୀ ନୂଆ ଚାକିରିରେ ସାମିଲ ହେଲେ ନିଯୁକ୍ତିଦାତା ୟୁଏଏନ ଲିଙ୍କ୍ କରାଇବେ। ଇପିଏଫଓ ପୋର୍ଟାଲରେ ଆଧାର ଏବଂ କେୱାଇସି ଦ୍ୱାରା ଅଟୋ-ଭେରିଫିକେସନ ହେବ। ପୁରୁଣା ପିଏଫ୍ ବାଲାନ୍ସ ସିଧାସଳଖ ଭାବେ ନୂଆ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ କୌଣସି କାଗଜପତ୍ର ଦେବାକୁ ପଡ଼ିବ ନାହିଁ। ତିନିରୁ ୫ ଦିନ ମଧ୍ୟରେ କାମ ଶେଷ ହୋଇଯିବ। ତେବେ ଏଥିପାଇଁ ୟୁଏଏନ ସକ୍ରିୟ ଏବଂ ଆଧାର ଲିଙ୍କ୍ ଥିବା ଜରୁରୀ।

ଏହି ନୂଆ ପ୍ରୟାସ ଦ୍ୱାରା କର୍ମଚାରୀଙ୍କୁ ୫ଟି ପ୍ରମୁଖ ଲାଭ ମିଳିବ। କର୍ମଚାରୀଙ୍କ ସମୟ ବଞ୍ଚିବ। କାଗଜପତ୍ରର ଝିନ୍ଝଟ୍ ଅପଲୋଡରୁ ମୁକ୍ତି ମିଳିବ ଏବଂ ସବୁକିଛି ସ୍ୱୟଂକ୍ରିୟ ଭାବେ ହୋଇଯିବ। ସୁଧ ଧାରାବାହିକ ଭାବେ ଜାରି ରହିବ। ଏଥିରେ କୌଣସି କ୍ଷତି ହେବ ନାହିଁ। ଅବସର ସମୟରେ ସବୁ ଅର୍ଥ ଗୋଟିଏ ସ୍ଥାନରେ ମିଳିବ। ଘରୋଇ ଚାକିରିଆଙ୍କ ପାଇଁ ଚାକିରି ବଦଳାଇବା ସହଜ ହୋଇଯିବ। ଇପିଏଫଓ ପକ୍ଷରୁ କୁହାଯାଇଛି ଯେ ଏହି ସ୍ୱୟଂଚାଳିତ ପ୍ରକ୍ରିୟା ଦ୍ୱାରା ୧୦ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟଙ୍କୁ ଲାଭ ମିଳିବ। ୟୁଏଏନକୁ ଆଧାର ଲିଙ୍କ ନେଇ ହେଉଥିବା ଠକେଇ ମଧ୍ୟ ବନ୍ଦ ହୋଇଯିବ। ଏଥିପାଇଁ ୟୁଏଏନ ନମ୍ବରକୁ ସକ୍ରିୟ କରିବା ପାଇଁ କର୍ମଚାରୀଙ୍କୁ ନିବେଦନ କରାଯାଇଛି।

ସକାଳ
THE SAKALA



## ପ୍ରଦର୍ଶିତ ହେଲା ୧୩୦ ରୁ ଊର୍ଦ୍ଧ୍ୱ ପ୍ରକଳ୍ପ



ଖଣ୍ଡପଡ଼ା,୮।୧୧(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ଓମ୍‌ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଶିକ୍ଷାବିତ ପଞ୍ଚାନନ ମିଶ୍ର ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅତିଥି ଭାବେ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରଶ୍ମିରେଖା ପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୩୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହୋଇଥିଲା। ଡ. ପ୍ରଦୀପ କୁମାର ପାଇକରାୟ, ଶ୍ରୀନିବାସ ମହାନ୍ତି, ଆଶିଷ କୁମାର ବିଶୋଇ, ନାରାୟଣ ଭୋଳ, ସ୍ନେହମୟୀ ସାହୁ ପ୍ରମୁଖ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡିକୁ ଚିହ୍ନଟ କରାଯାଇଥିବା ବେଳେ ଆସନ୍ତା ୧୪ ତାରିଖରେ ଶିଶୁଦିବସ ପାଳନ ଅବସରରେ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବରିଷ୍ଠ ବିଭାଗର ଛାତ୍ର ସ୍ୱସ୍ତିକ ମିଶ୍ର କନିଷ୍ଠ ବିଭାଗରେ ରୋହନ କୁମାର ମଲ୍ଲ, ସବ ଜୁନିଅର ବିଭାଗରେ ଅର୍ପିତା ପଣ୍ଡା, ନର୍ସରୀ ବିଭାଗରେ ଆରକ୍ଷୀ ପ୍ରିୟଦର୍ଶିନୀ, ନିହାରିକା କର, ଶିବନ୍ୟା ଅଗ୍ରଓ୍ୱାଲ ପ୍ରମୁଖଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି।

### ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

# କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କଲେ ଚାଷୀ

ନୟାଗଡ଼,୮।୧୧(ସମିସ)

- କାର୍ଯ୍ୟକ୍ରମକୁ ଆସିଲେନି ଜିଲ୍ଲାପାଳ, ବିଧାୟକ ଓ ସାଂସଦ
- ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରଭାବଶାଳୀ ହେଉନି: ଏଡିଏମ୍

ନୟାଗଡ଼ ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆଜି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ବିଧାୟକ କିମ୍ବା ସାଂସଦ ଯୋଗ ଦେଇନଥିବା ବେଳେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ପର୍ଶୁରାମ ସ୍ୱାଇଁ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଅନୀଲ କୁମାର ସ୍ୱାଇଁ, ଡ. ଅଜୟ କୁମାର ଜେନା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସ୍ୱାଗତ ଅଭିଭାଷଣ ରଖିବା ପରେ ଜୈବିକ ଚାଷୀ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବାଲୁଗାଁ ଅଞ୍ଚଳର ଚାଷୀ ରଣଜିତ ଦଳବେହେରା, ମାଣ୍ଡିଆ ଚାଷ କରୁଥିବା ଚାଷୀଙ୍କ ତାଲିକା ମାଗିବା ସହ ଜିଲ୍ଲାରେ ମାଣ୍ଡିଆ ଚାଷ ଆଦୌ ନହୋଇ କାଗଜ ପତ୍ରରେ ଦର୍ଶାଯାଉଥିବା କହିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହାକୁ ନେଇ ହଡ଼ବଡ଼େଇ ଯାଇଥିବା ବେଳେ ଏହା ପ୍ରକୃତ ଫୋରମ୍ ନୁହେଁ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଚାଷୀ ରଣଜିତ ଦଳବେହେରା ଚୁପ ରହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ମାଣ୍ଡିଆ ଏକ ପାରମ୍ପରିକ ଖାଦ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରଭାବଶାଳୀ ହେଉନି, କିନ୍ତୁ ଚାଷୀଙ୍କୁ ପ୍ରୋତ୍ସାହିତ କରି ଚାଷ ବୃଦ୍ଧି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଆୟୋଜିତ ମାଣ୍ଡିଆ ଦିବସ ଉପରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ କିଛି ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଜିଲ୍ଲାରେ ମାଣ୍ଡିଆ ଚାଷ ନହୋଇ ଏନଜିଓ ଗୁଡ଼ିକ କାଗଜ ପତ୍ରରେ ମାଣ୍ଡିଆ ଚାଷ ହେଉଥିବା ଦର୍ଶାଉଥିବା ବେଳେ ଆଜି କାର୍ଯ୍ୟକ୍ରମରେ ପ୍ରାୟୋଜିତ ଭାବେ ଲୁଚାଇବାକୁ ଯଥେଷ୍ଟ ଚେଷ୍ଟା କରାଯାଇଥିବା ଦେଖାଯାଇଥିଲା। ଅତିଥିମାନେ ଆୟୋଜିତ ଏକ ଫଟୋ ଗ୍ୟାଲେରୀକୁ ଉଦଘାଟନ କରିଥିଲେ। ଏହି ଅବସରରେ କୃଷି ଐତିହ୍ୟ ଓ ଜୈବ୍ୟ ବିବିଧତା ସଂରକ୍ଷଣ ଉପରେ କୃଷି ବୈଜ୍ଞାନିକମାନେ ଆଲୋଚନା ରଖିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଓ ଅନେକ ଚାଷୀ ଓ ଏନଜିଓମାନେ ସାମିଲ ହୋଇଥିଲେ।



### ମାଣ୍ଡିଆ ଦିବସ ପାଳନ ନାଁରେ ଲକ୍ଷେ ସ୍ୱାହା

ନୟାଗଡ଼: ନୟାଗଡ଼ ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ ପାଇଁ ବିଭାଗ ପକ୍ଷରୁ ଏକ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଯେନତେନ ଏହି କାର୍ଯ୍ୟକ୍ରମ ଆୟୋଜନ କରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏହି ଅର୍ଥକୁ ବ୍ୟୟ କରିବା ଯୋଜନାରେ ରହିଛି। କାର୍ଯ୍ୟକ୍ରମରେ ୩ଟି ଷ୍ଟଲ, ୧ଟି ଫଟୋ ଗ୍ୟାଲେରୀ ନିର୍ମାଣ କରାଯାଇଥିବା ବେଳେ ବ୍ଲକ ସଭାଗୃହରେ ସଭା ଅନୁଷ୍ଠିତ ହୋଇଛି। ଖାଦ୍ୟପେୟ ଓ ଅନ୍ୟାନକୁ ମିଶାଇ ଅଳ୍ପ କିଛି ଅର୍ଥ ବ୍ୟୟ କରାଯାଇ ବଳକା ଅର୍ଥକୁ କୃଷି ବିଭାଗ କର୍ମଚାରୀ ବିଲ କରିବା ପାଇଁ ଯୋଜନା କରିଥିବା ସୂଚନା ମିଳିଛି।

## ସାଇବର ସଚେତନତା ସାଇକଲ୍ ଶୋଭାଯାତ୍ରା



ନୟାଗଡ଼,୮।୧୧(ସମିସ): ନୟାଗଡ଼ ଜିଲ୍ଲା ପୁଲିସ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ଏକ ସାଇକଲ ଶୋଭାଯାତ୍ରା ଓ ସଚେତନତା ରଥ ଉଦଘାଟିତ ହୋଇଯାଇଛି। ନୟାଗଡ଼ ପିଟିଏସ୍ ପଡ଼ିଆଠାରୁ ନୟାଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସାଇକଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ସହିତ ସଚେତନତା ରଥକୁ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଡିଏସପି ସୁଶାନ୍ତ ପାତ୍ର, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନଙ୍କ ସମେତ ଅନେକ ଥାନା ଅଧିକାରୀ ଯୋଗ ଦେଇଥିଲେ। ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚକ୍ଷୁ ଚିକିତ୍ସା ଶିବିର

ଓଡ଼ଗାଁ, ୮।୧୧(ସମିସ): ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ପଞ୍ଚାୟତ ପରିସରରେ ଅର୍ବାନ ଭିଜନ କେୟାର, ଭୁବନେଶ୍ୱର ଏବଂ ରଙ୍ଗଣିପାଟଣା ପଞ୍ଚାୟତର ମିଳିତ ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଏବଂ ଚଷମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. କିଶୋର ଚନ୍ଦ୍ର ସାହୁଙ୍କ ଦ୍ୱାରା ପଞ୍ଜିକୃତ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୯୨ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ୧୧ ଜଣ ରୋଗୀଙ୍କୁ ଭିଜନ କେୟାର, ଭୁବନେଶ୍ୱର ମାଧ୍ୟମରେ ଚକ୍ଷୁ ଅପରେସନ କରାଯାଇ ରବିବାର ସେମାନଙ୍କୁ ତାଙ୍କ ଘରେ ପହଞ୍ଚାଇ ଦିଆଯିବ ବୋଲି ଜଣାପଡିଛି। ରଙ୍ଗଣିପାଟଣା ସରପଞ୍ଚ ସସ୍ମିତା ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅନ୍ୟ କର୍ମଚାରୀ ଓ ସାମାଜିକ କର୍ମୀ ମାନେ ସହଯୋଗ କରିଥିଲେ।

## ଢୋଲାଚଣ୍ଡି କ୍ରିକେଟ: ଫାଇନାଲରେ ବଘେଇ



ଭାପୁର,୮।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡ଼ସହରା ଗ୍ରାମରେ ଚାଲିଥିବା ଢୋଲାଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବଡ଼ସହରା କ୍ରିକେଟ କ୍ଲବ୍ ଓ ବଘେଇ କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ବଘେଇ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୩୨ ରନର ବିଶାଳ ସ୍କୋର କରିପାରିଥିଲା। ଜବାବରେ ବଡସହରା କ୍ରିକେଟ ଟିମ୍ ୧୫.୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୯ ରନ କରି ପାରିଥିଲା। ବିଜୟୀ ଦଳର ଦିପ୍ତିରଞ୍ଜନ ସାହୁ ୧୮ ବଲରେ ୩୮ ରନ କରି ମ୍ୟାଚ ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ ହୋଇଥିଲେ। ଆଜିର ମ୍ୟାଚରେ ଅତିଥି ଭାବରେ ବଡସହରା ଗ୍ରାମର ସମାଜସେବୀ ବିଶ୍ୱନାଥ ସାହୁ ଓ ତପନ ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ଭାବେ ଭଜମନ ରଣା ଓ ସରୋଜ ଦାସ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ରତ୍ନାକର ସାହୁ ଓ ଅଗସ୍ତି ଦାଶ ଓ ସ୍କୋର ଦାୟିତ୍ୱରେ ସତ୍ୟବ୍ରତ ମହାରଣା ଓ ସାଗର ପରିଡ଼ା ଥିଲେ। ଆସନ୍ତା କାଲି ଫାଇନାଲ ମ୍ୟାଚରେ ଏଲପଡ଼ା କ୍ରିକେଟ କ୍ଲବ୍ ଓ ବଘେଇ କ୍ରିକେଟ କ୍ଲବ୍ ପରସ୍ପର ମୁହାଁମୁହିଁ ହେବେ।

## ଖଣ୍ଡପଡ଼ା ବିଡିଓଙ୍କୁ ଗଣିଆ ଦାୟିତ୍ୱ



ଗଣିଆ,୮।୧୧(ସମିସ): ଗଣିଆ ବିଡ଼ିଓ ସାଗର କୁମାର ନନ୍ଦଙ୍କର ବଦଳି ହେବା ପରେ ଗଣିଆରେ ଦୀର୍ଘଦିନ ହେବ ସ୍ଥାୟୀ ବିଡିଓ ପଦବୀ ଖାଲି ପଡିଛି। ସରକାରଙ୍କ ତରଫରୁ ନୂତନ ବିଡ଼ିଓ ଭାବେ ସଞ୍ଜୀବ କୁମାର ମହାପାତ୍ରଙ୍କୁ ଗଣିଆ ବିଡ଼ିଓ ଦାୟିତ୍ୱ ଦିଆଯାଇଥିବା ବେଳେ ସେ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ତହସିଲଦାର ପ୍ରିତିବାଳା ରଣାଙ୍କୁ ବିଡ଼ିଓ ଦାୟିତ୍ୱ ଦିଆଯାଇଥିବା ବେଳେ ତାଙ୍କର ମଧ୍ୟ ବଦଳି ହୋଇଯାଇଛି। ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଶଙ୍କୁ ଗଣିଆ ବିଡ଼ିଓ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ବିଡ଼ିଓଙ୍କୁ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପଣ୍ଡାଙ୍କ ସମେତ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହି ସ୍ୱାଗତ କରିଛନ୍ତି। କେତେଦିନ ଏଭଳି ଭାରପ୍ରାପ୍ତ ବିଡ଼ିଓଙ୍କ ହାତରେ ବ୍ଲକ ଚାଲିବ ବୋଲି ସାଧାରଣରେ ଆଲୋଚନା ହେଉଛି। ରାଜ୍ୟ ସରକାର ତୁରନ୍ତ ଜଣେ ସ୍ଥାୟୀ ବିଡ଼ିଓଙ୍କୁ ଗଣିଆ ବ୍ଲକରେ ଦାୟିତ୍ୱ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମସ୍ତିଷ୍କାଘାତରେ ଡ୍ରାଇଭରଙ୍କ ମୃତ୍ୟୁ

କଣ୍ଟିଲୋ,୮।୧୧(ସମିସ): ନିକଟସ୍ଥ ପଥରଚକଡା ଗ୍ରାମର ଜନୈକ ଡ୍ରାଇଭର ବସନ୍ତ କୁମାର ନାୟକ(ମଣ୍ଟୁ, ୪୫)ଙ୍କ ମୃତ୍ୟୁ ହୋଇଯାଇଛି। ସେ ଗତ ୧୫ଦିନ ପୂର୍ବେ ଉଚ୍ଚ ରକ୍ତଚାପ ଓ ମସ୍ତିଷ୍କାଘାତ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଧୀରେ ଧୀରେ ଅକାମି ହୋଇପଡିବା ଫଳରେ ସେ ଗତକାଲି ମୃତ୍ୟୁବରଣ କରିଥିବା ପରିବାର ସୂତ୍ରରୁ ପ୍ରକାଶ। ଜଣେ କୁଶଳୀ ଡ୍ରାଇଭର ଭାବେ ଜଣାଶୁଣା ହେବା ସହିତ ଅମାୟିକ, ବନ୍ଧୁବତ୍ସଳ ବ୍ୟକ୍ତି ରୂପେ ପରିଚିତ ଥିଲେ। ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ନିମନ୍ତେ ଦାବି ହୋଇଛି। ତାଙ୍କ ମୃତ୍ୟୁରେ ଡ୍ରାଇଭର ସଂଘ ପକ୍ଷରୁ ତଥା ଗ୍ରାମରେ ଶୋକ ପ୍ରକାଶ ପାଇଛି।

## ନିଶା ଖାଇ ଛାତ୍ରଛାତ୍ରୀଙ୍କୁ ପିଟିଲେ ଶିକ୍ଷକ

**ଗ୍ରାମବାସୀ ଅଟକ ରଖିଲେ; ପୁଲିସ୍ ଉଦ୍ଧାର କଲା**

ଦଶପଲ୍ଲା,୮।୧୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ତେଣ୍ତାବାଡ଼ି ପଞ୍ଚାୟତ ପଙ୍କୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପ୍ରଧାନ ଆଜି ମାତାଲା ଅବସ୍ଥାରେ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ସହ ମାରପିଟି କରିଥିଲେ। ବିଦ୍ୟାଳୟ ସମୟରେ ଶିକ୍ଷକଙ୍କ ଏଭଳି କାଣ୍ଡ ଗ୍ରାମବାସୀଙ୍କ କାନରେ ପଡ଼ିଥିଲା। ଶନିବାର ସକାଳୁଆ ସ୍କୁଲ ହୋଇଥିବାରୁ ସ୍କୁଲ ଛୁଟି ପରେ ଅଭିଭାବକଙ୍କୁ ଏନେଇ ଜଣାଇଥିଲେ। ଅଭିଭାବକମାନେ ବିଦ୍ୟାଳୟକୁ ଆସି ଶିକ୍ଷକଙ୍କୁ ମାତାଲ ଅବସ୍ଥାରେ ଦେଖିବାକୁ ପାଇଥିଲେ। ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଧାନଶିକ୍ଷକଙ୍କ ଅଫିସରେ ଭାତ, ମାଂସ ଓ ମଦ ବୋତଲ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଗ୍ରାମବାସୀ କ୍ଷୁବ୍ଧ ହୋଇ ଶିକ୍ଷକଙ୍କୁ ଅଟକ ରଖିଥିଲେ। ଖବରପାଇ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଗ୍ରାମବାସୀଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତିବିନୋଦ ଶଳଙ୍କୁ ପଚାରିବାରେ, ଆଜି ଛୁଟିଦିନ ଥିବାରୁ କୌଣସି ଅଭିଯୋଗ ଆସିନଥିବା କହିଛନ୍ତି। ସୋମବାର ଘଟଣାର ଅନୁଧ୍ୟାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ଘଟଣାକୁ ନେଇ ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇନାହିଁ।

## ରୋଟାରୀ କ୍ଲବର ୩୬ତମ ପ୍ରତିଷ୍ଠା ଦିବସ




ନୟାଗଡ଼,୮।୧୧(ସମିସ): ନୟାଗଡ଼ ରୋଟାରୀ କ୍ଲବ ୩୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ରୋଟାରୀ କ୍ଲବ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ବୃକ୍ଷରୋପଣ, ସମର୍ପଣ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଚାଲିବାରେ ସହାୟକ ବାଡ଼ି ବଣ୍ଟନ ସହିତ "ଥିଲେ ଦିଅ ନଥିଲେ ନିଅ' ଭଳି ଏକ ନିଆରା କାର୍ଯ୍ୟକ୍ରମ ଆରମ୍ଭ କରିଛି। ରୋଟାରୀ କ୍ଲବ ସଭାପତି ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରୋଟାରୀ ଓଡ଼ିଶାର ପ୍ରାନ୍ତପାଳ ମନୋଜ ତ୍ରିପାଠୀ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଇନରହୁଇଲ କ୍ଲବର ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ଓ ଉପପ୍ରାନ୍ତପାଳ ସନ୍ତୋଷ କୁମାର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ୟୁନିଟେକ ଡିଗ୍ରୀ କଲେଜର ଛାତ୍ରଙ୍କୁ ନେଇ ଏକ ନୂତନ ରୋଟ୍ରାକ୍ଟ କ୍ଲବ ଗଠନ କରାଯାଇଥିଲା। ରୋଟାରୀ କ୍ଲବ ପ୍ରତିଷ୍ଠାତା ସଦସ୍ୟ ସାୱରମଲ ଅଗ୍ରୱାଲ୍ ଓ ଗୋଦାବରୀଶ ସାହୁଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଦୀପେଶ୍ ରଞ୍ଜନ ସାହୁଙ୍କୁ ୨୦୨୪-୨୫ର ଶ୍ରେଷ୍ଠ ରୋଟାରିଆନ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର, ଭଞ୍ଜନଗର, ଢେଙ୍କାନାଳ, ନିମାପଡ଼ା ଆଦି ବିଭିନ୍ନ ରୋଟାରୀ କ୍ଲବ୍ ସଦସ୍ୟଙ୍କ ସହ ନୟାଗଡ଼ ରୋଟାରୀ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ପ୍ରଶନ୍ନ କୁମାର ବସନ୍ତିଆ ପରିଚାଳନା କରିଥିବାବେଳେ ସଂପାଦକ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବାଣପୁର,୮।୧୧(ସମିସ): ବାଣପୁର ଥାନା ଅନ୍ତର୍ଗତ ଓଡ଼ଗାଁ ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଣପୁର ବ୍ଲକ୍ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଓଡ଼ଗାଁ ଗ୍ରାମର ଭଜମନ ପରିଡ଼ା। ସୂଚନା ମୁତାବକ, ଓଡ଼ଗାଁର ଭଜମନ ଶନିବାର ପୂର୍ବାହ୍ଣ ୧୦ଟାରେ ଘରୁ ବାହାରି ଗାଁ ମଧ୍ୟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିବାବେଳେ ପୋଖରୀ ତୁଠରେ ଭଜମନଙ୍କର ବାଙ୍କୁଲି ବାଡ଼ି ଓ ଚପଲ ପଡ଼ିଥିବାର ଦେଖି ସନ୍ଦେହରେ ପରିବାର ଲୋକ, ଗ୍ରାମର କିଛି ଯୁବକଙ୍କ ସହାୟତାରେ ପୋଖରୀରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଭଜମନଙ୍କୁ ନ ପାଇବାରୁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ଭଜମନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାତୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଚାଷୀଙ୍କ ଉପରେ ସରକାରଙ୍କ ଚାବୁକ୍ ମାଡ଼

# ଲକ୍ଷାଧିକ ଲୋକଙ୍କ କଟିବ ରାସନକାର୍ଡ

ନୟାଗଡ଼,୮।୧୧(ସମିସ)

ରାଜ୍ୟ ସରକାର ରାସନ କାର୍ଡଧାରୀ ଚାଷୀଙ୍କ ଉପରେ ଚାବୁକ ମାଡ଼ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେଉଁ ଚାଷୀଙ୍କ ଅଢ଼େଇ ଏକର ଚାଷ ଜମି ରହିଛି କିମ୍ବା ୩୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି କରୁଛନ୍ତି ସେମାନଙ୍କ ରାସନକାର୍ଡ କାଟିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ଏମ୍‌ଆଇଙ୍କ ପାଖକୁ ଲମ୍ବା ତାଲିକା ଆସିଛି। ଏହି ତାଲିକାକୁ ଅନୁଧ୍ୟାନ କରି ରାସନକାର୍ଡରୁ ବାଦ ଦେବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ରହିଛି। ଧାନ ବିକ୍ରି ଓ ଚାଷ ଜମିକୁ ବାଦ ଦେଲେ ଆହୁରି ଅନେକ ମାନଦଣ୍ଡ ରଖାଯାଇଛି। ଯାହାକୁ ନେଇ ଚାଷୀ ମହଲରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲା ଯୋଗାଣ ବିଭାଗ ଏନେଇ କୌଣସି ତଥ୍ୟ ପ୍ରଦାନ କରୁନଥିବା ବେଳେ ନୟାଗଡ଼ ବ୍ଲକର ୧୫ ହଜାର ୭୨୪ ଚାଷୀଙ୍କ ନାମ ଏହି ତାଲିକାରେ ରହିଛି। ଏହା ସହିତ ଓଡ଼ଗାଁ ବ୍ଲକର ୧୮ ହଜାରରୁ ଊର୍ଦ୍ଧ୍ୱ, ଗଣିଆ ବ୍ଲକର ୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ ତାଲିକାଭୁକ୍ତ ହୋଇଥିବା ସୂଚନା ମିଳିଛି। ଖଣ୍ଡପଡ଼ା ବ୍ଲକର ୧୨ ହଜାର ୨୮୫ ଜଣ ଚାଷୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକରୁ ଲକ୍ଷାଧିକ ଚାଷୀଙ୍କ ନାମ ରାସନ କାର୍ଡରୁ ବାଦ ଦେବାକୁ ଚିଠା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ପିଏମ୍ କିଷାନ ପାଉଥିବା ଚାଷୀ ମଧ୍ୟ ବାଦ ପ?ବେ ବୋଲି ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ଚାଷୀଙ୍କ ପାଇଁ ଧାନଚାଷ ଏକମାତ୍ର ବିକଳ୍ପ ହୋଇଥିବା ବେଳେ ସରକାର ଏହାକୁ ନେଇ ଚାଷୀଙ୍କ ଭାତ ଥାଳିରେ ଗୋଇଠା ମାରିବା ନୀତି ଆପଣାଇବା ବଡ଼ ବିଷମ ସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ଲକ୍ଷାଧିକ ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନାମରେ ଚାଷ ଜମିରେ ରହିଛି। ଚାଷ କରି ବର୍ଷକ ପାଇଁ ଖାଦ୍ୟ ମହଜୁଦ ରଖିବା ସହ ବଳକା ଶସ୍ୟକୁ ସେମାନେ ମଣ୍ଡିରେ ବିକ୍ରି କରିଥାନ୍ତି। ମଣ୍ଡିରେ ଧାନ ବିକୁଥିବା ଚାଷୀଙ୍କୁ ଟାର୍ଗେଟ କରିବା ସରକାରଙ୍କ ବ୍ୟବସ୍ଥା ପ୍ରତି ସାଧାରଣରେ ପ୍ରଶ୍ନ ଉଠିଛି। ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ତାଲିକା ଅନୁସାରେ, ୬ ମାସରୁ ଊର୍ଦ୍ଧ୍ୱ ସମୟ ଚାଉଳ ଉଠାଇ ନଥିବା ହିତାଧିକାରୀଙ୍କୁ ମଧ୍ୟ ରାସନ କାର୍ଡରୁ ବାଦ ଦେବାକୁ ତାଲିକା ଅନ୍ତର୍ଭୁକ୍ତ କରାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ପୂର୍ବ ସରକାର ଲୋକଙ୍କ ଆସ୍ଥା ଭାଜନ ହୋଇଥିବା ବେଳେ ଚାଷୀଙ୍କ ରାସନ କାର୍ଡ କାଟିବା ପାଇଁ ପ୍ରସ୍ତୁତି କରିଥିବା ସରକାରଙ୍କୁ ଚାଷୀ ଉଚିତ୍ ଜବାବ ଦେବେ ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ଜିଲ୍ଲାରେ ପ୍ରତ୍ୟେକ ବର୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ପଞ୍ଜୀକରଣ କରି ଧାନ ବିକ୍ରି କରୁଛନ୍ତି। କିଛି ଚାଷୀଙ୍କୁ ବାଦ ଦେଲେ ପ୍ରାୟ ଅଧିକାଂଶ ଚାଷୀ ୩୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱଧାନ ମଣ୍ଡିରେ ବିକ୍ରି କରୁଛନ୍ତି। ଏହି ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନାମ ଯୋଗାଣ ବିଭାଗ ପାଖରେ ରହିଥିବା ଚିଠାରେ ରହିଛି। ପ୍ରତ୍ୟେକ ବ୍ଲକ ଯୋଗାଣ ଅଧିକାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଏହାର ଅନୁଧ୍ୟାନ କରି ରାସନ କାର୍ଡ ହିତାଧିକାରୀଙ୍କ ନାଁକୁ ବାଦ ଦେବାକୁ ଯୋଜନା ଚାଲିଛି। ରାସନ ହିତାଧିକାରୀମାନେ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ମଧ୍ୟ ରହିଛନ୍ତି। ସେହି ଅନୁସାରେ, ରାସନ କାର୍ଡରୁ ନାଁ ବାଦ ପଡ଼ିଲେ ଆୟୁଷ୍ମାନ ଯୋଜନାରୁ ମଧ୍ୟ ନାଁ ବାଦ ପଡ଼ିବ ବୋଲି ଜଣାପଡ଼ିଛି।

### ଧାନ ବିକୁଥିବା ଚାଷୀ ଓ ପିଏମ୍ କିଷାନ ପାଉଥିଲେ କଟିବ କାର୍ଡ

### ଦଲାଲଙ୍କୁ ଧାନ ବିକିବେ ଚାଷୀ

ନୟାଗଡ: ରାଜ୍ୟ ସରକାରଙ୍କ ଏଭଳି ନିୟମ ଦ୍ୱାରା ଚାଷୀ ଆଉ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସାହାସ ଜୁଟାଇ ପାରିବେନାହିଁ। ଦଲାଲ ଜରିଆରେ ନିଜ ଧାନକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେବେ। ଚାଷୀ ପରିବାର ପାଇଁ ରାସନ କାର୍ଡ ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ସରକାର ଲଗାଇଥିବା ଅଙ୍କୁଷ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି ଉପରେ ରୋକ ଲଗାଇବାକୁ ଏକ ଷଡ଼ଯନ୍ତ୍ର ବୋଲି ଆଲୋଚନା ହେଉଛି। ରାଜ୍ୟ ସରକାର ଏମ୍‌ଏସପି ବୃଦ୍ଧି କରି ଚାଷୀଙ୍କୁ କଷ୍ଟ ଅର୍ଜିତ ଫସଲକୁ ଉଚିତ ମୁଲ୍ୟ ଦେଉଥିଲେ। ଏଭଳି ପ୍ରତିବନ୍ଧକ ଲଗାଇବା ଦ୍ୱାରା ଚାଷୀ ବାଧ ହୋଇ ବେସରକାରୀ ଭାବେ ଦଲାଲଙ୍କୁ ଧାନ ବିକ୍ରି କରିବେ ବୋଲି ଆଲୋଚନା ହେଉଛି।

## 'ମନରେଗା'ରେ କାର୍ଯ୍ୟକ୍ଷମ ହୋଇପାରୁନି କୂଅ ଖନନ



ନିରାକାରପୁର,୮।୧୧(ସମିସ): ଜଳ ସଙ୍କଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଗାମୀ ପିଢ଼ିଙ୍କ ପାଇଁ ଜଳ ସମ୍ପଦକୁ ଗଚ୍ଛିତ ରଖିବା ପାଇଁ ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତି। ଚାଷୀଟିଏ ନିଜ ଜମିରେ କୂଅ ଖୋଳିବା ପାଇଁ 'ମନରେଗା' ଯୋଜନାରେ ସୁବିଧା ଅଛି କିନ୍ତୁ ଟାଙ୍ଗୀ ବ୍ଲକ୍‌ରେ ଏହା ନୈରାଶ୍ୟଜନକ ହୋଇଛି। ଦୀର୍ଘ ୪ ବର୍ଷ ହେବ ଗୋଟିଏ ବି କୂଅ 'ମନରେଗା' ଯୋଜନାରେ ମଞ୍ଜୁର ହୋଇନାହିଁ ଯାହାକି ବ୍ଲକ୍ ପ୍ରଶାସନର ଆନ୍ତରିକତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେଉଁ ଚାଷୀ ନିଜ ଜମିରେ କୂଅ ଖୋଳିବା ପାଇଁ ଇଚ୍ଛୁକ ଗ୍ରାମରେ ୱାର୍ଡ ମେମ୍ବରଙ୍କ ଜରିଆରେ ଗ୍ରାମସଭା ମାଧ୍ୟମରେ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ସରପଞ୍ଚ ପରେ ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ମଞ୍ଜୁର କରାଯାଇଥାଏ। କିନ୍ତୁ ଟାଙ୍ଗୀ ବ୍ଲକ୍‌ରେ ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫, ୨୦୨୫-୨୬ରେ ଚଳିତ ମାସ ୫ ତାରିଖ ସୁଦ୍ଧା କୌଣସି ଗୋଟିଏ ବି କୂଅ ମଞ୍ଜୁର ହୋଇନାହିଁ। କିଛି ଚାଷୀ ଗ୍ରାମ ପଞ୍ଚାୟତରେ ସଚେତନ ଅଭାବରୁ ଲୋକେ କୂଅଟିଏ କିଭଳି ଖୋଳାଯିବ ଏବଂ ସରକାରଙ୍କ ପକ୍ଷରୁ ଏଥିପ୍ରତି କେତେ ଅର୍ଥ ମଞ୍ଜୁର ହୋଇପାରିବ ସେ ବିଷୟରେ କେହି ଚାଷୀ ଜାଣିପାରୁ ନାହାନ୍ତି ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୨-୨୩ରେ ୮ଟି, ୨୦୨୩-୨୪ରେ ୮ଟି, ୨୦୨୪-୨୫ରେ ୭ଟି, ୨୦୨୫-୨୬ରେ ଚଳିତ ମାସ ୫ ତାରିଖ ସୁଦ୍ଧା ୧ଟି କୂଅ ମଞ୍ଜୁର ହୋଇଛି। 'ମନରେଗା' ଯୋଜନାରେ କୂଅ ଖୋଳିବା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର ସୁବିଧା ଅଛି। ଯାହାଫଳରେ ଗୋଟିଏ ଗରିବ ଚାଷୀଟି ଗୋଟିଏ ଜବ୍‌କାର୍ଡ ଥିଲେ ଏହି ଯୋଜନାର ଫାଇଦା ଉଠେଇପାରିବ। ଜିଲ୍ଲାରେ କିଭଳି 'ମନରେଗା' ଯୋଜନାରେ ଅଧିକରୁ ଅଧିକ ଚାଷୀ ନୂତନ କୂଅ ଖନନ ବିଷୟରେ ଜାଣିପାରିବେ ଏବଂ ମଞ୍ଜୁର ହୋଇପାରିବ ଏଥିପ୍ରତି ଜିଲ୍ଲା ପ୍ରଶାସନର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଖରିଫ୍ ଧାନମଣ୍ଡି ପୂର୍ବରୁ ହେବ ଡିଏଲ୍‌ପିସି ବୈଠକ

# ମଣ୍ଡିରୁ ଧାନ ଉଠାଇବାକୁ ଚାଷୀଙ୍କ ଦାବି

ନିରାକାରପୁର,୮।୧୧(ସମିସ)

ସରକାରଙ୍କ ତରଫରୁ ଗତ ଖରିଫ୍ ଧାନ ଫସଲ ମଣ୍ଡିରେ ଚାଷୀ କିପରି ସୁବିଧାରେ ବିକ୍ରି କରି ପ୍ରୋତ୍ସାହନ ରାଶି ପାଇପାରିବେ ସେଥିପାଇଁ ବିଭିନ୍ନ ସେବା ସମିତିରେ ଧାନମଣ୍ଡି ଖୋଲାଯାଇଥିଲା। ପରେ କଟ୍‌ନୀ ଛଟ୍‌ନୀ ନେଇ ଛକାପଞ୍ଝା ଲାଗିବା ପରେ ମଣ୍ଡି ଚାଲିଥିଲା। କିନ୍ତୁ ବିଭିନ୍ନ ଜାଗାରେ ଚାଷୀ ଧାନମଣ୍ଡିରେ ଦେବା ପରିବର୍ତ୍ତେ ନିଜେ ଧାନ ନେଇ ମିଲର ନିକଟରେ ଧାନ ଦେବାକୁ ପଡ଼ିଥିଲା। ସେଠାରେ ଚାଷୀମାନେ ମିଲରମାନଙ୍କ ମନମାନୀର ଶିକାର ହୋଇ ବାଧ ହୋଇ କ୍ଷତି ହେଲେ ବି ଧାନ ଦେଇ ଆସୁଥିଲେ। ସେହିପରି ଟାଙ୍ଗୀ ବ୍ଲକ୍ ସାନରାଉତପଡ଼ା ଗ୍ରାମ ପଞ୍ଚାୟତର କୁସୁମୀ ଗ୍ରାମ ବୈକୁଣ୍ଠ ବଳିଆରସିଂହଙ୍କ କହିବ ଅନୁସାରେ, ଧାନମଣ୍ଡି ପରିବର୍ତ୍ତେ ମିଲର ନିକଟକୁ ନେଇଥିବାବେଳେ ଖରାପ ଧାନ କହି ମୋଟ୍ ୩୬ କ୍ୱିଣ୍ଟାଲରୁ ୬ କ୍ୱିଣ୍ଟାଲ କଟ୍‌ନୀ ଛଟ୍‌ନୀ କରିଥିଲେ, ଯାହାକି ଅତି କଷ୍ଟଦାୟକ ହୋଇଥିଲା। ଏ ବିଷୟରେ ଅଭିଯୋଗ କରିଲେ ବି କେହି ସେ କଥାକୁ ଏତେ ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ଚଳିତ ବର୍ଷ ମଣ୍ଡିରୁ ମିଲର ଧାନ ଉଠାଇବାକୁ ଦାବି କରିଛନ୍ତି। ଧାନମଣ୍ଡି ହେବା ପୂର୍ବରୁ ଯୋଗାଣ ବିଭାଗ, ସମବାୟ ବିଭାଗ, ଜିଲ୍ଲାପାଳ, ମିଲର୍, ବ୍ଲକ୍ ଉନ୍ନୟନ ଅଧିକାରୀ, ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ଏକ ସଭା କିଛି ବର୍ଷ ହେବ ହେଉ ନ ଥିବାରୁ ଧାନମଣ୍ଡିରେ ବିଭିନ୍ନ ସମସ୍ୟା ଉପୁଜୁଥିବାର ଦେଖାଯାଉଛି। ଯେପରିକି ଟାଙ୍ଗୀ ବ୍ଲକ୍‌ରେ କମ୍ ସଂଖ୍ୟକ ମିଲର ଥିବାରୁ ଜଣେ ଜଣେ ମିଲରଙ୍କୁ ୨୦ରୁ ଅଧିକ ସମିତିରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଥିବାରୁ ସେମାନେ ମନମାନୀ କରିବାର ଅଭିଯୋଗ ହେଉଛି। ଟାର୍ଗେଟ୍ ଦେବାରେ ବିଳମ୍ବ, ଯୋଗାଣ ବିଭାଗର ମିଲ୍ ପଏଣ୍ଟକୁ ଯାଇ ଷ୍ଟକ୍, ମିଲର ଟାର୍ଗେଟ ମୁତାବକ ଧାନ ଉଠାଇ ପାରୁଛନ୍ତି କି ନାହିଁ, ଆବଶ୍ୟକ ସ୍ଥଳେ ମିଲର୍ ବଦଳାଇବା, ଟୋକନ୍ ଅବଧି ସରିବା ପୂର୍ବରୁ ଧାନ ଉଠେଇବା ଇତ୍ୟାଦି ଖବର ସମସ୍ତ ବିଭାଗୀୟ ଅଧିକାରୀ ଅବଗତ ହୋଇପାରୁ ନ ଥିଲେ। ଏଭଳି ସବୁ ଜିଲ୍ଲାର ମଣ୍ଡି ପରିଚାଳନାଗତ ତ୍ରୁଟି ଦେଖି ଚଳିତ ବର୍ଷ ଖାଦ୍ୟ ଖାଉଟି କଲ୍ୟାଣ ବିଭାଗ ସୁଦାମ ଚରଣ ମଣ୍ଡଳ ଅତିରିକ୍ତ ସଚିବ ଚଳିତ ମାସ ୧୫ ତାରିଖ ସୁଦ୍ଧା ସମସ୍ତ ଜିଲ୍ଲାରେ ଜିଲ୍ଲାପାଳ ଡିଏଲ୍‌ପିସି ବୈଠକ ସାରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ତରଫରୁ ମାଷ୍ଟର ଟ୍ରେନରଙ୍କ ଜରିଆରେ ସମିତି କର୍ମଚାରୀମାନଙ୍କୁ ଟ୍ରେନିଂ ଦିଆଯିବ। ଚୂଡ଼ାନ୍ତ ଯୋଗ୍ୟ ତାଲିକା ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ସମୂହଙ୍କ ଜରିଆରେ ପ୍ରସ୍ତୁତ କରାଯିବ। ଜିଲ୍ଲାର ନୋଡାଲ ଅଫିସର୍ ଭାବରେ ପ୍ରତି ସମିତିରେ ଆବଶ୍ୟକ ସ୍ଥଳେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହାୟତାରେ ଚାଷୀ କମିଟି ପ୍ରସ୍ତୁତ କରିବ। ରାଜସ୍ୱ ବିଭାଗ, ସମବାୟ ବିଭାଗ, ପୁଲିସ, ଟ୍ରାନ୍ସପୋର୍ଟ, ଯୋଗାଣ ବିଭାଗର ଜିଲ୍ଲା ଅଧିକାରୀମାନଙ୍କୁ ନେଇ ଏକ ଡିଏଲ୍‌ପିସି ବୈଠକ କରିଯିବ ଯେଉଁଭଳି ସଠିକ୍ ଭାବରେ ମଣ୍ଡି ପରିଚାଳନା ହୋଇପାରିବ ଏବଂ ସମସ୍ତ ଚାଷୀଙ୍କର ଧାନ ଉଠିପାରିବ। ତା' ପୂର୍ବରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଦ୍ୱାରା ପ୍ରତିଟି ମିଲର ଷ୍ଟକ୍, ଯନ୍ତ୍ରପାତି, ବିଦ୍ୟୁତ୍ ମିଟରର ଅବସ୍ଥା ଦେଖି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷ ଧାନମଣ୍ଡି ସମୟରେ ନିମ୍ନମାନର ଧାନ କହି ଅଧିକ କଟ୍‌ନୀ ଛଟ୍‌ନୀ କରିଥିବାର ଅନେକ ଅଭିଯୋଗ ଆସିଥିଲା। ଟାଙ୍ଗୀ ବ୍ଲକ୍‌ର ସମ୍ପୂର୍ଣ୍ଣ ୧୪ଟି ସମିତି ମଧ୍ୟରୁ ୧୨ଟି ସମିତିରୁ ଜନୈକ ରାଇସ୍ ମିଲରକୁ ଧାନ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସପ୍ତାହକୁ ଯେଉଁ ସମିତିରୁ ୨ ଦିନ ଉଠେଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ କିଛି ସମିତି ଗୋଟିଏ ଦିନ ଧାନ ଉଠେଇଥିଲେ। ଯାହାଫଳରେ ଲୋକେ ବାଧ ହୋଇ ମିଲ୍ ପଏଣ୍ଟରେ ଧାନ ଦେଇ ଅଧିକ କଟ୍‌ନୀର ଶିକାର ହୋଇଥିଲେ। ଧାନମଣ୍ଡି ପୂର୍ବରୁ ଧାନ ରଖିବା ପାଇଁ ବସ୍ତା ଦେବା କଥା କିନ୍ତୁ ମିଲରମାନେ ଧାନ ବସ୍ତା ଦେଉନାହାନ୍ତି। ଯାହାଫଳରେ ଲୋକେ ଅଧିକ ପଇସା ଦେଇ ବାହାରୁ କିଣୁଛନ୍ତି ବୋଲି ମତପ୍ରକାଶ କରିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଭୂଷଣ୍ଡପୁର,୮।୧୧(ସମିସ): ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଗୋଲବାଇ ଗ୍ରାମ ପଞ୍ଚାୟତର ସମିତିସଭ୍ୟ ଗୌତମ ପ୍ରଧାନଙ୍କ ମାଆ ସୁରମା ପ୍ରଧାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଗୌତମ ଓ ବୋହୂ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ, ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ପଞ୍ଚାୟତର ଲୋକ ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁଅ ଗୌତମ ମୁଖାଗ୍ନି ଦେଇଥିଲେ।

## ଜଟଣୀ ପ୍ରେସ୍ କ୍ଲବ୍‌ର ନୂତନ କମିଟି ଗଠିତ



ଜଟଣୀ,୮।୧୧(ସମିସ): ଜଟଣୀ ପ୍ରେସ୍ କ୍ଲବ୍ ପକ୍ଷରୁ ନୂତନ କମିଟି ଗଠନ ସହିତ ଜାତୀୟ ପ୍ରେସ୍ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ କ୍ଲବ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ସାମ୍ବାଦିକ ରବୀନ୍ଦ୍ର ନାଥ ମହାକୁଡ଼, ସମ୍ପାଦକ ସୁରେଶ ମହାରଣା, କୋଷାଧ୍ୟକ୍ଷ ଗୌତମ ମହାରଣା ଓ କାର୍ଯ୍ୟକାରୀ ସଂଗଠକ ଭାବରେ ଶୁଭେନ୍ଦ୍ର ଶତପଥୀଙ୍କୁ ଚୟନ କରାଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ପ୍ରେସ୍ କ୍ଲବ୍‌ର ଉନ୍ନତି ଦିଗରେ କାମ କରିବାକୁ ସଂକଳ୍ପ କରାଯାଇଥିଲା। ସେହିପରି ଆସନ୍ତା ୧୬ ତାରିଖରେ ଜାତୀୟ ପ୍ରେସ୍ ଦିବସ କିପରି ଜାକଜମକରେ ପାଳିତ ହେବ ସେନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅମରେଶ ରାଉତରାୟ, ରବୀନ୍ଦ୍ର ନାଥ ମହାକୁଡ଼, ସୁରେଶ ମହାରଣା, ଗୌତମ ମହାରଣା, ସୁବ୍ରତ ନାୟକ, ଯଯାତି କେଶରୀ ପ୍ରଧାନ, ମହମ୍ମଦ ଅତିକ୍, ସୁଭେନ୍ଦ୍ର ଶତପଥୀ, ହରିହର ସ୍ୱାଇଁ, ସଞ୍ଜୀବ କୁମାର, ମହମ୍ମଦ ଇଶ୍ମାଇଲ୍ ଅଲ୍ଲୀ, ହୃଦାନନ୍ଦ କୋଦମାସିଂହଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ସର୍ବପୁରାତନ ଚିଲିକା କ୍ଲବ୍ ପୁନରୁଦ୍ଧାର ପାଇଁ ଦାବି

ଟାଙ୍ଗୀ,୮।୧୧(ସମିସ): ଟାଙ୍ଗୀ ଚିଲିକା ଷ୍ଟାଡିୟମ୍ ନିକଟରେ ଥିବା ସର୍ବପୁରାତନ ଚିଲିକା କ୍ଲବ୍‌ର ଛାତ ଘରଟି ଭାଙ୍ଗିରୁଜି ଯାଇଥିବାରୁ ଏହାର ପୁନରୁଦ୍ଧାର ପାଇଁ ଦାବି କରାଯାଇଛି। ଏଥିପ୍ରତି ଭୁବନେଶ୍ୱର ସାଂସଦ ଓ ଖୋର୍ଦ୍ଧା ବିଧାୟକ ନିଜସ୍ୱ ପାଣ୍ଠି ଅନୁଦାନ ସହ ସହଯୋଗର ହାତ ବଢ଼ାଇବା ପାଇଁ ଶନିବାର କ୍ଲବ୍‌ରେ ଅନୁଷ୍ଠିତ ଏକ ବୈଠକରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏହି କ୍ଲବ୍ ପରିସରରେ ଏ ଅଞ୍ଚଳର ବିଭିନ୍ନ ସାମାଜିକ, ସାଂସ୍କୃତିକ, ସର୍ବଦଳୀୟ ବୈଠକ ସହ ଏ ଅଞ୍ଚଳରେ ବିଭିନ୍ନ ବିବାହ, ବ୍ରତ କାର୍ଯ୍ୟକ୍ରମ ବର୍ଷସାରା ଅନୁଷ୍ଠିତ ହୋଇଥାଏ। ୧୯୮୩ ମସିହାରେ ଏହି କ୍ଲବ୍ ବିଲ୍ଡିଂ ପ୍ରତିଷ୍ଠାଲାଭ କରିଥିଲା। ତେବେ ଆର୍ଥିକ ସଂକଟ ଯୋଗୁଁ ଏହାର ଛାତ ସଙ୍କଟାପନ୍ନ ଅବସ୍ଥାରେ ଥିବାବେଳେ କବାଟ, ଝରକା ଭାଙ୍ଗିରୁଜି ଗଲାଣି। ଶନିବାର କ୍ଲବ୍ ସଭାପତି ତଥା ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହମିଦ ମିରା, ଉପଦେଷ୍ଟା ହିମାଂଶୁ ଭୂଷଣ ରଥ, ପ୍ରଦୀପ ମହାପାତ୍ର, ସନାତନ ଚମ୍ପତି, ବ୍ରଜବନ୍ଧୁ ଦାସ, ମୁରଲୀଧର ମହାନ୍ତି ପ୍ରମୁଖ ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଜରୁରୀ ମରାମତି ପାଇଁ ସଭ୍ୟମାନଙ୍କଠାରୁ ପାଣ୍ଠି ସଂଗ୍ରହ କରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ନିଜସ୍ୱ ସରକାରୀ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଏହାକୁ ପୁନରୁଦ୍ଧାର କରିବାକୁ ଅନୁରୋଧ କରାଯାଇଛି।

## ଦେଶୀ ମଦ ଓ ବାଇକ୍ ଜବତ, ୪ ଗିରଫ

ବାଲୁଗାଁ,୮।୧୧(ସମିସ): ସମଗ୍ର ବାଣପୁର, ବାଲୁଗାଁ ତଥା ଚିଲିକା ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣର ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଲଗାତାର ବାଣପୁର ଥାନା ଅଞ୍ଚଳରେ ଚଢ଼ଉ କରିଥିଲେ। ଏଥିରେ ୯୦ ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରି ସମ୍ପୃକ୍ତ ୪ ଜଣ ମଦ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ବେରିଗାଁରେ ଅବକାରୀ ଟିମ୍ ଚଢ଼ଉ କରି ଶିଶିର ରଣସିଂହଙ୍କୁ ଗିରଫ କରି



ତାଙ୍କ ନିକଟରୁ ୩୦ଲିଟରର ଦେଶୀ ମଦ ସହ ଏକ ବାଇକ୍ ଜବତ କରିଥିବାବେଳେ ଡୁମୁରାପୁଟ ଗ୍ରାମରେ ଚଢ଼ଉ କରି ନାରାୟଣ ସେଠୀଙ୍କୁ ଗିରଫ କରିବା ସହ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରିଥିଲେ। ସେହିପରି ଅନୁରୂପ ଭାବେ ଶନିବାର ସକାଳେ ଅବକାରୀ ଟିମ୍ ଡୁମୁରାପୁଟ ଗ୍ରାମରେ ଚଢ଼ଉ କରି ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା କାର୍ତ୍ତିକ ସେଠୀଙ୍କୁ ଗିରଫ କରି ତାଙ୍କଠାରୁ ୩୦ଲିଟର ଦେଶୀ ମହୁଲି ମଦ ଜବତ କରିଥିବାବେଳେ ଗଦାଧରପୁର ଗ୍ରାମରେ ଚଢ଼ଉ କରି ମୁନା ଦାଶଙ୍କୁ ଗିରଫ କରିବା ସହ ୨୦ଲିଟର ଦେଶୀ ମଦ ଜବତ କରିବାରେ ସଫଳ ହୋଇଛି ବିଭାଗ। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଗିରଫ ସମସ୍ତ ୪ ଜଣଙ୍କ ବିରୋଧରେ ୧୯୦, ୧୯୧, ୧୯୪ ଓ ୧୯୫/୨୫ରେ ଚାରୋଟି ପୃଥକ୍ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅବକାରୀ ବିଭାଗର ଏଏସ୍‌ଆଇ ମୀନକେତନ ମାହାଲିକ, କନେଷ୍ଟବଳ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ, କାଲୁ ପ୍ରଧାନ, ସୁନିତା ମହାରଣା ପ୍ରମୁଖ ସାମିଲ୍ ଥିଲେ।

## ରାମ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



ନିରାକାରପୁର,୮।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ରମାବିଲ ଗ୍ରାମର କାର୍ତ୍ତିକେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ରାମନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ୩ଟି ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଭାଗନେଇଥିଲେ। ଓଁ ଶ୍ରୀଶ୍ରୀ ବାବା ଅମୃତନିଧି ବାଳିକା ରାମନାଟ୍ୟ ସଂସଦ କଳାପଥରର କଳାକାରମାନେ ବାଳିବଧ ନାଟକ ମଞ୍ଚସ୍ଥ କରିଥିବାବେଳେ ମା' ତାରିଣୀ ରାମନାଟ୍ୟ ସଂସଦ ଟିକାତାଲ ଇନ୍ଦ୍ରଜିତ ବଧ, ଓଁ ଶ୍ରୀରଘୁନାଥ ନାଟ୍ୟ ସଂସଦ ପୋଢ଼ାକେରାର କଳାକାର ମହିରାବଣ ବଧ ନାଟକ ମଞ୍ଚସ୍ଥ କରିଥିଲେ। ଏଥିରେ ମା' ତାରିଣୀ ରାମନାଟ୍ୟ ସଂସଦ ଟିକାତାଲ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଁ ଶ୍ରୀରଘୁନାଥ ନାଟ୍ୟ ସଂସଦ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନାଟ୍ୟ ସଂସଦର ମୁଖ୍ୟ ପରିଚାଳକ ରବିନ୍ଦ୍ର ସୁନ୍ଦରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ୱାର୍ଡ ସଭ୍ୟ ଶ୍ରୀନିବାସ ସାମନ୍ତରାୟ, ବିଶ୍ୱମ୍ବର ବେହେରା, ରମେଶ ସୁନ୍ଦରାୟ, ସମାଜସେବୀ କୃଷ୍ଣ ସାମନ୍ତରାୟ, ଉମେଶ ସୁନ୍ଦରାୟ, ରମେଶ ମାର୍ଥା ପ୍ରମୁଖ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ମୁଖ୍ୟ ବିଚାରକ ଭାବେ ରଙ୍ଗନାଥ ଶ୍ରୀଚନ୍ଦନ, ସନ୍ତୋଷ ରଣସିଂହ, ସଂସାରୀ ବୈରୀଗଞ୍ଜନ ଯୋଗଦେଇଥିଲେ। କମଳେଶ ମହାରଣା ମଞ୍ଚ ପରିଚାଳନା ଓ ଭରତ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସୋମନାଥ ବେହେରା, ଗୋପିନାଥ ସାମନ୍ତରାୟ, ସନାତନ ସୁନ୍ଦରାୟ, ଦିବାକର ବେହେରା, ସତ୍ୟବାନ ସୁନ୍ଦରାୟ, ଦିଲ୍ଲୀପ କହଳସିଂହ, ଅଶୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଗୋଡ଼ାରେ ହାତୀ ନଷ୍ଟ କରୁଛି ଧାନ ଫସଲ

ବେଗୁନିଆ,୮।୧୧(ସମିସ): ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ଅମଳ ଧାନ ଫସଲ ଜମିରେ ଶୁକ୍ରବାର ଅପରାହ୍ଣରେ ଏକ ବଣୁଆ ହାତୀ ବିଚରଣ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚାଷୀ ବର୍ଷ ସାରା ଅକ୍ଳାନ୍ତ ପରିଶ୍ରମ କରି ଜମିରେ ଧାନ ଫସଲର ଅମଳ ସମୟ ଉପନୀତ ହୋଇଥିବାବେଳେ ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେଉଛନ୍ତି। ଯାହା ଫଳରେ ଅମଳ ଧାନ ଫସଲ ନଷ୍ଟ କରିବାର ଯଥେଷ୍ଟ



ସମ୍ଭାବନା ରହିଛି। ହାତୀ ଜମିରେ ପଶି ଫସଲ ନଷ୍ଟ କରୁଥିବାରୁ ବିଚରା ଚାଷୀ ଚିନ୍ତିତ ହୋଇପଡ଼ିଛି। ତୁରନ୍ତ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେଇ ହାତୀ ଘଉଡ଼ାଇ ଫସଲକୁ ରକ୍ଷା କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ନଗର ପରିକ୍ରମା ଓ ଗ୍ରନ୍ଥ ଲୋକାର୍ପିତ



ଖୋର୍ଦ୍ଧା,୮।୧୧(ସମିସ): ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ପକ୍ଷରୁ ଭକ୍ତି ଦୟିତ୍ ବୋଧାୟନ୍ ମହାରାଜଙ୍କ ସଂଯୋଜନାରେ ଖୋର୍ଦ୍ଧାରେ ନଗର ପରିକ୍ରମା ଏବଂ ଗ୍ରନ୍ଥ ଲୋକାର୍ପଣ କରାଯାଇଛି। ପ୍ରାରମ୍ଭରେ ନଗର ପରିକ୍ରମାର ଶୁଭାରମ୍ଭ ଅନନ୍ତ ହରି ଦାସଙ୍କ ନେତୃତ୍ୱରେ ହୋଇଥିବାବେଳେ ଶ୍ରୀ ଚୈତନ୍ୟ ବିହାରରୁ ବାହାରି ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥଙ୍କ ଲୀଳା କ୍ଷେତ୍ର, ଜିଲ୍ଲାପାଳ ଛକ, ନୂଆ ବସ୍‌ଷ୍ଟାଣ୍ଡର ବିଭିନ୍ନ ମଠ ମନ୍ଦିର ପରିକ୍ରମା କରିଥିଲେ।

ନଗର ପରିକ୍ରମା ପରେ ୩ଟି ଚୈତନ୍ୟ ଚାଳିଶା ଆସୋସିଏସନ୍ ପକ୍ଷରୁ ପ୍ରକାଶ କରାଯାଇ ଲୋକାର୍ପିତ ହେବା ସହ ଭକ୍ତମାନଙ୍କ ଦ୍ୱାରା ସାମୂହିକ ପାରାୟଣ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜନାକୀ ବଲ୍ଲଭ ପଟ୍ଟନାୟକ, ଜଗଦୀଶ ପଟ୍ଟନାୟକ, ଜୟ ନାରାୟଣ ପଟ୍ଟନାୟକ, ଯୁଧିଷ୍ଠିର ଛୁଆଳସିଂହ, କାଦମ୍ବିନୀ ସାମନ୍ତରାୟ, ସୁସଙ୍ଗୀତା ପଟ୍ଟନାୟକ, ବନ୍ଦିତାରାଣୀ ପଟ୍ଟନାୟକ, ପ୍ରବଚକ ହାଲୁ ପ୍ରଧାନ, ଅଶୋକ ରଣା, ବ୍ରଜ ବାବା ପ୍ରମୁଖ ଯୋଗଦେଇଥିଲେ। ସାଗର ମହାରାଜଙ୍କ କୀର୍ତ୍ତନମଣ୍ଡଳୀ, ରାଧାବଲ୍ଲଭ କୀର୍ତ୍ତନମଣ୍ଡଳୀ, କୁଞ୍ଜବିହାରୀ କୀର୍ତ୍ତନମଣ୍ଡଳୀ ପ୍ରଭୃତି ଶତାଧିକ ଭକ୍ତ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

## କ୍ଷେତ୍ରୀୟ ବିଜ୍ଞାନ କଂଗ୍ରେସ ସମାରୋହ ଉଦ୍‌ଯାପିତ

ଖୋର୍ଦ୍ଧା,୮।୧୧(ସମିସ): ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ୫ଦିନ ଧରି ଚାଲିଥିବା ୨୧ତମ କ୍ଷେତ୍ରୀୟ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ଏବଂ ଓଡ଼ିଶାର ୬ଟି କ୍ଲଷ୍ଟରରୁ ୫୯ଜଣ ବଛାବଛା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଡେପୁଟି ଡାଇରେକ୍ଟର (ବାଇ ଟେକ୍ନୋଲୋଜି) ଶଶିକାନ୍ତ ଦାସ, ମୁଖ୍ୟବକ୍ତା ଭାବରେ ଡି.ସି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (ରିଜିଓନାଲ ଅଫିସ ଭୁବନେଶ୍ୱର) ଡ. ଶିହରଣ ବୋଷ, ସମ୍ମାନିତ ଅତିଥି ଭାବରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଶ୍ୟାମପ୍ରସାଦ ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସଙ୍ଗୀତ କ୍ଲବ୍‌ର ଛାତ୍ରୀମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସ୍ଥାନୀୟ ବିଦ୍ୟାଳୟର ଅଧ୍ୟକ୍ଷା କବିତା କର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀ ଓ ଅଧ୍ୟାପକ ପ୍ରତିନିଧି ଭାବରେ ଜବାହର ନବୋଦୟ ବିଦ୍ୟାଳୟ ଦୁର୍ଗର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦେଶମୁଖ ସାର ଓ ଛାତିଶଗଡ଼ ଯଶପୁର ଜବାହର ନବୋଦୟ ବିଦ୍ୟାଳୟର ସୁମନ ଏହି ୫ ଦିନର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ସେହିପରି ଅଧ୍ୟାପକମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ତପନ ଚୋଟୋପାଧ୍ୟାୟ ବିଜ୍ଞାନ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ସୁମନ ଅନୱର ମଞ୍ଚ ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ନୃସିଂହ ଚରଣ ଚକ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# 'ଉନ୍ନତ ଚିନ୍ତାଧାରା ଓ କଠିନ ପରିଶ୍ରମ ଦ୍ୱାରା ସଫଳତା ସୁନିଶ୍ଚିତ'

ଖୋର୍ଦ୍ଧା,୮।୧୧(ସମିସ)

ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ଆତ୍ମଜୀବନୀ ସର୍ବସମ୍ମୁଖରେ ଉପସ୍ଥାପନ କରି ନିଜର ଶିଶୁ ସମୟର ସଂଘର୍ଷକୁ ସମସ୍ତଙ୍କ ସମ୍ମୁଖରେ ପ୍ରଦାନ କରିଥିଲେ। ଉତ୍କୃଷ୍ଟ ଚିନ୍ତାଧାରା ଓ ନିଜ ପରିଶ୍ରମ ମାଧ୍ୟମରେ ସଫଳତାକୁ ସ୍ପର୍ଶ କରିବା ସହିତ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ପାଇଁ ଜୀବନର ଲକ୍ଷ୍ୟ ପଥରେ ଅନୁପ୍ରେରିତ ହେବା ଉଚିତ୍। ମୁଖ୍ୟବକ୍ତାଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଆଦର୍ଶ ବିଦ୍ୟାଳୟ ଗଠନ ଉପରେ ଗୁରୁତ୍ୱ ଦେବା ସହିତ ଗୁରୁଜୀ,




ଗୁରୁମା'ମାନଙ୍କର ଅବଦାନ ଓ କର୍ତ୍ତବ୍ୟନିଷ୍ଠ ଏକାନ୍ତ ଜରୁରୀ ହେବା ଉଚିତ୍। ପିଲାଙ୍କ ପ୍ରତି ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱ ରହିଲେ ଗୋଟିଏ ଭଲ ଶିଶୁ ଉତ୍ପନ୍ନ ହୋଇ ସମାଜରେ ପ୍ରତିଷ୍ଠିତ ହୋଇପାରିବ ବୋଲି କହିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଉପସଭାପତି ଗୋପିନାଥ ମହାରଣା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ କୁମାର ବେଉରା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ଡ. ପ୍ରଜ୍ଞା ପରମିତା ଜେନା, ବିଜୟ କୁମାର ବେହେରା, ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି, ବିଶିଷ୍ଟ ଅତିଥି ଭାବେ କଣ୍ଠଶିଳ୍ପୀ ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତିର ସଂଯୋଜିକା ସୁନିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡା, ଗୀତାଞ୍ଜଳି ସାହୁ ଓ ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ୧୦ଟି ବ୍ଲକ୍ ଏବଂ ଭୁବନେଶ୍ୱର ମହାନଗର ନିଗମର ୩୭ଜଣ ଲେଖାଏ ମୋଟ ୪୦୭ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ଅତିଥି ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ହାସ୍ୟ ଅଭିନୟ କରି ପିଲାମାନଙ୍କୁ ହସାଇବା ସହିତ ଆନନ୍ଦମୟ ପରିବେଶ ସୃଷ୍ଟି କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକ୍‌ର ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଜେବି ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଖୋର୍ଦ୍ଧା ବ୍ଲକ୍‌ର ଅତିରିକ୍ତ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସନ୍ଧ୍ୟାବତୀ ଲେଙ୍କା, ଶିକ୍ଷକ ଯୁଧିଷ୍ଠିର ସାହୁ, ରବି ନାରାୟଣ ପଣ୍ଡା, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ଖୋର୍ଦ୍ଧା ବ୍ଲକ୍‌ର ସମସ୍ତ ସିଆର୍‌ସି ପ୍ରମୁଖ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୦୦ • ପାଉଣ୍ଡ ୧୧୫.୮
- ୟୁରୋ ୧୦୧.୫୯ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୧,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୨୧୬.୦୦
- ନିଫ୍ଟି ୨୫,୪୯୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ନୂଆ ନିୟମ

# ମତ୍ସ୍ୟଜୀବୀଙ୍କୁ ମିଳିବ କ୍ୟୁଆର୍ କୋଡ୍ ବିଶିଷ୍ଟ ଆଧାର

ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ସାମୁଦ୍ରିକ ସମ୍ବଳର ଉତ୍ତମ ବ୍ୟବହାର ଏବଂ ମତ୍ସ୍ୟଜୀବୀଙ୍କୁ ସହାୟତା ଲାଗି କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଦେଶର ସ୍ୱତନ୍ତ୍ର ଆର୍ଥିକ ଜୋନ୍ (ଇଇଜେଡ୍) ରେ ଆସୁଥିବା ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ନୂଆ ନିୟମ ଜାରି କରାଯାଇଛି। ଏବେ ମତ୍ସ୍ୟଜୀବୀଙ୍କୁ କ୍ୟୁଆର କୋଡ ଥିବା ଆଧାର କାର୍ଡ କିମ୍ବା ଫିସର ଆଇଡି ପ୍ରଦାନ କରାଯିବ। ଏହା ଦ୍ୱାରା ସୁରକ୍ଷା ଏଜେନ୍ସିକୁ ପର୍ଯ୍ୟବେକ୍ଷଣ କରିବାରେ ମଧ୍ୟ ସହାୟତା ମିଳିବ। ମତ୍ସ୍ୟଜୀବୀ, ସମବାୟ ସମିତି ଏବଂ କ୍ଷୁଦ୍ର ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଏହି ନୂଆ ନିୟମ ଆଣିଛନ୍ତି। ଭାରତୀୟ ଜଳସୀମାରୁ ମାଛ ଧରିବା ପାଇଁ ବିଦେଶୀ ଜାହାଜଗୁଡ଼ିକୁ ରୋକିବା ମଧ୍ୟ ଏହାର ଉଦ୍ଦେଶ୍ୟ। ଏବେ କୌଣସି



ବିଦେଶୀ ଜାହାଜ ଭାରତୀୟ ସାମୁଦ୍ରିକ ସୀମାରେ ମାଛ ମାରିପାରିବ ନାହିଁ। ଏହି ପଦକ୍ଷେପ ଦ୍ୱାରା କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସୁରକ୍ଷା ହେବ। ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ମତ୍ସ୍ୟଜୀବୀ ସମବାୟ ସମିତି ଏବଂ ମାଛ ଚାଷୀ ଉତ୍ପାଦକ ସଂଗଠନ (ଏଫଏଫପିଓଏସ)କୁ ପ୍ରାଧାନ୍ୟ ଦିଆଯିବ। ଏହି ସଂଗଠନ ଉନ୍ନତ ଜ୍ଞାନକୌଶଳ ଥିବା ଡଙ୍ଗା ବ୍ୟବହାର କରିପାରିବ।

ସରକାର 'ମଦର-ଚାଇଲ୍ଡ ଭେସଲ'ର ନିୟମ ଆଣିଛନ୍ତି। ଏହା ମାଧ୍ୟମରେ ସମୁଦ୍ରରେ ମାଛ ଦେବାନେବା ହୋଇପାରିବ। ଏହା ଆଣ୍ଡାମାନ-ନିକୋବର ଏବଂ ଲାକ୍ଷାଦ୍ୱୀପ ଭଳି ଦ୍ୱୀପ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଏହି କ୍ଷେତ୍ର ଭାରତର ଇଇଜେଡ୍‌ର ୪୯ ପ୍ରତିଶତ। ଏହା ସହିତ କେନ୍ଦ୍ର ପରିବେଶକୁ ଦୃଷ୍ଟିରେ ରଖି ଏଲଇଡି ଲାଇଟରେ ମାଛ ଧରିବା, ପେୟର ଟ୍ରଲିଂ ଏବଂ ବୁଲ୍ ଟ୍ରଲିଂ ଭଳି ବିଷାକ୍ତ ବ୍ୟବସ୍ଥା ଉପରେ କଟକଣା ଲଗାଇ ଦେଇଛନ୍ତି। ଏହା ସହିତ ରାଜ୍ୟମାନଙ୍କ ସହ ମିଶି ମତ୍ସ୍ୟ ସମ୍ପଦର ପରିଚାଳନା ନେଇ ଯୋଜନା ପ୍ରସ୍ତୁତ ମଧ୍ୟ କରାଯିବ।

ଏବେ ମତ୍ସ୍ୟଜୀବୀଙ୍କୁ 'ଆକ୍ସେସ ପାସ୍' ମଧ୍ୟ ପ୍ରଦାନ କରାଯିବ। ଇଇଜେଡ୍‌ରେ ମାଛ ଧରିବା ପାଇଁ ବଡ଼ ଏବଂ ମୋଟର ଚାଳିତ ଜାହାଜଗୁଡ଼ିକ ଏହି ପାସ୍ ନେବାକୁ ହେବ। ଅନ୍‌ଲାଇନରେ 'ରିୟଲକ୍ରାଫ୍ଟ' ପୋର୍ଟାଲରୁ ମାଗଣାରେ ଏହି ପାସ୍ ଜାରି କରାଯିବ। ଏହା ସହିତ ଗଭୀର ସମୁଦ୍ରକୁ ଯାଉଥିବା ସବୁ ଜାହାଜରେ ଟ୍ରାନ୍ସପୋଣ୍ଡର ଲଗାଇବା ବାଧ୍ୟତାମୂଳକ କରାଯାଇଛି। ସେହିପରି ରିୟଲକ୍ରାଫ୍ଟ ପୋର୍ଟାଲକୁ ଏମ୍‌ପିଇଡିଏ ଏବଂ ଇଆଇସି ସହ ଯୋଡ଼ା ଯାଉଛି। ଏହା ଦ୍ୱାରା ମାଛ ମରା ଏବଂ ସ୍ୱାସ୍ଥ୍ୟ ପ୍ରମାଣପତ୍ର ଜାରି କରାଯିବ। ଫଳରେ ଭାରତୀୟ ସାମୁଦ୍ରିକ ସମ୍ପଦର ରପ୍ତାନୀକୁ ପ୍ରୋତ୍ସାହନ ମିଳିବ।

ମତ୍ସ୍ୟଜୀବୀଙ୍କ ପ୍ରଶିକ୍ଷଣ, ଅନ୍ତର୍ଜାତୀୟ ଗସ୍ତ, ପ୍ରକ୍ରିୟାକରଣ, ମାର୍କେଟିଂ ଏବଂ ବ୍ରିଡିଂରେ ସରକାର ମଧ୍ୟ ସହାୟତା ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା (ପିଏମଏମଏସୱାଇ), ଫିସ୍ ଆଣ୍ଡ ଆକ୍ୱାକଲ୍‌ଚର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ ଫଣ୍ଡ (ଏଫଆଇଡିଏଫ) ଅଧୀନରେ ଋଣ ସୁବିଧା ପ୍ରଦାନ କରାଯିବ।

## ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ମିଟ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୮।୧୧ (ସମିସ): ଇପିଏଫଓ ଦ୍ୱାରା ଶନିବାର 'ଜୋନାଲ ଇଣ୍ଡୋର ଟୁର୍ଣ୍ଣାମେଣ୍ଟ' ଉଦ୍‌ଘାଟିତ ହୋଇଯାଇଛି। ବିଜୁ ପଟ୍ଟନାୟକ ମଲ୍ଟି ପର୍ପୋଜ ଇନ୍‌ଡୋର ହଲ୍‌ରେ ଆୟୋଜିତ ଏହି ତିନି ଦିନିଆ ଆଞ୍ଚଳିକ କ୍ରୀଡ଼ା କାର୍ଯ୍ୟକ୍ରମରେ ପୂର୍ବ ଜୋନ୍‌ରୁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଏନ୍‌ଇଆର କ୍ଷେତ୍ରର ୧୦୦ରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ଏଥିରେ ସାମିଲ ରାଜ୍ୟର ଟିମ୍ ଗୁଡିକୁ ସର୍ବଭାରତୀୟ ସ୍ତରରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ହେବ। ଏହି କ୍ରୀଡ଼ାରେ ଟେବୁଲ ଟେନିସ, ବ୍ୟାଡମିଣ୍ଟନ, କ୍ୟାରମ ଏବଂ ଚେସ୍ ସାମିଲ ରହିଛି। ଓଡ଼ିଶା ଏହି କ୍ରୀଡ଼ା ପ୍ରତିଯୋଗିତା (୨୦୨୫-୨୬)ର ଆୟୋଜନ କରୁଛି। ଆଞ୍ଚଳିକ ପିଏଫ କମିଶନର ବିଜୟ କୁମାର ପ୍ରସାଦ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରିଜିଓନାଲ ପିଏଫ କମିଶନର ରାଜର୍ଷି ଚକମା ସ୍ୱାଗତ ଅଭିଭାଷଣରେ ସାମାଜିକ ଜୀବନରେ କ୍ରୀଡ଼ାର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟ ଆଞ୍ଚଳିକ ପିଏଫ କମିଶନର ଏସକେ ପାଢୀ, ସୁରଜିତ କୁମାର, ଦାଶରଥି ନାଗ, ଅବେଶ ମିଶ୍ରା ଏବଂ ମୌସୁମୀଲତା ପାଢୀ ନିଜର ମତ ରଖିଥିବାବେଳେ ଏନଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ବାଲିଯାତ୍ରାରେ ସୌର ଶକ୍ତି ସମ୍ପର୍କରେ ସଚେତନ କରୁଛି ଟିପିସିଓଡିଏଲ୍

ଭୁବନେଶ୍ୱର, ୮।୧୧ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବାଲିଯାତ୍ରାରେ




ସୌର ଶକ୍ତି ସଚେତନତ ଶିବିର ସ୍ଥାପନ କରିଛି। ଏଠାରେ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି' ଯୋଜନାର ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍‌ଏ) ମଡେଲ୍‌କୁ ଷ୍ଟଲରେ ପ୍ରଦର୍ଶନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଉପଭୋକ୍ତାମାନେ କିଭଳି ସହଜରେ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିପାରିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ଏହି କ୍ୟାମ୍ପରେ, କମ୍ପାନୀର ପ୍ରତିନିଧିମାନେ ହଜାର ହଜାର ପରିଦର୍ଶକଙ୍କ ସୌର ଶକ୍ତି ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇସୋଲାର ସିଷ୍ଟମ୍ ସ୍ଥାପନ ବିଷୟରେ ମାର୍ଗଦର୍ଶନ କରୁଛନ୍ତି। ପରିଦର୍ଶକମାନେ ସିଧାସଳଖ କ୍ୟାମ୍ପରେ ଆବେଦନ କରି କିମ୍ବା ଅନଲାଇନରେ ପଞ୍ଜୀକରଣ କରି ୟୁଏଲ୍‌ଏ ଯୋଜନା ଅଧୀନରେ ଲାଭ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ, 'ଜନସାଧାରଣଙ୍କ ସହିତ ଯୋଡି ହୋଇ ସ୍ୱଚ୍ଛ ଏବଂ ସୁଲଭ ଶକ୍ତିର ପ୍ରସାର କରିବାକୁ ବାଲିଯାତ୍ରା ଏକ ବଡ ପ୍ଲାଟଫର୍ମ। ଏହି ପଦକ୍ଷେପ ମାଧ୍ୟମରେ, ଆମେ ପିଏମ୍‌ସୂର୍ଯ୍ୟ ଘର-ୟୁଏଲ୍‌ଏ ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ଗ୍ରହଣ କରିବା ପାଇଁ ଉପଭୋକ୍ତାଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ଦ୍ୱାରା ସେମାନେ ଏକ ସବୁଜ ଏବଂ ଶକ୍ତି-ସୁରକ୍ଷିତ ଓଡ଼ିଶା ଗଠନରେ ସହଭାଗୀ ହୋଇପାରିବେ'।

## ତେଜସ୍ ମାର୍କ-୧ଏର ୧୧୩ ଇଞ୍ଜିନ୍ ପାଇଁ ହାଲ୍-ଆମେରିକା ମଧ୍ୟରେ ୮,୮୭୦ କୋଟିର ଚୁକ୍ତି

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ଆମେରିକା ୧୧୩ଟି ତେଜସ ମାର୍କ-୧ଏ ଇଞ୍ଜିନ ଭାରତକୁ ଦେବ। ଏ ନେଇ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ) ଓ ଆମେରିକାର ଜେନେରାଲ ଇଲେକଟ୍ରିକ୍ (ଜିଇ) କମ୍ପାନୀ ମଧ୍ୟରେ ଏକ ବିଲିଅନ ଡଲାର ଅର୍ଥାତ ୮,୮୭୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁସାରେ ଜିଇ ୨୦୨୭ରୁ ୨୦୩୨ ମଧ୍ୟରେ ୧୧୩ଟି ଜେଟ୍ ଇଞ୍ଜିନ ଦେବ। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ହାଲ୍ ଏନେଇ ସୂଚନା ଦେଇଛି। ଏହି ଇଞ୍ଜିନଗୁଡିକ ତେଜସ୍ ଫାଇଟର ଜେଟ୍ (୯୭ ମାର୍କ-୧ଏ ଲାଇଟ କମ୍ବାଟ ଏୟାରକ୍ରାଫ୍ଟ)ରେ ଲଗାଯିବ। ପୂର୍ବରୁ ସେପ୍ଟେମ୍ବର ୨୫ରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ହାଲ ସହ ଏକ ୬୨,୩୭୦ କୋଟି ଟଙ୍କାର ଚୁକ୍ତିରେ ସ୍ୱାକ୍ଷର କରିଥିଲା।

## ବିଏସ୍‌ଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କଲା ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ

ଭୁବନେଶ୍ୱର, ୮।୧୧ (ସମିସ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସ ଏହାର ୟୁନିଟ୍ ଲିଙ୍କ୍ ବୀମା ଯୋଜନା (ୟୁଏଲଆଇପି) ପାଇଁ ଏକ ନୂତନ ପାଣ୍ଠି 'ବିଏସଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ କରିଛି। ଏହି ଫଣ୍ଡ ଗ୍ରାହକମାନଙ୍କୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି

ICICI PRUDENTIAL LIFE INSURANCE

କାହାଣୀରେ ଅଂଶଗ୍ରହଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହା ମୌଳିକ ଭାବରେ ଶକ୍ତିଶାଳୀ, କିନ୍ତୁ ବର୍ତ୍ତମାନ ଏହାର ପ୍ରକୃତ ସମ୍ଭାବନାଠାରୁ କମ୍ ମୂଲ୍ୟ ପ୍ରଦାନ କରୁଥିବା ଷ୍ଟକ୍ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏହା ନିବେଶ ନିମନ୍ତେ ଗ୍ରାହକଙ୍କ ପାଇଁ ଖୋଲା ରହିଛି। ବିଏସଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସକୁ ପ୍ରତିଫଳିତ କରିବ। ଏଥିରେ ୫୦ଟି କମ୍ପାନୀ ସାମିଲ ଅଛନ୍ତି। ଯେଉଁମାନେ ମୂଲ୍ୟ-ଆଧାରିତ ନିବେଶ ପାରାମିଟର ଯେପରିକି ଆୟ, ବୁକ ମୂଲ୍ୟ ଏବଂ ମୂଲ୍ୟ ତୁଳନାରେ ବିକ୍ରୟ ଉପରେ ଚୟନ କରାଯାଇଛି। ଏହି ସୂଚକାଙ୍କ ପାଣ୍ଠି ଏକ ବ୍ୟବସ୍ଥିତ, ନିୟମ-ଆଧାରିତ ନିବେଶ ପ୍ରକ୍ରିୟା ଅନୁସରଣ କରେ ଏବଂ ବୃହତ, ମଧ୍ୟମ ଏବଂ କ୍ଷୁଦ୍ର-କ୍ୟାପ୍ ସେଗମେଣ୍ଟରେ ବିକଶିତ ମୂଲ୍ୟ ସୁଯୋଗ ସହିତ ସମନ୍ୱିତ ରହିବା ନିଶ୍ଚିତ କରିବା ପାଇଁ ତ୍ରୈମାସିକ ଭାବରେ ପୁନଃଗଠିତ ହୁଏ।

• ବାଲିଯାତ୍ରାରେ ଭାରତ ମସଲା ଗ୍ରାହକଙ୍କୁ ସୁନିଶ୍ଚିତ ଆକର୍ଷଣୀୟ ଉପହାର

## ବିଜେତାଙ୍କୁ ମାଇକ୍ରୋଓଭାନ ଦେଲେ ଏଡିଏମ୍ ଶିବ ଟପ୍ପୋ

କଟକ,୮।୧୧ (ସମିସ): ଭାରତ ମସଲା ପକ୍ଷରୁ ଆୟୋଜିତ ଦ୍ୱିତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କୁ କଟକ ଏଡିଏମ୍ ଶିବ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ ପ୍ରଦାନ କରିଛନ୍ତି। ଏହି ପ୍ରଥମ ବିଜେତା ଜଣକ ହେଉଛନ୍ତି ୪୨ ମୌଜା କଟକର ବିଭୁପ୍ରସାଦ ରାଉତରାୟ। ସେହିପରି ୨ୟ ବିଜେତା ଗଡିରାଉତ ପାଟଣା କଟକର ସୁଧୀର କୁମାର ପରିଡ଼ାଙ୍କୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସୋମପୁର ଜଗତସିଂପୁରର ସସ୍ମିତା ମଲ୍ଲିକଙ୍କୁ ବାଉଲ୍ ସେଟ୍, ସାନ୍ତ୍ୱନା ମୂଳକ ବିଜେତା ସିଡିଏ ୧୧ ନଂ କଟକର ପ୍ରତ୍ୟୁଷ ବେହେରାଙ୍କୁ ଫ୍ରାୟିଙ୍ଗ ପାନ୍ ପ୍ରଦାନ କରିଥିଲେ। ସୂଚନା ଥାଉକି ଚଳିତ ବର୍ଷ ବାଲିଯାତ୍ରାରେ ଭାରତ ମସଲା




ତାର ଗ୍ରାହକ ମାନଙ୍କ ପାଇଁ ଆଣିଛି ସୁନିଶ୍ଚିତ ଉପହାର ସ୍କିମ। ଗ୍ରାହକ ଗୋଟିଏ ମସଲା କିଣିଲେ ଗୋଟିଏ ଫ୍ରିରେ ପାଇଥିଲାବେଳେ ସମସ୍ତଙ୍କ ପାଇଁ ରହିଛି ନିଶ୍ଚିତ ଉପହାର। ୨୫୦ ଟଙ୍କାର ମସଲା କ୍ରୟ କଲେ ଗ୍ରାହକ ସୁନିଶ୍ଚିତ ଉପହାର ସ୍ୱରୂପ ପ୍ଲାଷ୍ଟିକ ମଗ୍ ପାଇପାରୁଛନ୍ତି। ୫ଶହ ଟଙ୍କାରେ ଷ୍ଟିଲ ଗ୍ଲାସ୍, ୭୦୦ ଟଙ୍କାରେ ପ୍ଲାଷ୍ଟିକ କଣ୍ଟେନର, ୯ଶହ ଟଙ୍କାରେ ପ୍ଲାଷ୍ଟିକ ବାଲ୍ଟି, ୧୫ଶହ ଟଙ୍କାରେ ଷ୍ଟିଲ ଥାଳି, ୪ ହଜାର ଟଙ୍କାରେ ହଟ କେସ ବା ଟିଫିନ୍ ବାକ୍ସ, ୮ ହଜାର ଟଙ୍କାରେ ୫ ଗ୍ରାମର ରୂପା ମୁଦ୍ରା ,୧୦ ହଜାର ଟଙ୍କାରେ ବ୍ଲାଙ୍କେଟ୍, ୧୨ ହଜାର ଟଙ୍କାର କ୍ରୟ ଉପରେ କ୍ରମ୍ପଟନ ବ୍ରାଣ୍ଡର ସିଲିଂ ପଙ୍ଖା ନିଶ୍ଚିତ ଉପହାର ପାଉଛନ୍ତି। ଏତଦ୍ ବ୍ୟତୀତ ମସଲା ସହିତ ଗ୍ରାହକ ଲକି ଡ୍ର କୁପନ ପାଉଛନ୍ତି। ଏହା ଗ୍ରାହକଙ୍କ ଭାଗ୍ୟକୁ ବଦଳାଇ ଦେଉଛି।

ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଲୋକ ହନ୍ତସନ୍ତ: ବିଜେଡି

ଭୁବନେଶ୍ୱର, ୮।୧୧(ସମିସ): ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ସରକାରୀ କଳକୁ ରାଜନୀତି କାମରେ ବେଶ୍ ଉପଯୋଗ କରୁଛି ବିଜେପି। କ୍ଷମତା

- ■ ନିର୍ବାଚନୀ ପ୍ରଚାରରେ ସରକାରୀ କଳର ଭରପୂର ଉପଯୋଗ କରୁଛି ବିଜେପି
- ■ ନିଜେ ଭାଙ୍ଗୁଛନ୍ତି ଆଚାର ସଂହିତା

ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ଶାସକ ଦଳ ପଛାଉ ନାହିଁ। ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ସରକାରୀ ସମ୍ପଦର ଦୁରୁପଯୋଗ କରିବାରେ ବିଜେପି ସବୁ ସୀମା ଟପିଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଗଲା। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲୋକଙ୍କ ସରକାର ସାମାନ୍ୟ ହେଳା କରୁନାହିଁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ବିଜେପି ପୂରା ପ୍ରଶାସନକୁ କାମରେ ଲଗାଇ ଦେଇଛି। ଖରିଆର ରୋଡ୍ ଏନ୍‌ଏସି ଓ ନୂଆପଡ଼ା ଏନ୍‌ଏସିରେ ବିଜେପି ରୋଡ୍ ଶୋ' କାମରେ ସରକାରୀ ବ୍ୟବସ୍ଥା ଦୁରୁପଯୋଗ କରିଛି। ପୂରା ପ୍ରଶାସନ



ରାଜନୀତି କାମରେ ବ୍ୟସ୍ତ ଥିବା ସାମ୍ନାକୁ ଆସିଛି। କ୍ଷମତା ଲୋଭରେ ଅନ୍ଧ ବିଜେପି ଆଦର୍ଶ ଆଚରଣ ବିଧିକୁ ମଧ୍ୟ ମାନୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ଷ୍ଟେଜ୍ ନିର୍ମାଣ କରାଯାଇଥିଲା। ସେଥିପାଇଁ ଗତ ରାତିରୁ ସେହି ବାଟେ ଗାଡ଼ି, ମୋଟର ଓ ଲୋକଙ୍କ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ରାଜନୀତି ପାଇଁ ବିଜେପି ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଉଛି। ଗୋଟିଏପଟେ ନିଜକୁ ଲୋକଙ୍କ ସରକାର ବୋଲାଉଛନ୍ତି, ଅନ୍ୟପଟେ ଲୋକଙ୍କୁ ଦହଗଞ୍ଜ କରି ମାରୁଛନ୍ତି ବୋଲି ଡ. ମହାନ୍ତି କ୍ଷୋଭର ସହ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର କାମ ପାଇଁ ୨୦୦ଟି ବସ୍ ବରଗଡ଼ ଜିଲ୍ଲାରୁ ଓ କଳାହାଣ୍ଡି ଜିଲ୍ଲାରୁ ୧୫୦ଟି ବସ୍ ଆଣି କାମରେ ଲଗାଇଛନ୍ତି। ଦଳୀୟ କାମ ପାଇଁ ବିଜେପି ସରକାରୀ ସମ୍ପତ୍ତିର ବେଶ ଦୁରୁପଯୋଗ କରି ରାଜନୈତିକ ପ୍ରଚାର କରିଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

■ ରାଷ୍ଟ୍ରୀୟ ସଡ଼କ ଗବେଷଣା ବୋର୍ଡର ୮୭ତମ ଅଧିବେଶନ

## ଆଇଆରସି କୋଡ୍ ଆଧାରିତ ଶିକ୍ଷା ମଡ୍ୟୁଲ୍ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୮।୧୧(ସମିସ): ଭାରତୀୟ ସଡ଼କ କଂଗ୍ରେସର ବାର୍ଷିକ ଅଧିବେଶନର ଦ୍ୱିତୀୟ ଦିନରେ ୮୭ତମ ହାଇୱେ ରିସର୍ଚ୍ଚ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଛି। ସଡ଼କ ଗବେଷଣା ଏହାର ବିକାଶର ଓ ସ୍ଥାୟିତ୍ୱ ବୃଦ୍ଧି ପାଇଁ ବୈଜ୍ଞାନିକ ଗବେଷଣାକୁ ପ୍ରାୟୋଗିକ ଭିତ୍ତିରେ କାର୍ଯ୍ୟକାରୀ କରିବା ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଉନ୍ନତ ସଡ଼କ ବ୍ୟବସ୍ଥା ପାଇଁ ଆଧୁନିକ ପ୍ରଯୁକ୍ତି ବିଦ୍ୟା ସହ ସୃଜନଶୀଳତା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ, ପୂର୍ତ୍ତ ବିଭାଗ, ବୋର୍ଡର ରୋଡସ୍ ଅର୍ଗାନାଇଜେସନ୍ ସହିତ ଆଇଆଇଟି ଓ ସିଆରଆରଆଇ ପରି ପ୍ରମୁଖ ସଂସ୍ଥାର ଅଧିକାରୀ ଓ ଗବେଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସଭାରେ ସଡ଼କ ଗବେଷଣାରେ ପ୍ରତିଯୋଗିତାମୂଳକ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ପାଇଁ ଏସଓପି ଅନୁଯାୟୀ ଖସଡ଼ା ପ୍ରସ୍ତୁତି ଉପରେ ଆଲୋଚନା କରାଗଲା। ଏହା ସହିତ ଉନ୍ନତ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରଚଳିତ ଗବେଷଣା ପ୍ରୟାସ ଯଥା ରିକ୍ଲେମଡ୍ ଆସ୍ଫାଲ୍ଟ ପେଭମେଣ୍ଟ (ଆରଏପି) ପାଇଁ ହଟ ରିସାଇକଲଡ ମିକ୍ସ ଡିଜାଇନ୍ ଓ ରାସ୍ତା ନିର୍ମାଣରେ ଫସଫୋଜିପସମର ଅବଶିଷ୍ଟାଂଶକୁ ବିକଳ୍ପ



ଓ ସ୍ଥାୟୀ ଉପାଦାନ ଭାବେ ବ୍ୟବହାର ଆଦି ବିଷୟରେ ସମୀକ୍ଷା କରାଗଲା। ଆଇଏଏଚଇ(ଇଣ୍ଡିଆନ ଏକାଡେମୀ ଅଫ୍ ହାଇୱେ ଇଞ୍ଜିନିୟର୍ସ) ପକ୍ଷରୁ ଆଇଆରସି କୋଡ୍ ଆଧାରିତ ଶିକ୍ଷା ମଡ୍ୟୁଲ୍ ପ୍ରସ୍ତାବ ରାଖାଯାଇଥିଲା, ଯାହା ବୃତ୍ତିଗତ ଦକ୍ଷତା ବୃଦ୍ଧିକୁ ସହାୟତା କରିବ। ଏହି ପ୍ରସ୍ତାବଟି ଆଇଆରସି କାଉନସିଲ୍ ଅନୁମୋଦନ ସାପେକ୍ଷରେ ନୀତିଗତ ମଞ୍ଜୁରୀ ପାଇଛି। ହାଇୱେ ରିସର୍ଚ୍ଚ ବୋର୍ଡର ଅଧ୍ୟକ୍ଷ ଭି. କେ. ରାଜାୱତ ଏହି ସଭାର ଅଧ୍ୟକ୍ଷତା କରିଥିବାବେଳେ ଏଚଆରବି ସଚିବ ରାହୁଲ ଗୁପ୍ତା, ଆଇଆରସି ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିହରଚଣ୍ଡୀ ସମୁଦ୍ର କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମଗିରି,୮।୧୧(ସମିସ): ଗତ ୫ତାରିଖରେ ପୁରୀ ସମୁଦ୍ରରେ ସ୍ନାନ ବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଥିଲେ। ଏହାର ଦୁଇ ଦିନ ପରେ ଶନିବାର ପୁରୀ ସଦର ଥାନା ଅଧୀନ ବ୍ରହ୍ମଗିରିସ୍ଥିତ ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ଗତ ୫ ତାରିଖରେ କୋଲକାତାର କିଛି ପର୍ଯ୍ୟଟକ ପୁରୀ ବୁଲିବା ପାଇଁ ଆସିଥିଲେ। ତିନି ଦିନ ତଳେ ସେମାନେ ପୁରୀ କାମେଲିଆ ହୋଟେଲ ନିକଟ ସମୁଦ୍ରରେ ସ୍ନାନ କରୁଥିଲେ। ସେହି ସମୟରେ ସେମାନଙ୍କ ମଧ୍ୟରୁ ଦେବଦତ୍ତ ଦତ୍ତ ନାମକ ଜଣେ ଯୁବକ ସମୁଦ୍ରରେ ଭାସିଯାଇଥିଲେ। ଶନିବାର ସକାଳୁ ଭାସିଯାଇଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ବ୍ରହ୍ମଗିରି ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଠାବ କରାଯାଇଛି। ସ୍ଥାନୀୟ ଲୋକମାନେ ଏହା ଦେଖି ପୁରୀ ସଦର



ଥାନାକୁ ଖବର ଦେଇଥିଲେ। ପୁଲିସ ଆସି ମୃତଦେହ ଜବତ କରିବା ସହିତ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିବା ପରେ ପୁଲିସ ତାଙ୍କୁ ଶବ ହସ୍ତାନ୍ତର କରିଛି।

## କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେଙ୍କ କିଟ୍ ଓ କିସ୍ ପରିଦର୍ଶନ



ଭୁବନେଶ୍ୱର,୮।୧୧(ସମିସ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠାୱଲେ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଜ୍ୟ ଅତିଥି ଭବନରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗଦେଇ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ପରେ ସେ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଛନ୍ତି। ପାଠ ପଢ଼ି ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଅନୁଷ୍ଠାନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରଶଂସା କରି କହିଲେ ଯେ ଜନଜାତିଙ୍କ ବିକାଶ କ୍ଷେତ୍ରରେ ସେ ଅଭୂତପୂର୍ବ କାର୍ଯ୍ୟ କରୁଥିବା ମୋର ହୃଦୟଙ୍ଗମ ହେଉଛି। କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ରିଲିଜ୍

ଆଗାମୀ ନୂଆ ଓଡ଼ିଆ ସିନେମା 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ଲଞ୍ଚ୍ ହୋଇଛି । ଏହି ସିନେମା କେବଳ ଏକ ମେଶିନ୍ ଉପରେ ନୁହେଁ, ଏହା ମଧ୍ୟରେ ରହିଛି ଭାବନା, ନିଶା ଓ ମଣିଷ ଏବଂ ବାଇକ୍ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ । ଏହି ଫିଲ୍ମର ନିର୍ଦ୍ଦେଶନାରେ ଅଶ୍ୱିନୀ ତ୍ରିପାଠୀ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଝୁନି ଲତା ବିଶ୍ୱାଳ । ସେହିପରି ସିନେମାର ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ପ୍ରେରଣା ପ୍ରତୀକ୍ଷା । କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦକ୍ଷ ଯୁଗଳ ଶିବା ଏବଂ ପ୍ରଣବ । ଜ୍ୟୋତି ନାୟକ, ଅଭିଷେକ ପଣ୍ଡା, ପ୍ରୀତି, କୁନା ତ୍ରିପାଠୀ, ପୃଥ୍ୱୀରାଜ, ଆଲିଶା, ସୁଶାନ୍ତ ଦାସ ମହାପାତ୍ର, ଟୁକୁନା ଷ୍ଟାଇଲିଶ୍, ଭକ୍ତି, ଅମର, ରବି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତରେ ଅଛନ୍ତି ସୋମେଶ ସତପଥୀ । ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦା ଓ ଗୋବିନ୍ଦ ଚନ୍ଦ୍ର । ତେବେ 'ମୋଟର ସାଇକଲ' କେବଳ ଏକ ସିନେମା ନୁହେଁ, ଏହା ହେଉଛି ଭାବନା, ସଂଘର୍ଷ ଓ ସ୍ୱପ୍ନର ଯାତ୍ରା ବୋଲି ଫିଲ୍ମର ଟିମ୍ କହିଛି । ଅନନ୍ୟ ଥିମ୍ ଓ ଶକ୍ତିଶାଳୀ ଉପସ୍ଥାପନା ସହିତ 'ମୋଟର ସାଇକଲ' ଓଡ଼ିଆ ଦର୍ଶକଙ୍କ ହୃଦୟ ଜିତିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି । ■



# 'ତୁ ଖରା ମୁଁ ଛାଇ' ୯୦୦

ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଥିବା ଓ ଦର୍ଶକଙ୍କ ଅଜସ୍ର ଭଲ ପାଇବା ସାଉଁଟିଥିବା ଧାରାବାହିକ 'ତୁ ଖରା ମୁଁ ଛାଇ' ୯୦୦ ତମ ଅଧ୍ୟାୟରେ ପହଞ୍ଚିଛି । ଏହି ଧାରାବାହିକର କାହାଣୀ ଅଢ଼େଇ ବର୍ଷ ତଳେ ଦୁଇ ମୁଖ୍ୟ ଚରିତ୍ର ଏଜେ ଓ ମାନିନୀଙ୍କୁ ନେଇ ଆରମ୍ଭ ହୋଇଥିଲା । ୨୦୨୪ ଡିସେମ୍ବରରୁ କାହାଣୀରେ ଆସିଥିଲା ନୂଆ ମୋଡ଼ । ଯେଉଁଥିରେ ଏଜେ ଓ ମାନିନୀ ମୃତ୍ୟୁ ପରେ ଜନ୍ମ ନେଇଛନ୍ତି ଅଭି ଓ ମାନି ରୂପରେ । ଆରମ୍ଭରୁ ଦୁଇ ଜଣ ପୂର୍ବଜନ୍ମର ଜୀବନସାଥୀ ବୋଲି ଜାଣି ପାରୁନଥିଲେ । ହେଲେ ସମୟ କ୍ରମେ ଦୁଇ ଜଣ ପୁଣି ପରସ୍ପରକୁ ଭଲ ପାଇଛନ୍ତି । କାହାଣୀରେ ଖଳନାୟକ ରୂପରେ ଆସିଛି ରାଘବ, ଯିଏ ଅଭିର ବଡ଼ ଭିଣୋଇ । ତା'ର ଲକ୍ଷ୍ୟ ହେଉଛି ନିଜ ଶଳାର ସମସ୍ତ ଧନ ସମ୍ପତ୍ତି ଉପରେ । ସେଥିପାଇଁ ଅଭି ଓ ମାନିର ବାହାଘରରେ କଣ୍ଟା ସାଜିଛି । ସବୁ ଚକ୍ରାନ୍ତକୁ କାଟି ଦୁଇ ଜଣ ସାଜିଛନ୍ତି ଜୀବନସାଥୀ ଓ ଧରାପଡ଼ି ଯାଇଛି ରାଘବ ସମ୍ପତ୍ତି ପାଇଁ ସମସ୍ତ ଖେଳ । ତେବେ ସହଜ ନଥିଲା ଏହି ଯାତ୍ରା ଓ ଆଗକୁ ଆହୁରି କଠିନ ହୋଇଛି ସେମାନଙ୍କ ଜୀବନ ଯାତ୍ରା । କାରଣ ରଞ୍ଜିତ ରୂପରେ ପୁଣି ଫେରିଛି ରାଘବ ଓ ପୁଣି ନିଜ ଚକ୍ରାନ୍ତ ଆରମ୍ଭ କରିଛି । ଏପରିକି ଅଭିର ବନ୍ଧୁ ଦିଶାକୁ ଅଭି ଜୀବନରେ ଆଣିବାକୁ ଚେଷ୍ଟା କରିଛି । ତେବେ କିପରି ଅଭି ଓ ମାନି ପୁଣି ରାଘବକୁ ଦେବେ ଶାସ୍ତି ? କ'ଣ ହେବ ଦିଶାର ? ଅଭିର ଭଉଣୀ କ'ଣ ଜାଣିପାରିବ ରାଘବକୁ ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ 'ତୁ ଖରା ମୁଁ ଛାଇ'ର ଆଗକୁ ଆସୁଥିବା ବିଭିନ୍ନ ଅଧ୍ୟାୟରେ । ଅନ୍ୟପଟେ ଏହି ଧାରାବାହିକ ନୂତନ ପିଢ଼ିର ଜୀବନ ଭିତରେ ଆସୁଥିବା ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା କାହାଣୀ ଉପରେ ଆଧାରିତ । ■



# ଅଲଗା ହେବେ ନିଲ୍-ଐଶ୍ୱର୍ଯ୍ୟା


ଟେଲିଭିଜନର ଲୋକପ୍ରିୟ ଷ୍ଟାର୍ ଦମ୍ପତି ନିଲ୍ ଭଟ୍ଟ ଏବଂ ଐଶ୍ୱର୍ଯ୍ୟା ଶର୍ମାଙ୍କ ମଧ୍ୟରେ କିଛି ଠିକ୍ ନ ଥିବା କୁହାଯାଉଛି । ଏହାରି ଭିତରେ ଦୁହିଁଙ୍କ ଛାଡ଼ପତ୍ର ଖବର ସାମ୍ନାକୁ ଆସିଛି । ହେଲେ ଏ ସମ୍ପର୍କରେ ନିଲ୍ କିମ୍ବା ଐଶ୍ୱର୍ଯ୍ୟା କିଛି କହି ନାହାନ୍ତି । ତେବେ ଛାଡ଼ପତ୍ର ନିହାତି ହେବା ଚର୍ଚ୍ଚା ଜୋର୍ ଧରିଛି । ଦୀର୍ଘ ଦିନ ହେବ ଦୁହେଁ ଅଲଗା ରହୁଛନ୍ତି । ଏପରିକି ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ସେମାନେ ପରସ୍ପରଠାରୁ ଅଲଗା ହୋଇପାରନ୍ତି । ଏ ଦୁହିଁଙ୍କ ମଧ୍ୟରେ କେଉଁ କାରଣ ପାଇଁ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି କିମ୍ବା ମନୋମାଳିନ୍ୟ ଦେଖା ଦେଇଛି, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ନୀଲ ଏବଂ ଐଶ୍ୱର୍ଯ୍ୟା ପ୍ରଥମଥର ପାଇଁ 'ଗୁମ୍ ହେ କିସି କେ ପ୍ୟାର୍ ମେଁ'ରେ ପରସ୍ପରକୁ ଜାଣିଥିଲେ ଏବଂ ପ୍ରେମ ସମ୍ପର୍କରେ ରହିଥିଲେ । ପରବର୍ତ୍ତୀ ସମୟରେ ଦୁହେଁ ୨୦୨୧ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ଦୁହେଁ 'ସ୍ମାର୍ଟ ଯୋଡ଼ି' ଏବଂ 'ବିଗ୍‌ବସ୍ ୧୭' ରେ ବି ନଜର ଆସିଛନ୍ତି । ■



## ପରଦା ପଛର କାହାଣୀ

# ଦର୍ଶକଙ୍କୁ କନ୍ଦାଇ ଥିଲା କ୍ଲାଇମାକ୍ସ ଦୃଶ୍ୟ

ବଲିଉଡ୍‌ରେ ହରର, କମେଡ଼ି ଓ ପାରିବାରିକ କାହାଣୀକୁ ନେଇ ଅନେକ ଫିଲ୍ମ ତିଆରି ହୋଇଛି । ସେଥିମଧ୍ୟରେ କିଛି ଫିଲ୍ମ ଥାଏ, ଯାହା ଦର୍ଶକଙ୍କୁ ଭାବପ୍ରବଣ କରିଦିଏ । ସେମିତି ଏକ ଫିଲ୍ମ ହେଉଛି 'କଲ୍ ହୋ ନା ହୋ' । ଶାହରୁଖ୍ ଖାନ୍ ଓ ପ୍ରୀତି ଜିଣ୍ଟା ଅଭିନୀତ ଏହି ଫିଲ୍ମ ୨୦୦୩ରେ ମୁକ୍ତିଲାଭ କରିଥିଲା । ଫିଲ୍ମର କାହାଣୀ ଦର୍ଶକଙ୍କୁ ଭାବବିହ୍ୱଳ କରିବା ସହ ବକ୍ସ ଅଫିସ୍‌ରେ ଧମାଲ୍ କରିଥିଲା । ଫିଲ୍ମରେ ସୈଫ୍ ଅଲ୍ଲୀ ଖାନ୍ ସହ କଳାକାର ଭାବେ ଅଭିନୟ କରିଥିଲେ । ଏହା ବ୍ୟତୀତ ଜୟା ବଚ୍ଚନ, ସୁଷମା ସେଠ୍, ଡେଲନାଜ୍ ପାଲ୍ ପ୍ରମୁଖ କଳାକାର ଏହି ଫିଲ୍ମରେ ନଜର ଆସିଥିଲେ । ଏହା ଏକ ଇମୋସନାଲ୍ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ ଭାବେ ଜଣାଶୁଣା । ଏହାର କାହାଣୀ ନ୍ୟୁୟର୍କର ଝିଅ ନୈନା ଉପରେ ଆଧାରିତ । ନୈନାଙ୍କ ଜୀବନ ନିରସ ଓ ଅବସାଦପୂର୍ଣ୍ଣ ଥିଲା । ପିତାଙ୍କ ମୃତ୍ୟୁପରେ ଘରର ସମସ୍ତ ଦାୟିତ୍ୱ ମାଆ ଜେନିଫର୍ ଓ ନୈନାଙ୍କ ଉପରେ ପଡ଼ିଥିଲା । ତାଙ୍କ ଜେଜେ ମାଆ ଓ ମାଆଙ୍କ ମଧ୍ୟରେ ସର୍ବଦା ଝଗଡ଼ା ଲାଗି ରୁହେ । ସେଥିପାଇଁ ପରିବାରରେ ଖୁସି ଯେମିତି ହଜି ଯାଇଥିଲା । ଏହାରି ମଧ୍ୟରେ ଜଣେ ଖୁସ୍ ମିଜାଜ୍ ପଡ଼ୋଶୀ ଅମନ ମାଥୁର ଆସନ୍ତି । ତାଙ୍କର ହସ ଓ ସକାରାତ୍ମକ କଥାରେ ଧୀରେ ଧୀରେ ସମସ୍ତଙ୍କ ଜୀବନରେ ପରିବର୍ତ୍ତନ ହୋଇଛି । ସେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ଜାଣନ୍ତି । ଅମନଙ୍କ ପାଇଁ ନୈନାଙ୍କ ପରିବାର ପୁଣି ଥରେ ଏକାଠି ହୋଇଯାନ୍ତି । ଏହାରି ଭିତରେ ଧୀରେ ଧୀରେ ଅମନଙ୍କୁ ନୈନା ଭଲ ପାଇ ବସନ୍ତି । ହେଲେ ଅମନ ସମସ୍ତଙ୍କଠାରୁ ଗୋଟିଏ କଥା ଗୋପନ ରଖିଥିଲେ । ସେ ଗମ୍ଭୀର ହୃଦ୍‌ରୋଗରେ ପୀଡ଼ିତ ଥିଲେ । ତେଣୁ ସେ ମାତ୍ର କିଛିଦିନର ଅତିଥି ଥିଲେ । ତେଣୁ ସେ ଚାହୁଁ ନଥିଲେ ନୈନା ତାଙ୍କ ଅନୁପସ୍ଥିତିର ଯନ୍ତ୍ରଣାକୁ ଅନୁଭବ କରନ୍ତୁ ବୋଲି । ଏଥିପାଇଁ ସେ ନୈନାଙ୍କୁ ତାଙ୍କ ସାଙ୍ଗ ରୋହିତଙ୍କ ସହ ଯୋଡ଼ିବାକୁ ଚେଷ୍ଟା କରୁଥିଲେ । ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ପ୍ରେକ୍ଷାଳୟରେ ଦର୍ଶକଙ୍କ ଆଖି ଲୁହରେ ଭିଜି ଯାଇଥିଲା । ଏହି ଫିଲ୍ମର ଟାଇଟଲ୍ ଗୀତ 'କଲ୍ ହୋ ନା ହୋ...' ଜୀବନର ବାସ୍ତବ ଅର୍ଥକୁ ପ୍ରଦର୍ଶିତ କରାଇଛି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି । ଏହା ଶାହରୁଖ୍ ଖାନ୍‌ଙ୍କ ଜୀବନର ବେଷ୍ଟ ଫିଲ୍ମ ମଧ୍ୟରୁ ଅନ୍ୟତମ । ■



# ୧୦ ବର୍ଷ ପରେ ଇମରାନଙ୍କ ଲେଉଟାଣି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଇମରାନ ଖାନ୍‌ଙ୍କୁ ୨୦୧୫ ମସିହାରେ 'କଟ୍ଟିବଟ୍ଟି' ସିନେମାରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା । ଏହା ପରେ ସେ ଆଉ କୌଣସି ସିନେମାରେ ନଜର ଆସି ନାହାନ୍ତି । ତେବେ ଏବେ ଦୀର୍ଘ ୧୦ ବର୍ଷ ପରେ ପୁଣି ଏକ ନୂଆ ସିନେମା ମଧ୍ୟରେ ସେ ବଲିଉଡ୍‌କୁ ପ୍ରତ୍ୟାବର୍ତ୍ତନ କରିବେ । ଅବଶ୍ୟ ସିନେମା ଶୀର୍ଷକ ତଥା ରିଲିଜ୍ ତାରିଖ ସମ୍ପର୍କରେ କିଛି ସୂଚନା ପ୍ରଦାନ କରାଯାଇ ନାହିଁ । ହେଲେ ଆଗାମୀ ନୂଆ ସିନେମାରେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ଭୂମି ପେଡନେକରଙ୍କୁ ଦେଖିବାକୁ ମିଳିବ । ଫିଲ୍ମର କାହାଣୀ ରୋମାଣ୍ଟିକ-କମେଡି ଉପରେ ଆଧାରିତ । ତେଣୁ ଏହି ସିନେମାରେ ଭୂମି ଓ ଇମରାନଙ୍କ ଅନସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିବ । ସିନେମାର ନିର୍ଦ୍ଦେଶନାରେ ଦାନିଶ ଅସଲମ ଅଛନ୍ତି । ୨୦୨୬ ମସିହା ଆରମ୍ଭରେ ଏହାକୁ ରିଲିଜ୍ କରିବା ଲକ୍ଷ୍ୟ ରଖାଯାଇଛି ।

## ଇଣ୍ଡିଆନ୍ ଆଇଡଲ

# ଟପ୍ -୧୬ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

ଅକ୍ଟୋବର ୧୮ ରୁ ଆରମ୍ଭ ହୋଇଛି ସୋନି ଟିଭିର ଲୋକପ୍ରିୟ ସଂଗୀତ ଭିତ୍ତିକ ରିଆଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ସିଜନ -୧୬ । ଏଥର ଏହି ଶୋ'ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଛି । ଏପରିକି ଟପ୍-୧୬ ପ୍ରତିଯୋଗୀଙ୍କ ମଧ୍ୟରେ ଭୁବନେଶ୍ୱରର ଜ୍ୟୋତିର୍ମୟୀ ସାମିଲ ଅଛନ୍ତି । ଏନେଇ ସେ ଖୁବ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ନିଜର ଫଟୋ ସେୟାର୍ କରି ଏ ସମ୍ପର୍କରେ ଜଣାଇଛନ୍ତି । ତା'ସହ ମହାପ୍ରଭୁ ଜଗନ୍ନାଥ, ପରିବାର ଓ ଗୁରୁଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ ଉଲ୍ଲେଖ କରିଛନ୍ତି । ଦର୍ଶକଙ୍କର ଏମିତି ଭଲପାଇବା ଓ ଆଶୀର୍ବାଦ ଆଗକୁ ତାଙ୍କୁ ମିଳିବ ବୋଲି ସେ କାମନା କରିଛନ୍ତି । ଅଡିସନ୍‌ରୁ ଆରମ୍ଭ କରି ଥିଏଟର ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ତାଙ୍କ ଗୀତ ମାଧ୍ୟମରେ ଶୋ'ର ବିଚାରକ ଶ୍ରେୟା ଘୋଷାଲ, ବିଶାଳ ଦଦଲାନୀ ଏବଂ ବାଦଶାହ ବଡୌରଙ୍କ ମନ ଜିଣିପାରିଛନ୍ତି । ଆଗକୁ ମଧ୍ୟ ସେ ନିଜ ଗୀତ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିଣିବା ଆଶା ରଖିଛନ୍ତି । ଅନ୍ୟପଟେ ଏହି ନୂଆ ସିଜନ୍‌ର ଥିମ୍ ରଖାଯାଇଛି 'ୟାଦୋଁ କି ପ୍ଲେଲିଷ୍ଟ' । ■




## ସାକ୍ଷାତକାର



# 'ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ'

**ପ୍ରୀତି ବିଶ୍ୱାଳ, ଅଭିନେତ୍ରୀ**

ସେ ଜଣେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ । ପିଲାଟି ଦିନରୁ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ ପାଇଁ ସେ ଅନେକ ସ୍ଥାନରୁ ସମ୍ମାନିତ ମଧ୍ୟ ହୋଇଛନ୍ତି । ତାଙ୍କ ମା' ଜଣେ ମଞ୍ଚ ଅଭିନେତ୍ରୀ ଥିଲେ । ମା'ଙ୍କ ପରି ଅଭିନେତ୍ରୀ ହେବାକୁ ଆଗ୍ରହ କରି ଅଡିସନ୍ ଦେଇଥିଲେ କଟକ ପ୍ରତାପନଗରୀର ପ୍ରୀତି ବିଶ୍ୱାଳ । ଫିଲ୍ମ 'ଡଟ୍‌ପେନ୍' ହେଉଛି ତାଙ୍କର ଡେବ୍ୟୁ ସିନେମା । ଏବେ ସେ 'ମୋଟର ସାଇକଲ' ଫିଲ୍ମ ସୁଟିଂରେ ବ୍ୟସ୍ତ ଅଛନ୍ତି । ଚମତ୍କାର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଜିଣୁଛନ୍ତି । ଭବିଷ୍ୟତରେ ନୃତ୍ୟକଳା କ୍ଷେତ୍ରରେ ସେ ପାରଦର୍ଶିତା ଦେଖାଇବେ ନା ଜଣେ ଅଭିନେତ୍ରୀ ଭାବେ ଦର୍ଶକଙ୍କ ମନୋରଞ୍ଜନ କରିବେ ଜାଣିବା ତାଙ୍କ ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଲେ ?**

- ପିଲାବେଳେ ଓଡ଼ିଶୀ ନୃତ୍ୟ କରୁଥିଲି । ଧୀରେ ଧୀରେ ଏହି ନୃତ୍ୟରେ ଆଗକୁ ବଢ଼ିଲି । ଦେଶ ବିଦେଶରେ ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ଭାଗ ନେଇଛି । ପ୍ରଶଂସିତ ହୋଇଛି ମଧ୍ୟ । ସମୟକ୍ରମେ ଓଡ଼ିଶୀ ନୃତ୍ୟ ସହିତ ଜଣେ ଅଭିନେତ୍ରୀ ହେବାକୁ ମନ ବଳାଇଲି । ଏଥିପାଇଁ ଏକାଧିକ ଥର ଅଡିସନ୍ ଦେଇଥିଲି । ହେଲେ ଅଶ୍ୱିନୀ ସାର୍‌ଙ୍କ 'ଡଟପେନ୍' ସିନେମା ପାଇଁ ମୁଁ ମନୋନୀତ ହେଲି । ସିନେମାରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଲି । ମୋ ବିପକ୍ଷରେ ଥିଲେ ନାୟକ ଜ୍ୟୋତି । ଏହାରି ଭିତରେ ରମେଶ ରାଉତ ସାର୍‌ଙ୍କ 'କାନ୍ ତରାଟି'ରେ ଅଭିନୟ କରିଛି । ଏହି ସିନେମାଟି ଏବେ ସୁଦ୍ଧା ରିଲିଜ୍ ହୋଇନି । ତେବେ ସୌଭାଗ୍ୟବଶତଃ ଅଶ୍ୱିନୀ ସାର୍ ତାଙ୍କର ଅପକମିଂ ସିନେମା 'ମୋଟର ସାଇକଲ'ରେ ମୁଖ୍ୟ ନାୟିକା ଭାବେ କାମ କରିବାକୁ ମୋତେ ସୁଯୋଗ ଦେଇଛନ୍ତି । ଏଥିରେ ମୋ ସହିତ ଅଛନ୍ତି ଜ୍ୟୋତି ଏବଂ ଅଭିଷେକ । ତେଣୁ ଫିଲ୍ମର ପୂରା ଟିମ୍‌କୁ ହୃଦୟରୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

**'ମୋଟର ସାଇକଲ' ସିନେମା ବିଷୟରେ କିଛି କୁହନ୍ତୁ?**

- ଯୌତୁକ ନେବା ବା ଦେବା ଆଇନଗତ ଅପରାଧ । ତଥାପି ଆମ ସମାଜରେ ଲୋକେ ଯୌତୁକ ନେବାଦେବା ଜାରି ରଖିଛନ୍ତି । ଏହା ଫଳରେ ଅନେକ କନ୍ୟାପିତା ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି । ତେଣୁ ମୋଟର ସାଇକଲ ଜରିଆରେ ଗୋଟେ ଝିଅ କିପରି ତା' ପିତାଙ୍କୁ ସମର୍ଥନ କରୁଛି ତାହା ଦେଖିବାକୁ ମିଳିବ । ଏଥିରେ ମୋ ନାଁ ହୋଇଛି କାବେରୀ । ବହୁତ ସରଳ, ସାଧାସିଧା ଝିଅଟେ । ତେବେ ସିନେମା ରିଲିଜ୍ ପରେ ଦର୍ଶକ ଅନେକ ଟ୍ୱିଷ୍ଟ ଦେଖିବାକୁ ପାଇବେ ।

**ପ୍ରୀତିଙ୍କର ଡ୍ରିମ୍ ରୋଲ?**

- ସିନେମାରେ କାମ କରିବା ପୂର୍ବରୁ ଯେମିତି ଚରିତ୍ର ଚାହୁଁଥିଲି ତାହା ମୋତେ 'ଡଟପେନ୍'ରେ ମିଳିଥିଲା । ଏଥିରେ ବି ଜଣେ ସାଧାସିଧା ଝିଅର ଭୂମିକାରେ ଅଭିନୟ କରିଛି । ତେବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏ ଲାଇନ୍‌ରେ ଥିବା ଯାଏଁ ଭଲ ଭଲ ଚରିତ୍ରରେ ମୁଁ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାକୁ ଚେଷ୍ଟା କରିବି ।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

- ବର୍ତ୍ତମାନ ମୁଁ ସ୍ନାତକରେ ପଢୁଛି । ପଢ଼ା ସହିତ ନୃତ୍ୟ ଆଉ ଅଭିନୟକୁ ଗୁରୁତ୍ୱ ଦିଏ । ଏବେ ଯେହେତୁ ସିନେମାରେ କାମ କରୁଛି । ତେଣୁ ଅଭିନୟକୁ ମାର୍ଜିତ କରିବାକୁ ଘରେ ଦର୍ପଣ ଆଗେ ଅଭ୍ୟାସ କରେ । ନିଜେ ନିଜେ ସ୍କ୍ରିପ୍ଟ ଲେଖି ଅଭ୍ୟାସ କରେ । ଖବରକାଗଜ ପଢ଼ା ଅଭ୍ୟାସ କରେ । ସିନେମାର ସମସ୍ତ ଚରିତ୍ରକୁ ଅନୁଶୀଳନ କରେ । ଗୋଟିଏ ସିନେମାରେ କାମ କରିବା ପୂର୍ବରୁ ମୋତେ ଯେଉଁ ଚରିତ୍ର ମିଳିଛି ତାହାକୁ ମୁଁ କେମିତି ଠିକ୍ ଫୁଟାଇ ପାରିବି ତା' ଉପରେ ଗୁରୁତ୍ୱ ଦିଏ । ପଢ଼ାରେ କେବେ ହେଳା କରେନି ।

**ଭବିଷ୍ୟତରେ ଅଭିନୟ ନା ଓଡ଼ିଶୀ ନୃତ୍ୟକୁ ନେଇ ଆଗକୁ ବଢ଼ିବେ ?**

- ନୃତ୍ୟ ଆଉ ଅଭିନୟ ଦୁଇଟା ମୋ' ଜୀବନ । କାହାକୁ ଛାଡ଼ି ପାରିବିନି । ତେଣୁ ଅଭିନୟ ଜାରି ରହିବ । ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରିବି । ସେମିତି ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରୟାସ ଜାରି ରହିବ ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ନିଜ କାମକୁ ଭଲ ପାଆନ୍ତୁ । ନିଜକୁ ଗ୍ରୁମ୍ କରନ୍ତୁ । ଅଡିସନ୍ ଦେବାକୁ ଯାଉଥିଲେ ନିଜକୁ ଭଲ ଭାବେ ପ୍ରସ୍ତୁତ କରନ୍ତୁ । ଯାହାବି ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଭଲ କରିବାକୁ ଚେଷ୍ଟା କରନ୍ତୁ । ■

## ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ଟି-୨୦ ବାତିଲ

# ୨-୧ରେ ସିରିଜ ହାତେଇଲା ଭାରତ




**ଅଭିଷେକ ସିରିଜ୍‌ର ଶ୍ରେଷ୍ଠ ଖେଳାଳି**

**ବ୍ରିସ୍‌ବେନ୍,୮।୧୧ (ଏଜେନ୍ସି):** ଅଷ୍ଟ୍ରେଲିଆ ମାଟିରେ ଆଜି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ୨୦୦୮ ପରଠାରୁ ଭାରତ ଘରୋଇ ଅଷ୍ଟ୍ରେଲିଆ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍‌ରେ ପରାଜିତ ହୋଇନାହିଁ। ଅନ୍ୟ ପକ୍ଷରେ ୨୦୨୨ ପରଠାରୁ ଅଷ୍ଟ୍ରେଲିଆ ଖେଳିଥିବା ୪ଟି ସିରିଜ୍ ମଧ୍ୟରୁ ୩ଟିରେ ପରାଜିତ ହୋଇଛି। ଆଜି ଏଠାରେ ୫ମ ତଥା ଶେଷ ମ୍ୟାଚ୍ ଖେଳାଯିବାର ଥିଲା। ଏହି ମ୍ୟାଚ୍‌ଟି ୪.୫ ଓଭର ଖେଳ ହେବାପରେ ଘଡଘଡ଼ି ଓ ବର୍ଷା ଯୋଗୁଁ ଆଉ ସମ୍ଭବ ହୋଇ ନ ହେବାରୁ ବାତିଲ କରାଯାଇଥିଲା। ଏହା ଫଳରେ ଏହି ସିରିଜ୍‌ରେ ୨ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। କାନବେରାରେ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଥିଲା। ଖେଳ ହୋଇଥିବା ୩ଟି ମ୍ୟାଚ୍ ମଧ୍ୟରୁ ଭାରତ ୨ଟିରେ ଓ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍ ଜିତିଥିଲା। ଭାରତ ଏହି ସିରିଜ୍‌କୁ ୨-୧ରେ ଜିତିନେଇଥିଲା। ଏହି ସିରିଜ୍‌ରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ଭାରତର ବାମହାତୀ ଯୁବ ଓପନର ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଅର୍ଦ୍ଧଶତକ ସହ ୧୬୩ ରନ୍ କରିଥିଲେ। ଏହା ପରେ ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ଟି-୨୦ ସିରିଜ୍ ଖେଳିବ। ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରୁ ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ।

### ବାଧା ପାଇଲା ଦ୍ୱିତୀୟ ମ୍ୟାଚ୍

ବ୍ରିସ୍‌ବେନ୍‌ର ଗାବ୍ବା ଷ୍ଟାଡିୟମ୍‌ରେ ଆଜି ଖେଳାଯିବାକୁ ୫ମ ତଥା ଶେଷ ଟି-୨୦ରେ ଅଷ୍ଟ୍ରେଲୀୟ ଅଧିନାୟକ ମିଚେଲ ମାର୍ଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। ଏହି ପିଚ୍ ଗ୍ରୀନ୍ ଥିଲା ଓ ବୋଲିଂ ଲାଗି ଅନୁକୂଳ ହେବ ବୋଲି ଆଶା କରିଥିଲେ ମାର୍ଶ। କିନ୍ତୁ ଭାରତ ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ୪.୫ ଓଭରରେ ୫୨ ରନ୍ କରିବା ଫଳରେ ଏଠାରେ ବ୍ୟାଟିଂ କରିବା କଷ୍ଟକର ହେବ ନାହିଁ ବୋଲି ଦର୍ଶାଇଥିଲେ। ମାତ୍ର ୨୧ ମିନିଟ୍‌ର ଖେଳ ପରେ ଜୋରରେ ଘଡ଼ଘଡ଼ି ହୋଇଥିଲା। ଫଳରେ ପଡ଼ିଆ ବାହାରକୁ ଖେଳାଳି ଓ ଅମ୍ପାୟାର ଓ କର୍ମକର୍ତ୍ତାମାନେ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପ୍ରବଳ ବର୍ଷା ହୋଇଥିଲା। ଏଠାରେ ଡ୍ରେନେଜ ସିଷ୍ଟମ ବିଶ୍ୱରେ ସବୁଠାରୁ ଭଲ ଥିଲେ ମଧ୍ୟ ଏତେ ପରିମାଣରେ ବର୍ଷା ହେବାରୁ ପଡ଼ିଆ ଖରାପ ହୋଇଯାଇଥିଲା ଓ ଖେଳକୁ ବାତିଲ କରିବାକୁ ପଡ଼ିଥିଲା। ଏହି ସମୟ ବେଳକୁ ଶୁବମନ ଗିଲ୍ ୧୬ ବଲ୍‌ରେ ୬ଟି ଆକର୍ଷଣୀୟ ଚୌକା ସହ ୨୯ ରନ୍ କରିଥିଲେ। କିନ୍ତୁ ଅଭିଷେକ ଶର୍ମାଙ୍କର ଦୁଇଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ପ୍ରଥମ ଓଭରରେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଦ୍ୱିତୀୟ ମ୍ୟାଚ୍ ଜାଭିୟର ବାର୍ଟଲେଟ ଛାଡିଦେଇଥିଲେ। ଏଥିରୁ ଫାଇଦା ଉଠାଇ ଅଭିଷେକ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୩ ବଲ୍‌ରୁ ୨୩ ରନ୍ କରିଥିଲେ। ଏହା ପୂର୍ବରୁ କାନବେରାରେ ଖେଳାଯାଇଥିବା ମ୍ୟାଚ୍ ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ମଧ୍ୟ ଭାରତ ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ୨ ୱିକେଟ ହରାଇ ୯୭ ରନ୍ କରିଥିଲାବେଳେ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହା ପରେ ମେଲବୋର୍ଣ୍ଣରେ ଖେଳାଯାଇଥିବା ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତିନେଇଥିଲା। ହୋବାର୍ଟ ଓ ଗୋଲ୍ଡକୋଷ୍ଟର କାରାରା ଓଭାଲରେ ଭାରତ ବିଜୟୀ ହୋଇ ୨-୧ରେ ଅଗ୍ରଣୀ ରହିଥିଲା। ୫ମ ମ୍ୟାଚ୍ ବାତିଲ ହେବା ପରେ ସମାନ ବ୍ୟବଧାନରେ ଭାରତ ବିଜୟୀ ହୋଇଥିଲା।

### ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ମୁକାବିଲା

ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଆଉ ଦୁଇଟି ସିରିଜ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଘରୋଇ ମାଟିରେ ଡିସେମ୍ବର ୯ରୁ ଆରମ୍ଭ ହେବ। କଟକର ବାରବାଟୀରେ ଏହି ମୁକାବିଲା ଖେଳାଯିବ। ଏହା ପରେ ଡିସେମ୍ବର ୧୧ରେ ପଞ୍ଜାବର ମୁଲାନପୁରରେ ଦ୍ୱିତୀୟ, ୧୪ରେ ତୃତୀୟ ମ୍ୟାଚ ହିମାଚଳ ପ୍ରଦେଶର ଧର୍ମଶାଳା, ୧୭ରେ ଚତୁର୍ଥ ମ୍ୟାଚ୍ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଓ ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀ ୨୧, ୨୩, ୨୫, ୨୮ ଓ ୩୧ରେ ନ୍ୟୁଜିଲାଣ୍ଡ ସହ ଘରୋଇ ମାଟିରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆରେ ଦୁଇଟି ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ଉଭୟ ଦଳର ବିଶ୍ୱକପ୍ ପ୍ରସ୍ତୁତିରେ ବାଧାପ୍ରାପ୍ତ ହୋଇଛି।

## ବିଶ୍ୱକପ୍ ବିଜୟିନୀଙ୍କୁ ସମ୍ମାନ

# ରିଚାଙ୍କୁ 'ବଙ୍ଗ ଭୂଷଣ' ଉପାଧି, ଡିଏସ୍‌ପି ଚାକିରି



**କୋଲକାତା, ୮।୧୧ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍ ବିଜୟିନୀ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ରିଚା ଘୋଷଙ୍କୁ 'ବଙ୍ଗ ଭୂଷଣ' ଉପାଧି ସହ ପଶ୍ଚିମବଙ୍ଗ ପୁଲିସରେ ଡିଏସ୍‌ପି ଚାକିରି ପ୍ରଦାନ କରାଯାଇଛି। ଶନିବାର ଐତିହାସିକ ଇଡେନ ଗାର୍ଡେନ୍ସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରିଚାଙ୍କୁ ଡିଏସ୍‌ପି ଚାକିରି ନିଯୁକ୍ତି ପତ୍ର, 'ବଙ୍ଗ ଭୂଷଣ' ମେଡାଲ ଓ ଏକ ସୁନା ଚେନ ପ୍ରଦାନ କରି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚରେ ରିଚା ୩୪ ରନର ପାଳି ଖେଳିଥିଲେ। ଏହି ପାଳିର ପ୍ରତି ରନ ପିଛା ତାଙ୍କୁ ମୋଟ୍ ୩୪ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲର ସଭାପତି ସୌରଭ ଗାଙ୍ଗୁଲି, ପୂର୍ବତନ ମହିଳା କ୍ରିକେଟର୍ ଝୁଲଣ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସିଏବି ପକ୍ଷରୁ ଏକ ସ୍ୱର୍ଣ୍ଣିମ ବ୍ୟାଟ୍ ଓ ବଲ୍ ମଧ୍ୟ ରିଚାଙ୍କୁ ଉପହାର ଆକାରରେ ଦିଆଯାଇଥିଲା। ପଶ୍ଚିମବଙ୍ଗର ପ୍ରଥମ କ୍ରିକେଟର୍ ଭାବେ ରିଚା ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

## ଆଇସିସି ମଧ୍ୟସ୍ଥତାରେ ସାଇକିଆ-ନକ୍‌ଭୀ ଆଲୋଚନା

### ଖୁବ୍‌ଶୀଘ୍ର ତୁଟିବ ଏସିଆ କପ୍ ଟ୍ରଫି ବିବାଦ

**ଦୁବାଇ, ୮।୧୧ (ଏଜେନ୍ସି):** ଦୀର୍ଘ ଦିନ ଧରି ଏସିଆ କପ୍ ଟ୍ରଫି ବିବାଦକୁ ନେଇ ଲାଗି ରହିଥିବା ବିବାଦର ଅନ୍ତ ଖୁବ ଶୀଘ୍ର ଘଟିବାକୁ ଯାଉଛି। ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିର ମଧ୍ୟସ୍ଥତାରେ ଦୁବାଇରେ ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ଅଧିକାରୀଙ୍କ ମଧ୍ୟରେ ଏସିଆ କପ୍ ଟ୍ରଫି ସମ୍ପର୍କରେ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନା ହୋଇଛି। ଏଥିରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ଏସିଆ କ୍ରିକେଟ୍ ପରିଷଦ (ଏସିସି) ତଥା ପିସିବି ଅଧ୍ୟକ୍ଷ ମୋହସିନ ନକଭୀ ପରସ୍ପରକୁ ଭେଟିଥିଲେ। ଏହି ବୈଠକରେ ଯଥାଶୀଘ୍ର ଏସିଆ କପ୍ ଟ୍ରଫି ବିବାଦର ସମାଧାନ କରିବାକୁ ଉଭୟ ସହମତ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

## ସୁଲ୍‌ତାନ୍ ଆଜଲାନ୍ ଶାହ କପ୍ ହକି

# ସଞ୍ଜୀୟଙ୍କୁ ନେତୃତ୍ୱ; ଓଡ଼ିଶାରୁ ୩ ଖେଳାଳିଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ସୁଲତାନ ଆଜଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ଚଳିତ ମାସ ୨୩ ତାରିଖରୁ ମାଲେସିଆରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୨୦ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହଙ୍କ ସମେତ ମନପ୍ରୀତ୍ ସିଂହ, ଗୋଲ୍‌କିପର କ୍ରିଷନ ବାହାଦୁର ପାଠକ, ସୂରଜ କେରକେରା ପ୍ରମୁଖଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ବିଶ୍ରାମ ଦିଆଯାଇଛି। ଡିଫେଣ୍ଡର ସଞ୍ଜୟ ଭାରତୀୟ ଦଳର ନେତୃତ୍ୱ ନେବେ। ସେହଭଳି ଘୋଷିତ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ୍ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଉଦ୍‌ଘାଟନୀ ଦିବସରେ କୋରିଆ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୨୪ରେ ବେଲ୍‌ଜିୟମ, ୨୬ରେ ମାଲେସିଆ, ୨୭ରେ ନ୍ୟୁଜିଲାଣ୍ଡ ଓ ୨୯ରେ କାନାଡା ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ରାଉଣ୍ଡ ରବିନ ପର୍ଯ୍ୟାୟ ପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ୩୦ରେ ଫାଇନାଲ ଖେଳାଯିବ। ଶେଷଥର ଲାଗି ଭାରତ ୨୦୧୦ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।

**ଜୁରେଲଙ୍କ ଦ୍ୱିତୀୟ ଶତକ**

## ଦ.ଆଫ୍ରିକା-ଏକୁ ୪୧୭ ରନ୍‌ର ଟାର୍ଗେଟ

**ବେଙ୍ଗାଲୁରୁ,୮।୧୧(ଏଜେନ୍ସି):** ଧ୍ରୁବ ଜୁରେଲଙ୍କ ଉଭୟ ଇନିଂସରେ ଶତକ ହର୍ଷ ଦୁବେଙ୍କ ୮୪ ଓ ଅଧିନାୟକ ଋଷଭ ପନ୍ତଙ୍କ ଦ୍ରୁତ ୬୫ ରନ୍ ରନ୍ ସହାୟତାରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ-ଏ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା କୌଣସି ୱିକେଟ ନ ହରାଇ ୨୫ ରନ୍ କରିନେଇଛି। ପୂର୍ବରୁ ଜୁରେଲ ୧୨୭ ରନ୍‌ରେ ଅପରାଜିତ ରହିବା ଫଳରେ ଭାରତ-ଏ' ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୩୮୨ ରନ୍ କରି ସମାପ୍ତି ଘୋଷଣା କରିଥିଲା। ପୂର୍ବରୁ ପ୍ରଥମ ଇନିଂସରେ ଜୁରେଲଙ୍କ ଅପରାଜିତ ୧୩୨ ରନ୍ ସହାୟତାରେ ଭାରତ-ଏ' ୨୫୫ ରନ୍ କରିଥିଲା। ଜବାବରେ ଅଧିନାୟକ ମାର୍କ୍ୟୁଜ୍ ଆକରମ୍ୟାନ୍‌ଙ୍କ ଆକ୍ରମଣାତ୍ମକ ୧୩୪ ରନ୍ ବଳରେ ଦକ୍ଷିଣ ଆଫ୍ରିକା-ଏ' ୨୨୧ ରନ୍ କରିବାକୁ ସମର୍ଥ ହୋଇଥିଲା।

## ଚେସ୍‌ଷ୍ଟ୍ରଫ୍ ଟ୍ରଫି ଆରମ୍ଭ

# ଅନ୍ୱେଷ ସହ ମ୍ୟାଚ୍ ଡ୍ର ରଖିଲେ ଯଶିତା



**ଭୁବନେଶ୍ୱର,୮।୧୧(ସମିସ):** ଚେସ୍‌ଷ୍ଟ୍ରଫ୍ ଏକାଡେମୀ ଆନୁକୂଲ୍ୟରେ ପ୍ରଥମ ରାପିଡ୍ ଓ ବ୍ଲିଜ୍ ଚାମ୍ପିଅନସିପ୍ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ୬ଜଣ ଖେଳାଳି ୫ ରାଉଣ୍ଡରୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ଆଇଏମ୍ ସମ୍ବିତ ପଣ୍ଡା, ଏଫ୍‌ଏମ୍ ମହୀତୋଷ ଦେ', ଲଳିତରଞ୍ଜନ ସାହୁ, ଏଫ୍‌ଏମ୍ ରାଜେଶ ନାୟକ, ତପନ ବଡମୁଣ୍ଡି ଓ ସିଏମ୍ ହର୍ଷିତରଞ୍ଜନ ସାହୁ। ୪ର୍ଥ ରାଉଣ୍ଡରେ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟଙ୍କ ସହ ରାଜ୍ୟ ମହିଳା ଚେସ୍ ଚାମ୍ପିଅନ୍ ଯଶିତା ରାଉତ ମ୍ୟାଚ୍ ଡ୍ର ରଖି ଏକ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତା ଆରମ୍ଭ ହେବା ସହ ଓଡ଼ିଶାରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି।

ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ ଦୀପକ ରାଉତରାୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆଇଏମ୍ ତଥା ପ୍ରୋଚେଷ୍ଟାର ପ୍ରଶାସନ ସ୍ୱାଂଶୁ ସତ୍ୟପ୍ରାଜ୍ଞ, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧାଜିଲ୍ଲା ଚେସ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୨ଜଣ ଆଇଏମ୍, ୪ଜଣ ଏଫ୍‌ଏମ୍, ୫ଜଣ ସିଏମ୍‌ଙ୍କ ସହ ୨୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ଉଦ୍‌ଯାପିତ

# ଭୁବନେଶ୍ୱର ଦଳଗତ ଚାମ୍ପିଅନ

**ସମ୍ବଲପୁର, ୮।୧୧ (ସମିସ) :** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଡ. ଝସକେତନ ସାହୁ ସନ୍ତରଣାଗାରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସମସ୍ତ ଚାରୋଟି ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିଅନ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧନକଉଡ଼ା କରନ ଶର୍ମା, ଯୁଯୋମୁରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ ଲୁହା, ଅବସରପ୍ରାପ୍ତ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।



## ଏକାଠି ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ବାପ-ପୁଅ

**ବାଲି,ଇଣ୍ଡୋନେସିଆ,୮।୧୧(ଏଜେନ୍ସି):** ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ୍‌ରେ ଇତିହାସ ସୃଷ୍ଟି କରିଛନ୍ତି ତିମୋର-ଲେଷ୍ଟର ବାପ-ପୁଅ ଯୋଡି ସୁହେଲ ସତ୍ତାର ଓ ଯାହା ସୁହେଲ। ଏମାନେ ଇଣ୍ଡୋନେସିଆ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ କ୍ରିକେଟରେ ଏକାଠି ଖେଳିବାରେ ପ୍ରଥମ ବାପ-ପୁଅ ଯୋଡି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଇଣ୍ଡୋନେସିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବାପ ସତ୍ତାର ୧୪ ରନ୍ କରିଥିଲେ। ପୁଅ ସୁହେଲ ଗୋଟିଏ ବଲ୍‌ରେ ଛକା ମାରିଥିଲେ। ତାଙ୍କ ଦେଶ ୬୧ରେ ଅଲଆଉଟ ହେବା ପରେ ଇଣ୍ଡୋନେସିଆ ଏହି ମ୍ୟାଚ୍‌କୁ ୧୦ ୱିକେଟରେ ଜିତିଥିଲା।

**ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍**

## ଜଟଣୀ, ପୁରୀର ବୃହତ୍ ବିଜୟ




**ଭୁବନେଶ୍ୱର,୮।୧୧(ସମିସ):** ଏଠାରେ ଚାଲିଥିବା ରାଜ୍ୟ ବରିଷ୍ଠ ଥ୍ରୋବଲ ଚାମ୍ପିଅନସିପ୍‌ରେ ଜଟଣୀ ଓ ପୁରୀ ଦଳ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ କଟକ ୧୭-୧୬, ୧୫-୧୨ରେ କଳାହାଣ୍ଡିକୁ ଓ ଜଟଣୀ ୧୫-୨, ୧୫-୦ରେ ବୃହତ୍ ବିଜୟ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗରେ ପୁରୀ ୧୫-୨, ୧୫-୫ରେ କଟକକୁ ଓ ସୋଆ ବିଶ୍ୱବିଦ୍ୟାଳୟ ୧୫-୧, ୧୫-୬ରେ ସିୟୁଟିଏମ୍‌କୁ ପରାସ୍ତ କରିଛି। ପୂର୍ବରୁ ସୋଆ କ୍ୟାମ୍ପସ-୨ରେ ଏହି ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଥିଲା। ସୋଆର ଉପକୁଳପତି ଡ. ପିକେ ନନ୍ଦ ମୁଖ୍ୟ ଅତିଥି, ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଥ୍ରୋବଲ ସହକାରୀ ସମ୍ପାଦକ ଯଶୋବନ୍ତ ପରମଗୁରୁ ସଭା ପରିଚାଳନା, ଟେକ୍ନିକାଲ ମୁଖ୍ୟ ଦୀପ୍ତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣଜୀ ଟ୍ରଫି: ବିଦର୍ଭର ସମ୍ମାନ ରଖିଲା ଧ୍ରୁବଙ୍କ ଶତକ

# ଫାଇଦା ଉଠାଇପାରିଲାନି ଓଡ଼ିଶା

**ଭୁବନେଶ୍ୱର, ୮।୧୧ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ଓ ଓଡ଼ିଶା ମଧ୍ୟରେ ଶନିବାରଠାରୁ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ଆରମ୍ଭ ହୋଇଛି। ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚରେ ଘରୋଇ ବିଦର୍ଭ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ଇନିଂସରେ ୯୦ ଓଭରରେ ୫ ୱିକେଟ୍ ହରାଇ ୨୩୪ ରନ ସଂଗ୍ରହ କରିଛି। ଧ୍ରୁବ ସୋରେ ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳି ବିଦର୍ଭକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଭ୍ରମଣକାରୀ ଓଡ଼ିଶା ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲା।

ଏହି ମ୍ୟାଚରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ଦୁଇ ବୋଲର ରାଜେଶ ମହାନ୍ତି ଓ ତାପସ ଦାସ ମିଳିତ ଭାବେ ପ୍ରଥମ ୧୦ ଓଭରରେ ବିଦର୍ଭର ୩ ଆଗଧାଡ଼ିରଙ୍କୁ ୬ ରନରେ ଆଉଟ୍ କରି ଜବରଦସ୍ତ ଆରମ୍ଭ ଦେଇଥିଲେ। ଦୁଇ ଓପନର୍ ଅଥର୍ବ ତାଇଡେ (୧) ଓ ଇନଫର୍ମ ଅମନ ମୋଖାଡେ (୦) ରାଜେଶଙ୍କ ଶିକାର ବନିଥିଲେ। ସେହିଭଳି ପାର୍ଥ ରେଖାଡେ (୨)ଙ୍କୁ ତାପସ ଆଉଟ କରିଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ଧ୍ରୁବ ସୋରେ ଧୈର୍ଯ୍ୟର ସହ ବ୍ୟାଟିଂ କରିବା ସହ ଶତକ ହାସଲ କରି ଦଳକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଧ୍ରୁବ ୪ର୍ଥ ୱିକେଟ୍‌ରେ ଆର୍ ସମର୍ଥ (୪୯ ରନ)ଙ୍କ ସହ ୧୪୩ ଓ ୫ମ ୱିକେଟରେ ଯଶ ରାଥୋଡ (୩୮)ଙ୍କ ସହ ୮୭ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଖେଳ ଶେଷବେଳକୁ ଧ୍ରୁବ ୧୫୦ ବଲରେ ୧୨୮ ଓ ଅଧିନାୟକ ଅକ୍ଷୟ ୱାଦକର କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ରାଜେଶ ଓ ତାପସ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି। ସେହିଭଳି ଏଠାରେ ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିବା ସ୍ପିନର ଜାମଲା ମହାପାତ୍ରଙ୍କୁ ଅନ୍ୟ ୱିକେଟଟି ମିଳିଛି।


ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS